

ରୋମାନିଆରେ ଫୁଟବଲ୍ ଖେଳିବେ ହର୍ଷିକା

▶ପୃଷ୍ଠା ୧୨ ଦେଖନ୍ତୁ...



◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-36 ◆WEDNESDAY ◆30 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୬ ◆ବୁଧବାର ◆୩୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପହିଲାରୁ ୨୦୦ ଦେଶକୁ 'ଟ୍ରମ୍ପ ଶୁଳ୍କ'



■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅଗଷ୍ଟ ପହିଲାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୨୦୦ ଦେଶ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି । ସେହି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛନ୍ତି ଯେଉଁମାନଙ୍କର ଆମେରିକା ସହିତ ପୃଥକ ବାଣିଜ୍ୟ ଚୁକ୍ତି ନାହିଁ। ଏପରି ଦେଶଗୁଡ଼ିକ ଉପରେ ୧୫ରୁ ୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା ରହିଛି । ଆମେରିକା ସହ ପୃଥକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ନ କରୁଥିବା ଅଧିକାଂଶ ବାଣିଜ୍ୟିକ ଅଂଶୀଦାରଙ୍କୁ ଶୀଘ୍ର ଆମେରିକାକୁ ରପ୍ତାନି ଉପରେ ୧୫%ରୁ ୨୦% ଶୁଳ୍କ ଲାଗୁ କରାଯିବ । ଏହା ଏପ୍ରିଲରେ ଟ୍ରମ୍ପ୍ ଲଗାଇଥିବା ୧୦% ଶୁଳ୍କ ଅପେକ୍ଷା ବହୁତ ଅଧିକ । ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ପ୍ରଶାସନ ଖୁବ୍‌ଶୀଘ୍ର ପ୍ରାୟ ୨୦୦ ଦେଶକୁ ତାଙ୍କର ନୂତନ "ବିଶ୍ୱ ଶୁଳ୍କ" ହାର ବିଷୟରେ ସୂଚିତ କରିବ । ତେବେ ଭାରତ ସହ ବାଣିଜ୍ୟ ଶୁଳ୍କ କେତେ ରହିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ଲାଗୁ କରି ଦଶନ୍ଧି ଧରି ଚାଲିଥିବା ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଶୁକ୍ରବାରଠାରୁ ବ୍ରାଜିଲ ସମେତ କିଛି ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି ।

## ବ୍ୟାଙ୍କରେ ୬୭ ହଜାର କୋଟି; ନାହାନ୍ତି ଦାବିଦାର

■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ସମ୍ପ୍ରତି ଦେଶର ବିଭିନ୍ନ ବ୍ୟାଙ୍କଗୁଡିକରେ ବଢ଼ିବାରେ ଲାଗିଛି ଦାବିଦାର ନ ଥିବା ଜମା ଅର୍ଥ ପରିମାଣ । ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ପଡିରହିଥିବା ୬୭ ହଜାର କୋଟି ମୂଲ୍ୟର ଜମା ଅର୍ଥର କୌଣସି ଦାବିଦାର ନାହାନ୍ତି । ସବୁଠାରୁ କୌତୂହଳର ବିଷୟ ହେଉଛି ଯେ ଏହି ଜମା ଅର୍ଥରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସର୍ବାଧିକ ୨୯ ପ୍ରତିଶତ ଅଂଶ ରହିଛି । ନିକଟରେ ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ରିଜର୍ଭ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ୫୮,୩୩୦.୨୬ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମାରାଶି ଥିଲା, ଯେତେବେଳେ କି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୮୬୭୩.୭୨ କୋଟି ଟଙ୍କାର ଅଘୋଷିତ ଜମା ଅର୍ଥ ପଡିରହିଥିଲା । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ ୧୯୩୨୯.୯୨ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମା ସହିତ ତାଲିକାର ଶୀର୍ଷରେ ଅଛି । ଏହା ପଛକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୬୯୧୦.୬୭ କୋଟି ▶ପୃଷ୍ଠା-୭




## ଅଥାକାଠିରେ ସରକାର

### ଚାଉଳ ଉଠାଇବାକୁ ଏଫ୍‌ସିଆଇ କୁଣ୍ଠକୁଣ୍ଠ

## କେଉଁଠି ରଖିବେ ୧୨ଲକ୍ଷ ଟନ୍

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ସବୁଦିଗରୁ ଓଡ଼ିଶା ଲାଭବାନ ହେବ ବୋଲି ବିଜେପି ନେତାମାନେ ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଡବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡବଲ ଲାଭ ମିଳିବା ତ ଦୂରର କଥା, ଓଲଟି ଓଡ଼ିଶା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି କମିଛି । ଆନ୍ଧ୍ର, ବିହାର ପରି ରାଜ୍ୟକୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସହାୟତା ଦେଇଥିବାବେଳେ ଓଡ଼ିଶାର ଭାଗ କମିଛି। ବିଡ଼ମ୍ବନା ହେଉଛି ଓଡ଼ିଶା ଅଧିକ ସହାୟତା ଓ ବିଶେଷ ସହାୟତା ପାଇବା ତ ଦୂରର କଥା, ଓଲଟି ନିଜ ହକ୍‌ରୁ ବଞ୍ଚିତ ହୋଇଛି । ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ (ଭାରତୀୟ ଖାଦ୍ୟ ନିଗମ)ର ମନମାନି ଏହାର ସଦ୍ୟତମ ଉଦାହରଣ । ରାଜ୍ୟ

### ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିଲେନି, ଏବେ ଦାବିକଲେ ଉପମୁଖ୍ୟମନ୍ତ୍ରୀ

### ପୂର୍ବରୁ ମଧ ଅନୁରୂପ ଦାବି କରିଥିଲେ ତତ୍କାଳୀନ ବିଜେଡି ସରକାର

ସରକାରଙ୍କ କ୍ରମାଗତ ଦାବି ସା‌ତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଗତ ବିଜେଡି ସରକାର ସମୟରେ ଏଫ୍‌ସିଆଇ ଓଡ଼ିଶାରୁ ଚାଉଳ ଉଠାଇବାକୁ କୁଣ୍ଠକୁଣ୍ଠ ହେଉଥିଲା। ଏନେଇ ବିଜେଡି ସଡ଼କଠାରୁ ସଂସଦ ଯାଏଁ ନିଜର ପ୍ରତିବାଦ ଜାରି ରଖିଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବରଂ ପରିସ୍ଥିତି ଅଧିକ ଖରାପ ହୋଇଛି। ଖରିଫ ଓ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇନାହିଁ। ଯାହା ଫଳରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟା ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି ।

ରାଜ୍ୟ ବିଜେପି ସରକାର ପାଇଁ ଏଫ୍‌ସିଆଇର ମନମାନି ଅଜାଗା ଘା'ରେ ପରିଣତ ହୋଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀ ରାଜ୍ୟରୁ ଚାଉଳ ଉଠାଇବାକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ବା ଏଫ୍‌ସିଆଇ ଏ ସମ୍ପର୍କରେ ନିରବ ରହିଛି। ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସେ ସାକ୍ଷାତ କରି ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ▶ପୃଷ୍ଠା-୭

## ସଂସଦରେ 'ସିନ୍ଦୂର' ଝଡ଼





### ମଧ୍ୟସ୍ଥତା କରିନାହିଁ ଆମେରିକା: ପ୍ରଧାନମନ୍ତ୍ରୀ

### ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ ମୋଦୀ: ରାହୁଲ


■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି ଭାରତ। ଭାରତ ଏଭଳି ଜବାବ ଦେଇଛି ଯେ ଆତଙ୍କବାଦର ମାଷ୍ଟରମାଇଣ୍ଡ ଶାନ୍ତିରେ ଶୋଇପାରିବେ ନାହିଁ। ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟିଆ ଆଲୋଚନାର ଉତ୍ତର ଦେଇ ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂରକୁ ଅଟକାଇବା ଲାଗି ବିଶ୍ୱର କୌଣସି ନେତା ଆମ ଉପରେ ଚାପ ପକାଇନଥିଲେ । ଅସ୍ତ୍ରବିରତି ଲାଗି ଆମେରିକା ମଧ୍ୟସ୍ଥତା କରିନାହିଁ। ଏହାକୁ ନେଇ ଆସୁଥିବା ରିପୋର୍ଟକୁ ଖଣ୍ଡନ କରି ସେ କହିଲେ ଯେ ଆମେରିକାର ଉପରାଷ୍ଟ୍ରପତି ଭାନ୍ସଙ୍କୁ ଆମେ ଜଣାଇଦେଇଥିଲୁ ଯେ ଭାରତ ଉପରେ ପାକିସ୍ତାନ ଆକ୍ରମଣ କଲେ ଆମେ ଏହାର ଭୟଙ୍କର ଜବାବ ଦେବୁ ।

ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ପ୍ରଶଂସା କରି ସେ କହିଲେ ଯେ ପାକିସ୍ତାନକୁ ଉଚିତ ଶିକ୍ଷା ଦିଆଯାଇଛି । ଆମର ସେନା ▶ପୃଷ୍ଠା-୭

## ଶ୍ରୀମନ୍ଦିର ଭିତରୁ ଧରାପଡ଼ିଲେ ଯୁବକ

## ଚଷମାରେ ଗୁପ୍ତ କ୍ୟାମେରା





■ ଅଣ୍ଡରଟେକିଂ ଲେଖିବା ପରେ ଛାଡ଼ିଲା ପୁଲିସ

■ ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ: ମନ୍ତ୍ରୀ

■ **ପୁରୀ, ୨୯।୭ (ସମିସ):** ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି । ହେଲେ ବାସ୍ତବତା କିନ୍ତୁ ଭିନ୍ନ। ମଙ୍ଗଳବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି। ସମ୍ପୃକ୍ତ ଯୁବକ ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି । ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତରର ଫଟୋ ଏବଂ ଭିଡିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି । ମଙ୍ଗଳବାର ପୂର୍ବାହ୍ଣରେ ସ୍ଥାନୀୟ ଗଜପତି ନଗରର ଜଣେ ଯୁବକ ଚଷମାରେ ଗୁପ୍ତ କ୍ୟାମେରା ଖଞ୍ଜି ▶ପୃଷ୍ଠା-୭

## ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ

### ବ୍ୟାଙ୍କକରୁ ଭୁବନେଶ୍ୱର ଆଣୁଥିଲେ ୩ ଯୁବକ

### ୩ଟି ବ୍ୟାଗରେ ଭର୍ତ୍ତି କରି ମାରିଜୁଆନା ଆଣୁଥିଲେ

### ପୂର୍ବରୁ ବିମାନବନ୍ଦରରୁ ୩ଥର ଧରାପଡ଼ିଥିଲା ମାରିଜୁଆନା



■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ବଢ଼ୁଛି ବିଦେଶୀ ନିଶା ମାରିଜୁଆନା(ବିଦେଶୀ ଗଞ୍ଜେଇ)ର ଚାହିଦା। ବାରମ୍ବାର ବିମାନବନ୍ଦରରୁ ଜବତ ହେବା ତାହା ଦର୍ଶାଉଛି। ଆଜି ପୁଣି ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଛି। ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି। ମାରିଜୁଆନା ଚାଲାଣ କରୁଥିବା ୩ଜଣ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି। ଏମାନେ ସମସ୍ତେ ଉତ୍ତରପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହଯାଉଛି । ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ। ▶ପୃଷ୍ଠା-୭

### ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା

## ଉଦ୍ଧାର କରିବାକୁ ଯାଇ ଭାସିଗଲେ ଦୀନବନ୍ଧୁ



■ **ପଟ୍ଟାମୁଣ୍ଡାଇ/ମାଳିପୁର, ୨୯।୭ (ସମିସ):** ଯୁବକଙ୍କୁ ଉଦ୍ଧାର କରିବାକୁ ଯାଇ ବନ୍ୟାଜଳରେ ଭାସିଗଲେ ବୃଦ୍ଧ। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଶ୍ରୀରାମପୁର ପଞ୍ଚାୟତର ପାଳପାଟଣା ଗ୍ରାମରେ ଆଜି ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ଗ୍ରାମର ଦୀନବନ୍ଧୁ ଧଳ(୬୨) । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆଜି ଅପରାହ୍ଣ ପ୍ରାୟ ୨ଟାରେ ଗ୍ରାମର ପ୍ରତାପ ସାହୁ (୫୧) ବାଇକ୍‌ରେ ବନ୍ୟାଜଳରେ ବୁଡ଼ି ରହିଥିବା ରାସ୍ତା ପାର ହେଉଥିବା ବେଳେ ସୁଅରେ ବାଇକ୍ ସହ ଭାସିଯାଇଥିଲେ। ଏହା ଦେଖି ଦୀନବନ୍ଧୁ ପାଣିକୁ ଡେଇଁ ତାଙ୍କୁ ଠେଲିଠେଲି କୂଳରେ ଲଗାଇ ଦେଇଥିଲେ। କିନ୍ତୁ ଦୀନବନ୍ଧୁ ହାଲିଆ ହୋଇପଡ଼ିବାରୁ ପାଣି ସୁଅ ତାଙ୍କୁ ଭସାଇ ନେଇଥିଲା ଓ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏକ ଡଙ୍ଗାରେ ବସି ତାଙ୍କୁ ବହୁ ଖୋଜାଖୋଜି କରିବା ପରେ ଘଟଣାସ୍ଥଳଠାରୁ କିଛି ଦୂରରେ ତାଙ୍କ ଶବ ପାଇଥିଲେ । ଖବର ପାଇ କେନ୍ଦ୍ରାପଡ଼ା ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ, ଡାମରପୁର ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀନବନ୍ଧୁଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ପଠାଯାଇଥିଲା । ଦୀନବନ୍ଧୁ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ବ୍ରାହ୍ମଣୀରେ ଦ୍ୱିତୀୟଥର ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ଧୋୟା ଅଞ୍ଚଳର ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହାସହ ଦୀନବନ୍ଧୁକୁ ମିଶାଇ ଚଳିତ ବର୍ଷ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୨କୁ ବୃଦ୍ଧି ପାଇଛି । ବ୍ରାହ୍ମଣୀରେ ଆସିଥିବା ପ୍ରଥମ ବନ୍ୟାରେ ବଳଭଦ୍ରପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗ୍ରାମର ଯୁବକ ମନୋଜ କୁମାର ଦାଶ(୪୦)ଙ୍କର ମୃତ୍ୟୁ ଘଟିଥିଲା ।






## ବିମାନରେ ଧାର୍ମିକ ସ୍ଲୋଗାନ ଦେଇ ଭାରତୀୟ ଗିରଫ

ଗ୍ଲାସଗୋ, ୨୯।୭ (ଏଜେନ୍ସି): ବିମାନରେ ବୋମା, ଆମେରିକା ରାଷ୍ଟ୍ରପତିଙ୍କୁ ହତ୍ୟା ଧମକ ଏବଂ 'ଆଲ୍ଲା ହୁ ଆକବର' ସ୍ଲୋଗାନ ଦେଇଥିବା ଭାରତୀୟ ନାଗରିକ ଅଭୟ ନାୟକଙ୍କୁ ଗିରଫ କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହୋଇଥିଲା। ସ୍କଟ୍‌ଲାଣ୍ଡର ଗ୍ଲାସଗୋ ବିମାବନ୍ଦରରୁ ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି। ତେବେ ତାଙ୍କ ବିରୋଧରେ ଆତଙ୍କବାଦର ଦଫା ଲଗାଯାଇ ନାହିଁ। ସେ ରବିବାର ଇଜିଜେଟ୍ ବିମାନରେ ଇଂଲଣ୍ଡର ଲ୍ୟୁଟନରୁ ଗ୍ଲାସଗୋ ଯାଉଥିଲେ। ଭିଡିଓରେ ସହଯୋଗୀ ଯାତ୍ରୀ ଅଭୟଙ୍କୁ ଧରି ଅଟକାଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ସ୍କଟଲାଣ୍ଡ ଗସ୍ତରେ ଯାଇଥିବାବେଳେ ଏହି ଘଟଣା ଘଟିଛି।

## ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଲେ ୬ କାଉଡ଼ିଆ

ଦେଓଘର, ୨୯।୭ (ଏଜେନ୍ସି): ଝାଡ଼ଖଣ୍ଡ ଦେଓଘରର ଜାମୁନିଆ ଅନ୍ତର୍ଗତ ନାୱାକୁରା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ୬ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି। ୨୪ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ଗୋଡା ସାଂସଦ ନିଶିକାନ୍ତ ଦୁବେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୧୮ ଜଣଙ୍କ ଜୀବନ ଯାଇଥିବା କହିଛନ୍ତି। ଡ୍ରାଇଭର ସୁବାଷ ତୁରିଙ୍କ ଆଖି ଲାଖି ଯିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଏହି ଘରୋଇ ବସ୍‌ରେ କାଉଡିଆ ଦେଓଘରରୁ ବାବା ବୈଦ୍ୟନାଥଙ୍କ ଧାମକୁ ଯାଉଥିଲେ। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଡ୍ରାଇଭର ସିଟ୍ ସହିତ ଆସି ତଳେ ପଡ଼ିଥିଲେ। ପରେ ବସ୍ ବିନା ଡ୍ରାଇଭରରେ ଆହୁରି ୨୦୦ ମିଟର ଆଗକୁ ପଳାଇ ଥିଲା। ଇଟା ଗଦା ସହ ମାଡ଼ ହୋଇ ରହିଥିଲା। କାଉଡ଼ିଆଙ୍କ ସାମଗ୍ରୀ ବସ୍‌ରେ ଓହଳି ଥିବା ଦେଖାଯାଉଛି। ଏହି କାଉଡିଆ ବିହାରର ବାସିନ୍ଦା ଥିଲା। ଶ୍ରାବଣୀ ମେଳାରେ ଯୋଗଦେବାକୁ ଯାଉଥିଲେ। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ନ୍ୟୁୟର୍କରେ ୫ ଜଣଙ୍କୁ ହତ୍ୟା

ନ୍ୟୁୟର୍କ, ୨୯।୭ (ଏଜେନ୍ସି): ଆମେରିକା ନ୍ୟୁୟର୍କ ସହରର ମିଡଟାଉନ ମ୍ୟାନହଟନ ସ୍ଥିତ ଏକ ଅଫିସ କୋଠାରେ ଗୁଳିକାଣ୍ଡ ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ପାର୍କ ଆଭିନ୍ୟୁର ହାଇପ୍ରୋଫାଇଲ କୋଠାରେ ପଶି ଅତର୍କିତ ଗୁଳିମାଡ଼ କରିଛି। ଜଣେ ପୁଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ଜୀବନ ନେଇ ଆକ୍ରମଣକାରୀ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଛି। ତା' ନିକଟରୁ ଲସ୍ ଭେଗାସର 'କନ୍‌ସିଲ୍ଡ କ୍ୟାରି ପରମିଟ' ଜବତ କରାଯାଇଛି। ଏ ପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡ଼ି ନାହିଁ।

## ଜେଲ୍‌ରେ ଆକ୍ରମଣ; ୧୭ ନିହତ

କିଭ, ୨୯।୭ (ଏଜେନ୍ସି): ରୁଷ୍ ମଙ୍ଗଳବାର ୟୁକ୍ରେନର ବିଲେନକିସ୍କା ଜେଲ୍ ଉପରେ ଆକାଶ ମାର୍ଗରୁ ଚାରୋଟି ଗାଇଡେଡ ବୋମା ମାଡ଼ କରିଛି। ଏଥିରେ ୧୭ କଏଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ଜେଲ୍‌ର ଡାଇନିଂ ହଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ୟୁକ୍ରେନର ଅନେକ ସହରରେ ମଧ୍ୟ ରୁଷ୍ ଆକ୍ରମଣ କରିଛି। ଏଥିରେ ଗୋଟିଏ ତିନି ମହଲା ବିଶିଷ୍ଟ କୋଠା ଧ୍ୱଂସ ହୋଇ ୨ ଜଣଙ୍କ ଜୀବନ ଯାଇଛି। ଗର୍ଭବତୀଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ଆଇଏଏସ୍ ଅଧିକାରୀଙ୍କୁ ବସ୍ ଉଠ କରାଇଲେ ଓକିଲ

ଲକ୍ଷ୍ନୌ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ଶାହାଜାହାଁପୁରରେ ଓକିଲମାନେ ନୂଆ ଦାୟିତ୍ୱ ଗ୍ରହଣ କରିଥିବା ଆଇଏଏସ ଅଧିକାରୀ ରିଙ୍କୁ ସିଂହ ରାହିଙ୍କୁ କାନ ଧରି ବସ୍ ଉଠ କରାଇଛନ୍ତି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ସେ ମଙ୍ଗଳବାର ଦ୍ୱିପହରେ ଜଣେ ଓକିଲଙ୍କ ଆକାଉଣ୍ଟାଣ୍ଟଙ୍କୁ ପୱାୟାଁ ତହସିଲ ପରିସର ଭିତରେ ଥିବା ଖୋଲାସ୍ଥାନରେ ପରିସ୍ରା କରୁଥିବା ଦେଖିଥିଲେ। ପରେ ଅଧିକାରୀ ତାଙ୍କୁ ବସ୍‌ଉଠ କରାଇ ଥିଲେ। ଏହା ଜାଣିବା ପରେ ଓକିଲ କ୍ଷୁବ୍ଧ ହୋଇ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲେ। ଏଥିଯୋଗୁଁ ଶ୍ରୀ ସିଂହଙ୍କୁ ବସ୍‌ଉଠ ହେବାକୁ ପଡ଼ିଥିଲା। ନିୟମ ସମସ୍ତଙ୍କ ପାଇଁ ସମାନ। ସେ ନିଜେ ବି ବାହାରେ ପରିସ୍ରା କରିବେ ନାହିଁ ବୋଲି କହିଥିଲେ। ସୂଚନା ଅନୁଯାୟୀ ରିଙ୍କୁ ସିଂହ ମଥୁରାର ଯୁଗ୍ମ ମାଜିଷ୍ଟ୍ରେଟ ଥିଲେ। ସେ ଆଜି ହିଁ ପୱାୟାଁ ଏସ୍‌ଡିଏମ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ମାଟି ଖାଇ ୨୪ କ୍ୟାରେଟ ସୁନା ଦେବ ଜୀବାଣୁ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ପୃଥିବୀର ସବୁଠୁ ଗଭୀର ଏବଂ ବିଷାକ୍ତ କୋଣରେ ବାସ କରୁଥିବା ଏକ ସୂକ୍ଷ୍ମ ଜୀବକୁ ଠାବ କରିଛନ୍ତି। ଅନ୍ୟ କେହି ତିଷ୍ଠି ପାରୁ ନ ଥିବା ସ୍ଥାନରେ ରହୁଥିବା ଏହି ଜୀବାଣୁ ସୁନା ଦର ହ୍ରାସ କରିବାରେ ସହାୟକ ହେବ। କାରଣ ଏହି ଜୀବାଣୁ ମାଟି ଖାଇ ୨୪ କ୍ୟାରେଟ ସୁନା ହଗୁଛି। ଏହାର ନାମ 'କବ୍ରିଏଭିଡସ ମେଟାଲିଡୁ୍ୟରନ୍ସ'। ଏହା ବିଷାକ୍ତ ମାଟିରେ ରହୁଛି। ଏହା ନିଜ ଭିତରେ ଏଭଳି ଏକ ରାସାୟନିକ ପ୍ରକ୍ରିୟା କରୁଛି ଯାହା ବିଷାକ୍ତ ଭାରି ଧାତୁକୁ ଖାଇ ୨୪ କ୍ୟାରେଟ ସୁନା ଏବଂ ତମ୍ବା କଣିକାରେ ପରିଣତ କରିଦେଉଛି। ପରେ ଏହାକୁ ବାହାରକୁ ଛାଡ଼ି ଦେଉଛି। ଏହି ଜୀବାଣୁର ସନ୍ଧାନ କରିଥିବା ଟିମ୍‌ରେ ଅଷ୍ଟ୍ରେଲିଆ ଏବଂ ଜର୍ମାନୀ ଗବେଷକ ସାମିଲ ଅଛନ୍ତି। ଏହି ଜୀବାଣୁ ସୁନା ଖଣିର ରୂପରେଖକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦେବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ଏବେ ସୁନା ଖଣି ଦ୍ୱାରା ପରିବେଶର ଅଶେଷ କ୍ଷତି ହେଉଛି। ଏହି ଜୀବାଣୁ ମାଧ୍ୟମରେ କମ୍ ପ୍ରଦୂଷଣରେ ଶସ୍ତାରେ ସୁନା ବାହାର କରାଯାଇପାରିବ। ଏହା ଇଲେକ୍‌ଟ୍ରୋନିକ ଆବର୍ଜନା ଏବଂ ଖଣିରେ ରହି ସୁନା ବାହାର କରିବାରେ ସହାୟକ ହେବ।

# ବୋଇଂରେ ପୁଣି ଆତଙ୍କ

**ଆମେରିକା ବିମାନରୁ ଆସିଲା 'ମେଡେ' କଲ୍**

**ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏହି ମଡେଲର ବିମାନ**

ୱାସିଂଟନ, ୨୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୦ ଜଣଙ୍କ ଜୀବନ ନେଇଥିଲା। ଏହି ମାମଲାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆମେରିକା ଗଣମାଧ୍ୟମ ପାଇଲଟଙ୍କ ଉପରେ ଦୋଷ ଦେବାରେ ଲାଗିଥିଲା। ପୂର୍ବରୁ ଏହି ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ବିଶେଷଜ୍ଞ ପ୍ରଶ୍ନ ଉଠାଇ ଥିଲେ। ଖୋଦ୍ ବୋଇଂର ପୂର୍ବତନ କର୍ମଚାରୀ ବିମାନର ନିର୍ମାଣ ଶୈଳୀ ଏବଂ ମାନକୁ ଖରାପ କହିଥିଲେ। ଏବେ ଆମେରିକାରେ ଆଉ ଏକ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନକୁ ନେଇ



ଆତଙ୍କ ସୃଷ୍ଟି ହୋଇଛି। ୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଏହି ବିମାନର ବାମ ଇଞ୍ଜିନ କାମ କରିବା ବନ୍ଦ କରିଦେଇଛି। ଏହା ଜାଣିବା ପରେ ପାଇଲଟ ଏମର୍ଜେନ୍ସି 'ମେଡେ' କଲ୍ ଦେଇଛନ୍ତି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ପାଇଲଟ ସୂଚନା ଦେବା ସତ୍ତ୍ୱେ ୨ ଘଣ୍ଟା ୩୮ ମିନିଟ ପର୍ଯ୍ୟନ୍ତ ବିମାନ ଆକାଶରେ ରହିଥିଲା। ଏହା ପରେ ଜରୁରୀ ଅବତରଣ କରିଥିଲା। ଗତ ୨୫ ତାରିଖରେ ଏହି ଅଘଟଣ ଘଟିଥିବାବେଳେ ମଙ୍ଗଳବାର ଏହା ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ କ୍ରୁ ସଦସ୍ୟ ଏମର୍ଜେନ୍ସି ଘୋଷଣା କରିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶି ଯାଇଥିଲା। ସେମାନେ ଭୟରେ ଥରହର ହେଉଥିଲେ। ତେବେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ କୁହାଯାଇଥିଲା। ଫ୍ଲାଇଟ ଆୱେର ମତାବକ ୬ ହଜାର ଫୁଟରେ ଥିବାବେଳେ ପାଇଲଟ ଇନ୍ଧନ ଖାଲି କରିବାକୁ ଏଟିସିକୁ ଅନୁମତି ମାଗିଥିଲେ। ଅନ୍ୟ ବିମାନଠାରୁ ସୁରକ୍ଷିତ ଦୂରତ୍ୱ ରଖିବା ଲାଗି ଏଟିସି ପାଇଲଟଙ୍କୁ ପରାମର୍ଶ ଦେଇଥିଲେ। ଓଜନ କମ୍ କରିବା ପାଇଁ ବିମାନ ଅଢେଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ୱାସିଂଟନର ଉତ୍ତର-ପଶ୍ଚିମରେ ଘୂରି ବୁଲି ଥିଲା। ଏହା ପରେ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ) ସହାୟତାରେ ଅବତରଣ ଲାଗି ପାଇଲଟ ଅନୁମତି ମାଗିଥିଲେ। ୱାସିଂଟନର ଡଲେସ ବିମାନବନ୍ଦରରେ ଅବତରଣ ପରେ ଖରାପ ଇଞ୍ଜିନ ଯୋଗୁଁ ବିମାନ ଆପେ ଆପେ ରନୱେରୁ ହଟିପାରି ନ ଥିଲା। ଏହାକୁ ଟାଣି ଟାଣି ହଟା ଯାଇଥିଲା। ସୋମବାର ପର୍ଯ୍ୟନ୍ତ ଏହି ବିମାନ ବିମାନବନ୍ଦରରେ ଛିଡ଼ା ହୋଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ୟୁନାଇଟେଡ ଏୟାରଲାଇନ୍ସ ଏବଂ ବିମାନ ଅଧିକାରୀ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ଶନିବାର ଆମେରିକାର ଡେନ୍‌ଭର ବିମାନବନ୍ଦରରେ ଆମେରିକାନ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ-୮ ବିମାନର ଲ୍ୟାଣ୍ଡିଂ ଗିୟର ଫେଲ୍ ହୋଇ ଯାଇଥିଲା। ଏଥିଯୋଗୁଁ ବିମାନର ପଛ ଭାଗରେ ନିଆଁ ଲାଗି ଯାଇଥିଲା। ଯାତ୍ରୀଙ୍କୁ ଏମର୍ଜେନ୍ସି ସ୍ଲାଇଡର ଦେଇ ବାହାରିବାକୁ ପଡ଼ିଥିଲା।

**ବିହାର ଏସ୍‌ଆଇଆର୍ ମାମଲା**

## ଅଧିକ ଭୋଟରଙ୍କ ନାମ କଟିଲେ ହସ୍ତକ୍ଷେପ କରିବୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାରୁ ଯଦି ଅଧିକ ଭୋଟରଙ୍କୁ ବାଦ୍ ଦିଆଯାଏ ତେବେ ମାମଲାରେ ହସ୍ତକ୍ଷେପ କରିବୁ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ



କହିଛନ୍ତି। ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି। ଏସ୍‌ଆଇଆର୍ ବିରୋଧରେ ଦାଏର ଆବେଦନରେ କୁହାଯାଇଥିଲା ଯେ ୬୫ ଲକ୍ଷ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଏମାନଙ୍କ ମଧ୍ୟରୁ କିଛି ନିଜ ଘର ଛାଡ଼ି ଅନ୍ୟ କେଉଁଆଡେ ପଳାଇଛନ୍ତି ଏବଂ ଅନ୍ୟମାନେ ପ୍ରାଣ ହରାଇଥିବା କୁହାଯାଇଛି। ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ଯେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମାମଲା ଉପରେ ଦୃଷ୍ଟି ରଖିଛନ୍ତି। ତାଲିକାରୁ ବିପୁଳ ସଂଖ୍ୟକ ଭୋଟରଙ୍କୁ ବାଦ୍ ଦେଲେ କୋର୍ଟ ତୁରନ୍ତ ହସ୍ତକ୍ଷେପ କରିବେ। ମୃତ କହି ଭୋଟର ତାଲିକାରୁ ନାମ କାଟି ଦିଆଯାଇଥିବା ଏଭଳି ୧୫ ଜୀବିତ ଲୋକଙ୍କୁ ଆଣି କୋର୍ଟକୁ ଆସନ୍ତୁ ବୋଲି ଆବେଦନକାରୀଙ୍କୁ କହିଥିଲେ। ଏହା ପୂର୍ବରୁ ସୋମବାର କୋର୍ଟ ଏସଆଇଆର ପ୍ରକ୍ରିୟାରେ କଟକଣା ଲଗାଇବାକୁ ମନା କରିଥିଲେ। ତ୍ରୁଟି ରହିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ବୋଲି ଆବେଦନକାରୀ ଏଡିଆରକୁ କହିଥିଲେ।

**ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲା**

# ଅଗଷ୍ଟ ୧୯ରେ ରାଷ୍ଟ୍ରପତିଙ୍କ ମତାମତ ଉପରେ ଶୁଣାଣି

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିଧାନସଭାରେ ପାରିତ ବିଲ୍‌କୁ ଅନୁମୋଦନ ନେଇ ସୁପ୍ରିମକୋର୍ଟ ଏପ୍ରିଲ ୮ରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଲାଗି କଣ୍ଟ ଧାର୍ଯ୍ୟ କରିଥିଲେ। ପରେ ଗତ ମେ' ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ମତାମତ ଲୋଡ଼ିଥିଲେ। ସୁପ୍ରିମକୋର୍ଟ ଅଗଷ୍ଟ ୧୯ରୁ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଏ ଏସ ଚନ୍ଦୂରକରଙ୍କ ଖଣ୍ଡପୀଠ



ଏ ନେଇ ଅଗଷ୍ଟ ୧୨ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଲିଖିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଠିକ୍ ସମୟରେ ମତାମତ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୧୯ ତାରିଖରେ ପ୍ରଥମେ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ପ୍ରଶ୍ନ ଉଠାଇ କେରଳ ଏବଂ ତାମିଲନାଡୁ ସରକାର ଦାଖଲ କରିଥିବା ଆବେଦନ ଉପରେ ଘଣ୍ଟାଏ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାଷ୍ଟ୍ରପତିଙ୍କ ସୁପାରିସ ସମର୍ଥନ କରୁଥିବା କେନ୍ଦ୍ର ଏବଂ ଅନ୍ୟ ରାଜ୍ୟର ଆବେଦନ ଉପରେ ଅଗଷ୍ଟ ୧୯, ୨୦, ୨୧ ଓ ୨୬ରେ ଏବଂ ବିରୋଧରେ ଦାଏର ଆବେଦନର ଶୁଣାଣି ଅଗଷ୍ଟ ୨୮, ସେପ୍ଟେମ୍ବର ୨,୩ ଓ ୯ ତାରିଖରେ କରାଯିବ। ଯଦି ଏହା ଉପରେ କୌଣସି ପ୍ରତ୍ୟୁତ୍ତର ଦେବାର ଥାଏ ତେବେ ଏହାର ଶୁଣାଣି ସେପ୍ଟେମ୍ବର ୧୦ରେ ହେବ। ଏହା ପୂର୍ବରୁ ଗତ ୨୨ ତାରିଖରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ ଯେ ରାଷ୍ଟ୍ରପତିଙ୍କ ସୁପାରିସ ସାରା ଦେଶ ଉପରେ ପ୍ରଭାବ ପକାଇବ।

ଏପ୍ରିଲ ୮ରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨କୁ ବ୍ୟବହାର କରି ବିଲ୍ ଉପରେ ଅନୁମୋଦନ ଲାଗି ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ନିମନ୍ତେ ୩ ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଧାରା ୧୪୩ (୧) ଆଧାରରେ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ରାୟ ମାଗିଥିଲେ। ରାଷ୍ଟ୍ରପତି-ରାଜ୍ୟପାଳଙ୍କ କ୍ଷମତା, ନ୍ୟାୟିକ ଦଖଲ ଏବଂ ସମୟସୀମା ଧାର୍ଯ୍ୟ କରିବା ଉପରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସମ୍ବିଧାନରେ ଏଭଳି କୌଣସି ବ୍ୟବସ୍ଥା ନ ଥିବାବେଳେ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ କେମିତି ରାଷ୍ଟ୍ରପତି-ରାଜ୍ୟପାଳଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିବାକୁ ନିଷ୍ପତ୍ତି ଦେଇପାରିବେ, ସୁପ୍ରିମକୋର୍ଟଙ୍କ ରାୟ ନେବା ରାଷ୍ଟ୍ରପତିଙ୍କ ପାଇଁ ବାଧ୍ୟତାମୂଳକ କି, ଧାରା ୧୪୨ ବ୍ୟବହାର କରି ସୁପ୍ରିମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ବଦଳାଇ ପାରିବେ କି, ରାଜ୍ୟପାଳଙ୍କ ଅନୁମୋଦନ ବିନା ବିଧାନସଭାରେ ପାରିତ ବିଲ୍ କାର୍ଯ୍ୟକାରୀ ହୋଇପାରିବ କି, ସମ୍ବିଧାନର ବାଖ୍ୟା ପାଇଁ ଉଦ୍ଦିଷ୍ଟ ମାମଲାକୁ ପାଞ୍ଚ ଜଣିଆ ଖଣ୍ଡପୀଠକୁ ପଠାଇବା ବାଧ୍ୟତାମୂଳକ କି, ସମ୍ବିଧାନ କିମ୍ବା ବର୍ତ୍ତମାନ ଆଇନ ସହ ମେଳ ଖାଉ ନ ଥିବା ନିର୍ଦ୍ଦେଶ ସୁପ୍ରିମକୋର୍ଟ ଦେଇପାରିବେ କି, ସୁପ୍ରିମକୋର୍ଟ ଏବଂ ରାଜ୍ୟ ମଧ୍ୟରେ ଥିବା ବିବାଦକୁ କେବଳ ସୁପ୍ରିମକୋର୍ଟରେ ସମାଧାନ କରାଯାଇପାରିବ କି ବୋଲି ରାଷ୍ଟ୍ରପତି ପଚାରି ଥିଲେ।

## ଚୀନ୍‌ରେ ସନ୍ତାନ ଜନ୍ମକଲେ ମିଳିବ ୧.୩୦ ଲକ୍ଷ



ବେଜିଂ, ୨୯।୭ (ଏଜେନ୍ସି): ଜନ୍ମହାର ହ୍ରାସକୁ ନେଇ ଚୀନ୍ ସରକାରଙ୍କ ନିଦ ହଜି ଯାଇଛି। ଆର୍ଥିକ ସ୍ଥିତି ଏବଂ ଅନ୍ୟ କୌଣସି କାରଣରୁ ବିବାହ କରିବାକୁ ଅମଙ୍ଗ ହେଉଥିବା ଯୁବ ପିଢିଙ୍କୁ ଆକୃଷ୍ଟ କରିବା ଲାଗି ସି ଜିନପିଙ୍ଗଙ୍କ ସରକାର ନିଆରା ପଦକ୍ଷେପ ନେଇଛନ୍ତି। ସନ୍ତାନ ଜନ୍ମ କଲେ ମାତାପିତାଙ୍କୁ ସରକାର ୧.୩୦ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ ଭାବେ ଜନ୍ମହାର ହ୍ରାସକୁ ନେଇ ଚିନ୍ତିତ ଚୀନ୍ ସରକାର ସନ୍ତାନ ଜନ୍ମ ପରେ ମାତାପିତାଙ୍କୁ କ୍ରମାଗତ ତିନି ବର୍ଷ ପର୍ଯ୍ୟନ୍ତ ୩୬୦୦ ୟୁଆନ (ପ୍ରାୟ ୪୪ ହଜାର ଟଙ୍କା) ପ୍ରଦାନ କରିବେ। ଏବେ ଚୀନ୍‌ର ୨୧ ପ୍ରତିଶତ ଲୋକଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ । ପ୍ରାୟ ଦଶନ୍ଧି ତଳେ ଚୀନ୍ ନିଜର ବିବାଦୀୟ ଏକ ସନ୍ତାନ ନୀତିକୁ ପ୍ରତ୍ୟାହାର କରି ନେଇଥିଲା। ଏହା ସତ୍ତ୍ୱେ ଜନ୍ମହାର ହ୍ରାସ ପାଇ ଚାଲିଥିଲା।

ବିଶ୍ୱର ବୃହତ୍ତ ରାଷ୍ଟ୍ରଙ୍କ ମଧ୍ୟରେ ଚୀନର ଜନ୍ମହାର ସବୁଠୁ କମ୍ ରହିଛି। ୨୦୧୬ରେ ଚୀନ୍‌ରେ ୧.୮ କୋଟି ଶିଶୁ ଜନ୍ମ ହୋଇଥିଲେ। ୨୦୨୩ରେ ଏହି ସଂଖ୍ୟା ୯୦ ଲକ୍ଷକୁ ଖସି ଆସିଥିଲା। କେବଳ ୭ ବର୍ଷରେ ଏହି କମ୍ୟୁନିଷ୍ଟ ରାଷ୍ଟ୍ରରେ ଜନ୍ମହାର ୫୦ ପ୍ରତିଶତ ହ୍ରାସ ପାଇଛି। ମୃତ୍ୟୁ ହାରଠାରୁ ଜନ୍ମ ହାର କମ୍ ଥିବାରୁ ମୋଟ ହ୍ରାସ ଧାରା ଜାରି ରହିଛି।

## ୨୨ ଅନାଥ ପିଲାଙ୍କୁ ପୋଷ୍ୟ କଲେ ରାହୁଲ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ପୁଞ୍ଚ ଜିଲ୍ଲାର ୨୨ ଅନାଥ ପିଲାଙ୍କୁ ସେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଏହି ସୂଚନା ଦେଇଛନ୍ତି। ରାହୁଲ ଏହି ପିଲାଙ୍କ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏହି ପିଲାମାନେ 'ଅପରେସନ ସିନ୍ଦୁର' ସମୟରେ ନିଜ ମାତାପିତାଙ୍କୁ ହରାଇଥିଲେ। ଏଲଓସିରେ ପାକିସ୍ତାନୀ ଗୁଳିମାଡ଼ରେ ଏହି ଶିଶୁଙ୍କ ମାତାପିତାଙ୍କ ଜୀବନ ଯାଇଥିଲା। ପୁଞ୍ଚ ଗସ୍ତ ସମୟରେ ରାହୁଲ ଏହି ପ୍ରଭାବିତ ପରିବାରଗୁଡ଼ିକୁ ଭେଟିଥିଲେ। ସେମାନେ ଅତି କଷ୍ଟରେ କାଳତିପାତ କରୁଥିବା ଦେଖିଥିଲେ। ଅର୍ଥାଭାବରୁ ତାଙ୍କ ପାଠପଢ଼ା ଉପରେ ବିପଦ ଦେଖା ଦେଇଥିଲା। ଏହା ଦେଖି ଏଭଳି ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାହୁଲ ଦଳୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଞ୍ଚ ଯାଇ ରାହୁଲ ଅନାଥ ପିଲାଙ୍କୁ ଭେଟୁଥିବା ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ସେତେବେଳେ ରାହୁଲ କହିଥିଲେ ଯେ ଏହି ପିଲାମାନଙ୍କ ଶିକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବରେ କିଛି କରିବାକୁ ଚାହୁଁଛନ୍ତି। ଏହା ପରେ କଂଗ୍ରେସ ନେତାମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୨ ପିଲାଙ୍କୁ ସାହାଯ୍ୟ ଦିଆଯିବ।

## ରାଜ୍ୟସଭାରେ ଖଡ୍‌ଗେ-ନଡ୍ଡା ମୁହାଁମୁହିଁ

ନୂଆଦିଲ୍ଲୀ, ୨୯।୭: ରାଜ୍ୟସଭାରେ ଆଜି ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଚାଲିଥିବା ବେଳେ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେପି ନଡ୍ଡା ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମୁହାଁମୁହିଁ ହୋଇଥିଲେ। ଅପରେସନ ସିନ୍ଦୂର ଉପରେ ଏକ ଘଣ୍ଟା ଧରି ତାଙ୍କର ମନ୍ତବ୍ୟ ରଖିବା ସମୟରେ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ସେ ଏମିତି କିଛି ଭାଷା ପ୍ରୟୋଗ କରିଥିଲେ, ଯାହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିଲେ ନଡ୍ଡା। ସେ ଖଡ଼ଗେଙ୍କୁ ସମାଲୋଚନା କରି କହିଥିଲେ ଯେ ଖଡ଼ଗେ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ନଡ୍ଡା ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ। କିନ୍ତୁ ନିଜ ମନ୍ତବ୍ୟରୁ ନଡ୍ଡା ନ ଓହରିବାରୁ ଖଡ଼ଗେ କହିଥିଲେ, ସେ ଗୃହରେ



ରାଜନାଥ ଓ ନଡ୍ଡାଙ୍କର ସମ୍ମାନ କରନ୍ତି। କାରଣ ସେମାନେ କେବେହେଲେ ଭାଷାରେ ସନ୍ତୁଳନ ହରାନ୍ତି ନାହିଁ। ଶେଷରେ ନଡ୍ଡା ତାଙ୍କର ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ଜଣେ ଅଭିଜ୍ଞ ଓ ଜ୍ଞାନୀ ଲୋକ। ବିଶ୍ୱର ଲୋକପ୍ରିୟ ନେତା ରୂପେ ପରିଚିତ ମୋଦୀଙ୍କ ପ୍ରତି ସେ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ତାଙ୍କର ମର୍ଯ୍ୟାଦା ଦୃଷ୍ଟିରୁ ଶୋଭା ପାଉନାହିଁ। ତେଣୁ ତାଙ୍କର ଏହି ମନ୍ତବ୍ୟକୁ ରାଜ୍ୟସଭାର ରେକର୍ଡରୁ ବାଦ୍ ଦିଆଯାଉ।

## ଷ୍ଟ୍ରେଚରରେ ଯୁବକଙ୍କ ଜୀବନ ଗଲା

**ଭାଙ୍ଗିଲାନି ଡାକ୍ତରଙ୍କ ନିଦ**

ମିରଟ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଈଶ୍ୱରଙ୍କ ଦ୍ୱିତୀୟ ରୂପ ଭାବେ ପରିଚିତ ଜଣେ ଡାକ୍ତରଙ୍କ ଅବହେଳା ପାଇଁ ଦୁର୍ଘଟଣା ପରେ ଚିକିତ୍ସା ନ ପାଇ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ଦୁର୍ଘଟଣା ସେତେ ଗୁରୁତର ନ ଥିଲା। ମାତ୍ର ଠିକ୍ ସମୟରେ ଚିକିତ୍ସା ମିଳି ପାରି ନ ଥିଲା। ଡାକ୍ତର ବାବୁ କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗି ନ ଥିଲେ। ଅନ୍ୟମାନେ ଯାଇ ଡାକି ଥିଲେ ମଧ୍ୟ ଶୁଣି ନ ଥିଲେ। ଫଳରେ ଷ୍ଟ୍ରେଚରରେ ପଡ଼ି ରହିଥିବା ଯୁବକଙ୍କ ଅଧିକ ରକ୍ତସ୍ରାବ ହୋଇଥିଲା। ଶେଷରେ ତାଙ୍କ ଜୀବନ ଦୀପ ଲିଭି ଯାଇଥିଲା। ଏହି ଅଭାବନୀୟ ଘଟଣା ମିରଟରେ ଥିବା ସରକାରୀ ଡାକ୍ତରଖାନାରେ ଘଟିଛି।



ସୂଚନା ଅନୁଯାୟୀ ରବିବାର ରାତି ୧ଟାରେ ଯୁବକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଲାଲା ଲଜପତ ରାୟ ମେମୋରିଆଲ ମେଡିକାଲ କଲେଜକୁ ନିଆ ଯାଇଥିଲା। ଜରୁରୀକାଳୀନ ୱାର୍ଡରେ ତାଙ୍କୁ ଭର୍ତ୍ତି କରା ଯାଇଥିଲା। ଏହା ପରେ ବି ଡାକ୍ତର ଭୂପେଶ କୁମାର ରାଏ ଚିକିତ୍ସା କରିବାକୁ ଆସି ନ ଥିଲେ। ପରିବାର ଲୋକେ ଅନେକ କାକୁତିମିନତି ହୋଇଥିଲେ ବି କେହି ତାଙ୍କ ଗୁହାରି ଶୁଣି ନ ଥିଲେ। କିଛି ଘଣ୍ଟା ପର୍ଯ୍ୟନ୍ତ ଯୁବକ ସେମିତି ରକ୍ତାକ୍ତ ଅବସ୍ଥାରେ ୱାର୍ଡର ଷ୍ଟ୍ରେଚରରେ ପଡ଼ି ରହିଥିଲେ। ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁବକଙ୍କ ପରିବାର ଲୋକେ ଡାକ୍ତର ବାବୁ ଶୋଇଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହାକୁ ଅଧାର କରି ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି।

## ୟେମେନରେ ନିମିଷା ପ୍ରିୟାଙ୍କ ଫାଶୀକୁ ନେଇ ସଂଶୟ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ହତ୍ୟା ମାମଲାରେ ୟେମେନ ଜେଲ୍‌ରେ ବନ୍ଦୀ ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ଫାଶୀ ଦଣ୍ଡାଦେଶକୁ ନେଇ ସଂଶୟ ବଢ଼ିବାରେ ଲାଗିଛି। ଏହି ମାମଲାରେ ଭାରତୀୟ ଗ୍ରାଣ୍ଡ ମୁଫ୍‌ତି କାନ୍ଥାପୁରମ ଏପି ଅବୁବକର ମୁସଲିୟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବଡ଼ ଦାବି କରାଯାଇଛି। ନିମିଷାଙ୍କ ମୃତ୍ୟୁଦଣ୍ଡକୁ ରଦ୍ଦ କରିଦିଆଯାଇଥିବା କୁହାଯାଇଛି। ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆ ଯାଇଥିବା ଦର୍ଶାଯାଇଛି। ତେବେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଖବରକୁ ଖାରଜ କରିଦିଆଯାଇଛି। ଏଭଳି ଦାବିକୁ ଭ୍ରମାତ୍ମକ କୁହାଯାଇଛି। ଏହି ସୂଚନା ବର୍ତ୍ତମାନର ସ୍ଥିତିକୁ ସଠିକ୍ ଭାବେ ସୂଚାଉ ନାହିଁ ବୋଲି କୁହାଯାଉଛି।



ୟେମେନର ତଲାଲ ଅବାଦୋଙ୍କୁ ୨୦୧୭ ମସିହାରେ ହତ୍ୟା କରିବାକୁ ନେଇ ଗତ ୧୬ ତାରିଖରେ ନିମିଷାଙ୍କୁ ଫାଶୀ ଦିଆଯିବାର ଥିଲା। କିନ୍ତୁ ଭାରତର ହସ୍ତକ୍ଷେପ ଫଳରେ ଫାଶୀକୁ ଶେଷ ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କନ୍ଥପୁରମଙ୍କ ଅନୁରୋଧକ୍ରମେ ୟେମେନର ଜଣାଶୁଣା ସୁଫି ଧାର୍ମିକ ଗୁରୁ ଶେଖ୍ ହବିବ୍ ଓମର ବିନ୍ ହଫିଜ ନିମିଶାଙ୍କ ଫାଶୀ ମାମଲାରେ ଆଲୋଚନା ଲାଗି ଆଗକୁ ଆସିଥିଲେ। ଅନ୍ୟ ଅନ୍ତର୍ଜାତୀୟ କୂଟନୀତିଜ୍ଞଙ୍କ ସହ ମିଶି ସେ ଏଥିପାଇଁ କାର୍ଯ୍ୟ କରିଥିଲେ। ଏଥିପାଇଁ ତାଙ୍କ ଫାଶୀଦଣ୍ଡକୁ ଅଟକାଇ ଦିଆଯାଇଥିଲା। ତେବେ କନ୍ଥପୁରମଙ୍କ ଦାବିକୁ ୟେମେନର ସାମାଜିକ କର୍ମୀ ତଥା ଆକ୍ସନ କାଉନସିଲ୍ ଫର୍ ତଲାଲ ମହଦିସ୍ ଜଷ୍ଟିସ୍-ଇନ୍- ୟେମେନର ପ୍ରବକ୍ତା ସରହନ ସମସାନ ଅଲ ୱିସୱାବିଙ୍କ ପକ୍ଷରୁ ମଧ୍ୟ ନିମିଷାଙ୍କ ଦଣ୍ଡ ରଦ୍ଦ ହେବା ଖବରକୁ ସ୍ୱୀକାର କରାଯାଇଛି। ଫେସବୁକ ପୋଷ୍ଟରେ ସେ ଏହି ସୂଚନା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ଧାର୍ମିକ ଗୁରୁଙ୍କ ହସ୍ତକ୍ଷେପ ଯୋଗୁଁ ନିମିଷାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରାଯାଇଛି। ଏବେ ତାଙ୍କୁ ଜେଲରୁ ମୁକ୍ତ କରାଯିବ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ । ତେବେ ନିମିଷା ଜେଲ୍‌ରେ ରହିବେ କି 'ବ୍ଲଡ ମନି' ଦେଇ ମୁକୁଳିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ଦିଲ୍ଲୀରେ ଉଠିଲା ଓଡ଼ିଶାର ନାରୀ ସୁରକ୍ଷା ପ୍ରସଙ୍ଗ

# ସଂସଦ ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ପ୍ରତିବାଦ

■ ପ୍ରବଳ ବର୍ଷାରେ ଧାରଣା ଦେଲେ ବିଜେଡି ରାଜ୍ୟସଭା ସାଂସଦ
■ ବଲାଙ୍ଗୀ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି
■ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଦାବି କଲେ ନ୍ୟାୟିକ ତଦନ୍ତ




ଭୁବନେଶ୍ୱର,୨୯।୭(ସମିସ): ଦିଲ୍ଲୀରେ ପହଞ୍ଚିଛି ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ଅସୁରକ୍ଷା ପ୍ରସଙ୍ଗ । ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭା ସାଂସଦମାନେ ସଂସଦ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ଦଳର ୬ ଜଣ ରାଜ୍ୟସଭା ସାଂସଦ ପ୍ଲାକାର୍ଡ଼ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ସମ୍ପ୍ରତି ଓଡ଼ିଶାରେ ନାରୀ ଓ ଶିଶୁ ଅସୁରକ୍ଷିତ। ଜଣେ ମହିଳା ଘରୁ ବାହାରିଲେ ସୁରକ୍ଷିତ ଭାବରେ ଫେରିବାର ନିଶ୍ଚିତତା ନାହିଁ । ଗତ କିଛି ମାସ ଧରି ରାଜ୍ୟରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଘଟଣା ପାଇଁ ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହୋଇଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛନ୍ତି।

ଏହି ପରିପ୍ରେକ୍ଷୀରେ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଓ ବଲଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଂସଦମାନେ ଦାବି କରିଛନ୍ତି। ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ କହିଛନ୍ତି। ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ।

ପ୍ରତିବାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ସାଂସଦମାନେ କହିଛନ୍ତି ଯେ ରାଜ୍ୟରେ ନାରୀ, ଛୋଟ ଶିଶୁ ସମସ୍ତ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି। ବାଲେଶ୍ୱର ଏଫଏମ କଲେଜର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି ପ୍ରଦାନ କରିଥିବା ବେଳେ, ପୁରୀ ଜିଲ୍ଲା ବଲଙ୍ଗାର ଜଣେ ଛାତ୍ରୀ ବର୍ତ୍ତମାନ ଦିଲ୍ଲୀ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛି। ଉକ୍ତ ଛାତ୍ରୀଙ୍କର ୭୫ ପ୍ରତିଶତ ଶରୀର ପୋଡ଼ି ଯାଇଛି। ଏ ସମସ୍ତ ଘଟଣାରେ ପ୍ରକୃତ ଦୋଷୀଙ୍କୁ ଠାବ କରିବାରେ ରାଜ୍ୟ ସରକାର, ପୁଲିସ ବିଫଳ ହୋଇଛନ୍ତି। ତେଣୁ ପ୍ରକୃତ ସତ୍ୟକୁ ପଦାକୁ ଆଣିବାକୁ ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ। ମାତ୍ର ଏହାକୁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଫଳସ୍ୱରୂପ ଏପରି ସମ୍ବେଦନଶୀଳ ଘଟଣା ଗୁଡ଼ିକର ପ୍ରକୃତ ସତ୍ୟ ପଦାକୁ ଆସୁନାହିଁ। ରାଜ୍ୟ ସରକାର ଯଦି ନ୍ୟାୟିକ ତଦନ୍ତ ନ କରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ କହିଛନ୍ତି।

■ ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ ସକ୍ରିୟ

# ଆହୁରି ୨୪ ଘଣ୍ଟା ଛେଚିବ

ଭୁବନେଶ୍ୱର, ୨୯।୭(ସମିସ): ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବ। ତେବେ ୩୧ ତାରିଖ ପରଠାରୁ ବର୍ଷା କମିବା ନେଇ ଆକଳନ କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ବର୍ତ୍ତମାନ ଦକ୍ଷିଣ ବାଂଲାଦେଶ ଏବଂ ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଓଡ଼ିଶା ଉପରେ ରହୁଛି ଓ ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେଉଛି। ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାର ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ସାଢ଼େ ୫ଟା ସୁଦ୍ଧା ଟିଟଲାଗଡ଼ରେ ୩୯ ମିମି ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୩୭ ମିମି, ବଲାଙ୍ଗିରରେ ୨୨ ମିମି, ନୂଆପଡ଼ାରେ ୨୩ ମିମି ଓ ଖୋର୍ଦ୍ଧା, ଛତ୍ରପୁର ଏବଂ ଚାନ୍ଦବାଲିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି। ବୁଧବାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏଥିପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ମୌସୁମୀ ଟ୍ରଫ୍ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଲମ୍ବିଛି। ଧୀରେଧୀରେ ମୌସୁମୀ ଟ୍ରଫ୍ ହିମାଳୟ ଆଡ଼କୁ ଯିବାକୁ ଥିବାରୁ ୩୧ କିମ୍ବା ୧ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇବାର ସମ୍ଭାବନା ରହିଛି। ଏମିତିକି, ଗୋଟିଏ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ମୌସୁମୀ ବ୍ରେକ୍ ନେବାର ଆଶଙ୍କା କରାଯାଉଛି। ଏହା ପରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ହିଁ ମୌସୁମୀ ପୁଣିଥରେ ସକ୍ରିୟ ହେବ ଓ ମୌସୁମୀ ଟ୍ରଫ୍ ସ୍ୱାଭାବିକ ଅବସ୍ଥାକୁ ଫେରିବ।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯୬.୯ ମିମି ବର୍ଷା ରେକର୍ଡ ହୋଇଛି। ଏହା ସ୍ୱାଭାବିକ ବର୍ଷା ୫୨୬.୪ ମିମିଠାରୁ ୧୩ପ୍ରତିଶତ ଅଧିକ। ଏହି ସମୟ ମଧ୍ୟରେ ଗୋଟିଏ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୮ ଜିଲ୍ଲାରେ ଅତିରିକ୍ତ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍ ବର୍ଷା ରେକର୍ଡ କରାଯାଇଛି। ସେହିପରି, ଗତ ୨୪ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି।

ଏମିତି ବି ଆସେ ମୃତ୍ୟୁ !

# ଖେଳୁଖେଳୁ ଚାଲିଗଲା ଜୀବନ



ସମ୍ବଲପୁର, ୨୯।୭ (ସମିସ): ତାଙ୍କ ପାଇଁ କ୍ରିକେଟ୍ ଥିଲା ଜୀବନଠୁ ଅଧିକ। ଖେଳିବା ପାଇଁ ଭୋକ, ଶୋଷ ଭୁଲିଯାଉଥିଲେ। ସେଇଥିରେ କ୍ୟାରିୟର୍ ଗଢ଼ିବାକୁ ବି ସ୍ଥିର କରିଥିଲେ। ଅଣ୍ଡର-୧୬ରେ ଭାଗ ନେବା ପାଇଁ ଜୋରଦାର୍ ପ୍ରସ୍ତୁତି ଚଳାଇଥିଲେ। କିନ୍ତୁ, ଶେଷରେ ସେଇ କ୍ରିକେଟ୍ ତାଙ୍କ ଜୀବନ ନେଇଗଲା। ସମ୍ବଲପୁର କ୍ଷେତରାଜପୁର ଥାନା ଅଞ୍ଚଳରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମ୍ୟାଚ୍ ପାଇଁ ଅଭ୍ୟାସ କରୁଥିବା ବେଳେ ଛାତିରେ ବଲ୍ ବାଜି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ମାଝିପାଲିର ଉତ୍କର୍ଷ ସିଂ ଚୌହାନ (୧୮)।

ଉତ୍କର୍ଷ ଉତ୍ତରପ୍ରଦେଶର ମୂଳ ବାସିନ୍ଦା। ବାପା ମାଝିପାଲିରେ କାମ କରନ୍ତି। କେବଳ କ୍ରିକେଟ୍ ଖେଳିବା ପାଇଁ ସେ ଉତ୍ତରପ୍ରଦେଶରୁ ସମ୍ବଲପୁର ଧାଇଁ ଆସିଥିଲେ। ଅଣ୍ଡର୍-୧୬ ମ୍ୟାଚ୍ ପାଇଁ ସେ ଜୋରଦାର୍ ପ୍ରସ୍ତୁତି ଚଳାଇଥିଲେ। ଆଜି ସକାଳେ ସେ ରେଲୱେ ପଡ଼ିଆଠାରେ ନେଟ୍ସରେ ମ୍ୟାଚ୍ ଅଭ୍ୟାସ କରୁଥିଲେ। ନିଜର ବ୍ୟାଟିଂ କୌଶଳ ବୃଦ୍ଧି କରିବା ପାଇଁ ପ୍ରାୟ ପ୍ରତିଦିନ ସେ ଏପରି ଅଭ୍ୟାସ କରିଥା'ନ୍ତି। ତେବେ ସକାଳ ପ୍ରାୟ ୧୦ଟା ବେଳେ ବଲ୍‌ଟି ତାଙ୍କ ଛାତିରେ ବାଜିବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ସାଥୀ ସହଯୋଗୀମାନେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ଷେତରାଜପୁର ପୁଲିସ୍ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ତାଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି।

# ଦୁଇ ଦିନରେ ଦୁଇଥର 'ପ୍ରଳୟ'ର ସଫଳ ପରୀକ୍ଷଣ

■ ଚୀନ୍ ଓ ପାକିସ୍ତାନ ସୀମାରେ ମୁତୟନ ହେବ
■ ୫ଶହରୁ ୧ହଜାର କେଜି ଯୁଦ୍ଧାସ୍ତ୍ର ବହନ କରିପାରିବ
■ ୩୫୦ରୁ ୫୦୦ କି.ମି ପର୍ଯ୍ୟନ୍ତ ଟାର୍ଗେଟ୍ ଲକ୍ଷ୍ୟଭେଦୀ



ବାଲେଶ୍ୱର, ୨୯।୭(ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ସର୍ଟରେଞ୍ଜ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ପରୀକ୍ଷଣ କ୍ରମାଗତ ଭାବେ ଦୁଇଦିନ ଧରି ଦୁଇଥର ସଫଳ ହୋଇଛି। ବ୍ୟାବହାରିକ ମୂଲ୍ୟାଙ୍କନର ଅଂଶବିଶେଷ କ୍ଷେପଣାସ୍ତ୍ରର ସର୍ବୋଚ୍ଚ ଓ ସର୍ବନିମ୍ନ କ୍ଷମତା ପ୍ରମାଣିତ କରିବା ଲକ୍ଷ୍ୟରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ପରୀକ୍ଷଣ କରାଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ୍ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

ଧାମରା ନିକଟ ଅବଦୁଲ କାଲାମ ଦ୍ୱୀପସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଲଞ୍ଚ କମ୍ପ୍ଲେକ୍ସରୁ ଏକ ମୋବାଇଲ ଲଞ୍ଚର୍ ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ନୂତନ କ୍ଷେପଣାସ୍ତ୍ର ପ୍ରଥମେ ସୋମବାର ପୂର୍ବାହ୍ନ ପ୍ରାୟ ୯.୩୫ରେ ଉତ୍‌କ୍ଷେପଣ ହୋଇଥିଲା। ସେହିପରି କ୍ରମାଗତ ଭାବେ ଆଜି ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଦ୍ୱିତୀୟଥର ପାଇଁ ଉତ୍‌କ୍ଷେପଣ କରାଯାଇଥିଲା। ଏହି ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର୍ ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି। ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି। ପ୍ରାୟ ୫ ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କରି ଏହା ୩୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ସଠିକ ଭାବେ ଲକ୍ଷ୍ୟଭେଦ କରିପାରିବ।

ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି କ୍ଷେପଣାସ୍ତ୍ରକୁ ଚୀନ ସୀମାର ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଓ ପାକିସ୍ତାନ ସୀମାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲଓସି) ଅଞ୍ଚଳରେ ମୁତୟନ କରାଯିବ ବୋଲି ପ୍ରତିରକ୍ଷା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି। ଚୀନର ଡାଙ୍ଗଫେଙ୍ଗ ୧୨ ଓ ରୁଷର ଇସ୍କନ୍ଦର ଭଳି ଏହି କ୍ଷେପଣାସ୍ତ୍ର ଶକ୍ତିଶାଳୀ। ୟୁକ୍ରେନ୍ ସହ ଯୁଦ୍ଧରେ ରୁଷ ଇସ୍କନ୍ଦର କ୍ଷେପଣାସ୍ତ୍ରର ବହୁଳ ବ୍ୟବହାର କରିଛି। ପାକିସ୍ତାନ ନିକଟରେ ମଧ୍ୟ ପ୍ରଳୟ ଭଳି ଟେକ୍ଟିକାଲ ମିସାଇଲ ରହିଛି। ପ୍ରଳୟ କ୍ଷେପଣାସ୍ତ୍ର ସଠିକତା ଓ ଗତି ହିସାବରେ ସର୍ବାଧିକ ଘାତକ ସାବ୍ୟସ୍ତ ହେବ ବୋଲି କୁହାଯାଇଛି।

୨୦୨୨ ଡିସେମ୍ବରରେ ୨୪ ଘଣ୍ଟା ମଧ୍ୟରେ ଏହି କ୍ଷେପଣାସ୍ତ୍ରର ଦୁଇ ଥର ସଫଳ ପରୀକ୍ଷଣ ହୋଇଥିବା ବେଳେ ୨୦୨୩ମସିହା ନଭେମ୍ବର ୭ ତାରିଖରେ ମଧ ପ୍ରଳୟର ସଫଳ ପରୀକ୍ଷଣ କରାଯାଇଥିଲା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ ଏବଂ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ପର୍ଯ୍ୟାୟ ବ୍ୟାବହାରିକ ପରୀକ୍ଷଣର ସଫଳତା ନିକଟ ଭବିଷ୍ୟତରେ ପ୍ରଳୟ କ୍ଷେପଣାସ୍ତ୍ରକୁ ସେନାବାହିନୀରେ ସାମିଲ ପାଇଁ ପଥ ପ୍ରଶସ୍ତ କରିଛି ବୋଲି କହିଛନ୍ତି।

# ସ୍ତ୍ରୀ, ଶାଶୂଙ୍କୁ ମାରି ଲେମ୍ବୁବାଡ଼ିରେ ପୋତିଦେଲା



ବାରିପଦା/ କୁଳିଅଣା, ୨୯।୭ (ସମିସ): ସ୍ତ୍ରୀ ଓ ଶାଶୂକୁ ପଥରରେ ଛେଚି ହତ୍ୟା କରିବା ପରେ ରାତାରାତି ଗାତ ଖୋଳି ଲେମ୍ବୁବାଡ଼ିରେ ପୋତିଦେଲା। କାହାର ଯେପରି ସନ୍ଦେହ ନ ହେବ, ସେଥିପାଇଁ ସେଠାରେ ଏକ କଦଳୀ ଗଛ ବି ଲଗାଇ ଦେଇଥିଲା। କୁଳିଅଣା ଥାନା ଅନ୍ତର୍ଗତ ସରପଙ୍ଗା ନୂଆଁଗାଁରେ ଗତ ୧୫ ତାରିଖରେ ଘଟିଥିବା ଏଭଳି ଏକ ଜଘନ୍ୟ କାଣ୍ଡ ଉପରେ ଆଜି ପୁଲିସ୍ ପରଦା ଉଠାଇଛି। ମୃତକଦ୍ୱୟ ହେଲେ, ସୋନାଲି ଦଳାଇ ଓ ତାଙ୍କ ମା' ସୁମତା ଦଳାଇ। ୧୦ ଫୁଟ୍ ଗାତ ଖୋଳି ପୁଲିସ୍ ଜରିଗୁଡ଼ା ଅବସ୍ଥାରେ ମା'-ଝିଅଙ୍କ ଗଳିତ ଶବକୁ ଜବତ କରିବା ସହ ଏନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ଦେବାଶିଷ ପାତ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଦୁଇ ଦୁଇଟି ହତ୍ୟାକାଣ୍ଡ ଭିଆଇବା ସହ ୧୦ ଫୁଟ୍‌ର ଗାତ ଖୋଳି ଶବଦ୍ୱୟକୁ ପୋତିବା ଜଣଙ୍କର କାମ ନୁହେଁ ବୋଲି ପୁଲିସ୍ ସନ୍ଦେହ କରିଛି। ତେଣୁ, ଏଥିରେ ତାକୁ ଆଉ କିଛି ଲୋକ ସାହାଯ୍ୟ କରିଥିବା ପୁଲିସ୍ ଅନୁମାନ କରୁଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଦେବାଶିଷକୁ ପଚରାଉଚରା ଚଳାଇଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ପାରିବାରିକ କଳହ ଯୋଗୁ ସୋନାଲି ସ୍ୱାମୀ ଦେବାଶିଷଙ୍କୁ ଛାଡ଼ି ନିଜ ଘରେ ରହୁଥିଲେ। ଗତ ୧୨ ତାରିଖରେ ସୋନାଲି ତାଙ୍କ ମା' ସୁମତାଙ୍କ ସହ ଦେବାଶିଷଙ୍କ ଘରକୁ ଆସିଥିଲେ। ହେଲେ ଗତ ୧୭ ତାରିଖ ଦିନଠାରୁ ତାଙ୍କର ଆଉ ଖୋଜଖବର ମିଳି ନ ଥିଲା। ଏ ସଂପର୍କରେ ସୋନାଲିଙ୍କ ଭଉଣୀ ଦୁହିଁଙ୍କ ନିଖୋଜ ନେଇ କୁଳିଅଣା ଥାନାରେ ଅଭିଯୋଗ କରିଥିଲେ। ବହୁ ତଦନ୍ତ ପରେ ମଧ କାହାରି ସନ୍ଧାନ ନ ମିଳିବାରୁ ଆଜି ପୁଲିସ ଦେବାଶିଷ ଘରେ ପହଞ୍ଚି ତନାଘନା କରିଥିଲା। ପ୍ରଥମେ ପ୍ରଥମେ ପୁଲିସ୍‌କୁ ଏଣୁତେଣୁ କହି ଦେବାଶିଷ ଫାଙ୍କିଥିଲା। କିନ୍ତୁ ପରେ ପୁଲିସ୍‌ର ନାଲି ଆଖି ଦେଖି ସତ ଓଗାଳିଥିଲା। ଗତ ୧୫ତାରିଖରେ ସେ ସ୍ତ୍ରୀ ଓ ଶାଶୂଙ୍କୁ ପଥରରେ ଛେଚି ହତ୍ୟା କରିବା ପାରେ ମାଟି ତଳେ ପୋତି ଦେଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲା ଦେବାଶିଷ। ପରେ ପୁଲିସ୍ ଗାତ ଖୋଳି ଲେମ୍ବୁବାଡ଼ିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା।

# ଲାଓସରେ ଫସିଛନ୍ତି କେନ୍ଦ୍ରାପଡ଼ାର ୫ ଦାଦନ

### ଭିଡିଓ କରି ଉଦ୍ଧାର କରିବାକୁ ଆକୁଳ ନିବେଦନ



ରାଜକନିକା, ୨୯।୭ (ସମିସ): ବିନା ଦରମାରେ କାମ କରାଉଛନ୍ତି। ପାସ୍‌ପୋର୍ଟ, ଭିସା ଛଡ଼ାଇ ନେଇଛନ୍ତି। ଅବସ୍ଥା ଏପରି ଯେ ଖାଇବାକୁ ବି ପାଖରେ ପଇସା ନାହିଁ। ଶୀଘ୍ର ଉଦ୍ଧାର ନକଲେ ସେମାନେ ଆମକୁ ମାରିଦେବେ। ଲାଓସକୁ ଦାଦନ ଖଟିବାକୁ ଯାଇଥିବା କେନ୍ଦ୍ରାପଡ଼ା ଜିଲ୍ଲାର ୫ଜଣ ସେଠାକାର ଏକ କମ୍ପାନୀ ଦ୍ୱାରା ଏପରି ନିର୍ଯାତିତ ହେଉଛନ୍ତି। ଏକ ଭିଡିଓ ମାଧ୍ୟମରେ ସେମାନେ ନିଜ ଦୁର୍ଦ୍ଦଶାର ଚିତ୍ର ଦେଖାଇବା ସହ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ରାଜକନିକା ବ୍ଲକର ୨ଜଣ ଏବଂ ଆଳି ବ୍ଲକ୍‌ର ତିନିଜଣ ଯୁବକ ରହିଛନ୍ତି। ସେମାନେ ହେଲେ, ରାଜକନିକା ଥାନା ସଂଗ୍ରାମପୁର ଗାଁର ପବିତ୍ର ନାୟକ, ଜୟନଗର ଗାଁର ଲକ୍ଷ୍ମୀଧର ନାୟକ ଏବଂ ଆଳି ଥାନା ଅଞ୍ଚଳ ଆଳିର ଗଦାଧର ପ୍ରଧାନ, ସୁମନ ସାମଲ, ବଡ଼ଆଙ୍କୋ ଗାଁର ରଞ୍ଜନ ବାରିକ।

# ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ

ବାରିପଦା/ଭୁବନେଶ୍ୱର, ୨୯।୭ (ସମିସ): ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ। ଓୟୁଏଟିର ପରିଚାଳନା ବୋର୍ଡରେ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଯଦିଓ ଜିଲ୍ଲାରେ ଏହା କେଉଁଠାରେ ନିର୍ମାଣ ହେବ ସ୍ଥିର ହୋଇନାହିଁ। ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ଦ୍ୱାରା ମୟୂରଭଞ୍ଜରେ କୃଷି ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବ।

ଦୀର୍ଘ ଦିନ ହେବ ମୟୂରଭଞ୍ଜରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି। ଜିଲ୍ଲାର ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡ଼ା ନିକଟରେ ଶହଶହ ଏକରରୁ ଅଧିକ ସ୍ଥାନ ଚିହ୍ନଟ ମଧ କରାଯାଇଛି। ତିନି ବ୍ଲକର ସୀମାରେ ଥିବା ଦାନ୍ତିଆମୁହାଁ ଓ ବାରିପଦା ଓ ଶାମାଖୁଣ୍ଟା ସୀମାରେ ଏକ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ନେଇ ୨୦୧୪ ଅଗଷ୍ଟ ମାସରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଏନ୍ତୁଡ଼ିଶାଳ ବୋଲି କୁହାଯାଏ। ଖାଲି ଯେ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକିଭଳି ପନିପରିବା ବର୍ଷକଯାକ ଉତ୍ପାଦନ କରାଯାଉଛି। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ ଉପଯୋଗୀ। ତେଣୁ ଏହିଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଦାବି ହୋଇଆସୁଥିଲା।

ଓଏୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମ ଲେଖାଇଥା'ନ୍ତି। ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବିକେ ଅଞ୍ଚଳର ୭୫ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ଏହି ନୂତନ କଲେଜ କେବେ ପ୍ରତିଷ୍ଠା ହେବ, ତାକୁ ଜିଲ୍ଲାବାସୀ ଚାହିଁ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୮ଲକ୍ଷ ୮୧ହଜାର ହେକ୍ଟର ମଧ୍ୟରୁ ୩ ଲକ୍ଷ ୧ ହଜାର ୫୦୦ ହେକ୍ଟର ଜମି ଚାଷ ଉପଯୋଗୀ। ସେଥିମଧ୍ୟରୁ ୨ଲକ୍ଷ ୯୫ହଜର ୭୦୦ ହେକ୍ଟର ଜମିରେ ଚାଷ କରାଯାଏ। ଏଥିମଧ୍ୟରୁ ୯୯ ହଜାର ହେକ୍ଟରରେ ଧାନ ଚାଷ ହେଉଥିବା ବେଳେ ୧ ଲକ୍ଷ ୮ ହଜାର୨୮୦ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଏ। ଜିଲ୍ଲାରେ ମୋଟ ଜମିରୁ ୧ଲକ୍ଷ୨ ହାର୬୮୫ ହେକ୍ଟର ଜମି ଖରିଫ ଋତୁରେ ଓ ରବି ଋତୁରେ ୮୭ ହଜାର ୨୮୦ ହେକ୍ଟର ଜମିରେ ବିଭିନ୍ନ ଜଳଉତ୍ସ ମାଧ୍ୟମରେ ଜଳସେଚନ ହେଉଛି।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା; ଛାତ୍ରୀ ଓ ନାରୀ ଅସୁରକ୍ଷିତ

### ଅଗଷ୍ଟ ୧ରୁ ୧୪ ଯାଏ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ




■ ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଦେବେ ସ୍ମାରକପତ୍ର
■ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ରାଜ୍ୟର ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର, ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିରେ ଆସନ୍ତା ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଆନ୍ଦୋଳନ କରିବ ବିଜୁ ଛାତ୍ର ଓ ଯୁବ ଜନତା ଦଳ। ଦଳ ଦୁଇ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ।

ବ୍ୟୋମକେଶ କହିଛନ୍ତି ଯେ ଗତ ୧୩ ମାସ ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା ଚରମ ସ୍ଥିତିରେ ପହଞ୍ଚିଛି। ବେଳାଭୂମି ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସବୁଠାରେ ଛାତ୍ରୀମାନେ ଅସୁରକ୍ଷିତ। ଛାତ୍ରୀ ନିବାସରେ ନାବାଳିକା ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି। ଏହି ସମୟରେ ରାଜ୍ୟ ବିଜେପି ସରକାର ନିଘୋଡ ନିଦରେ ଶୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜରେ ଆନ୍ଦୋଳନ କରିଛି। ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ ସହିତ ତିନି ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ତାରିଖରୁ ୭ ତାରିଖ ଯାଏ ସାରା ରାଜ୍ୟର ଛାତ୍ରଛାତ୍ରୀ ଏ ସଂକ୍ରାନ୍ତରେ ପ୍ରତିବାଦ ଜାରି ରଖିବେ। ଛାତ୍ରଛାତ୍ରୀ ମାନେ ନିଜ ଥାନା ଓ ଏସପିଙ୍କୁ ଭେଟି ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ। ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ବୋଲି ଶ୍ରୀ ରାୟ କହିଛନ୍ତି।

ସେହିପରି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ନିକଟରେ ଘଟି ଯାଇଥିବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି। ଓଡିଶା ସମେତ ଦେଶର ଛଅଟି ରାଜ୍ୟକୁ ନ ଯିବା ପାଇଁ ଆମେରିକା ନିଜ ନାଗରିକଙ୍କୁ ପରାମର୍ଶ ଦେଇଛି। ଓଡିଶା ପାଇଁ ଏହା ଲଜ୍ୟା ଓ ନିନ୍ଦା ଆଣିଛି। ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବାସହ ବ୍ୟବସ୍ଥାଗତ ବିଫଳତାକୁ ସମାଲୋଚନା କରିଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ। ତେଣୁ ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି ।

ଅସୁରକ୍ଷିତ ସାତକୋଶିଆ

# ୩ ରେଞ୍ଜରେ ନାହାନ୍ତି ରେଞ୍ଜ ଅଫିସର

ଅନୁଗୋଳ, ୨୯ ।୭ (ସମିସ)

ସତକୋଶିଆର ସୁରକ୍ଷା ଚିନ୍ତା କରିବା ପରିବର୍ତ୍ତେ ବନ ବିଭାଗ ବ୍ୟାଘ୍ର ପ୍ରକଳ୍ପ ପାଇଁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି । ଦୀର୍ଘବର୍ଷ ହେଲା ସାତକୋଶିଆର ୩ ରେଞ୍ଜରେ ସ୍ଥାୟୀ ରେଞ୍ଜ ଅଧିକାରୀ ନାହାନ୍ତି । ୨୫ରୁ ଅଧିକ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ପଦବୀ ଖାଲି ପଡ଼ିଛି । ଫଳରେ ସଠିକ ଭାବେ ପାଟ୍ରୋଲିଂ ହୋଇପାରୁନାହିଁ । ଶିକାରୀଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି । ଗତ ମାସରେ

**● ୨୫ରୁ ଅଧିକ ଫରେଷ୍ଟର ଓ ଗାର୍ଡ ପଦବୀ ଖାଲି**

ବିଦ୍ୟୁତ ଲଗାଇ ଦୁଇ ହାତୀଙ୍କୁ ହତ୍ୟା କରାଯାଇଛି । ବନ ବିଭାଗ କେବଳ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ବ୍ୟାକୁଳ ଥିବାବେଳେ ତୃଣମୂଳ ସ୍ତରରେ କର୍ମଚାରୀ ନ ଥିବାରୁ ଅସୁରକ୍ଷିତ ହୋଇପଡ଼ିଛି ସାତକୋଶିଆ ।

ଜୈବବିବିଧତା ପାଇଁ ସାତକୋଶିଆ ବିଶ୍ୱରେ ବିରଳ । ଏଠାକାର ମହାନଦୀ ସାତକୋଶିଆ ଗଣ୍ଡ, ଗଣ୍ଡ ଅବବହିକାରେ ଥିବା ବିସ୍ତୀର୍ଣ୍ଣ ମିଶ୍ରିତ ଜଙ୍ଗଲ ଏବଂ ଭଳିକି ଭଳି ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ ଅନ୍ୟ କେଉଁଠି ଗୋଟିଏ ସ୍ଥାନରେ ଦେଖିବାକୁ ମିଳେନାହିଁ । ସେଥିପାଇଁ ରାମସାର ସାଇଟରେ ସାତକୋଶିଆ ସ୍ଥାନ ପାଇଛି । ତେଣୁ ଏହାର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ । କିନ୍ତୁ ବିଡ଼ମ୍ବନାର ବିଷୟ ବନ ବିଭାଗ ଏହାକୁ ସୁରକ୍ଷା ଦେବା ପରିବର୍ତ୍ତେ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଅଧିକ ଧ୍ୟାନ ଦେଉଛି । ସାତକୋଶିଆରେ ଜିଲିଣ୍ଡା, ପୁରୁଣାକୋଟ, ଟିକରପଡ଼ା, ପମ୍ପାସର ଓ ରାଇଗୋଡ଼ା ଆଦି ୫ଟି ରେଞ୍ଜ ଅଛି । କିନ୍ତୁ ଟିକରପଡ଼ା, ପମ୍ପାସର ଓ ପୁରୁଣାକୋଟ ରେଞ୍ଜରେ ବର୍ଷ ବର୍ଷ ଧରି ରେଞ୍ଜ ଅଧିକାରୀ ପଦବୀ ଖାଲି ପଡ଼ିଛି । ଜଣେ ରେଞ୍ଜ ଅଧିକାରୀଙ୍କୁ ୨/୩ଟି ରେଞ୍ଜର ଦାୟିତ୍ୱ ତୁଲାଇବାକୁ ପଡୁଛି । ଏହାଛଡ଼ା ବିଭିନ୍ନ ରେଞ୍ଜରେ ୨୫ରୁ ଅଧିକ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ ପଦ ଖାଲି ପଡ଼ିଛି । ଯେଉଁ ରେଞ୍ଜଗୁଡ଼ିକରେ ବନ୍ୟଜନ୍ତୁ ଭରପୂର ଅଛନ୍ତି ସେହି ରେଞ୍ଜଗୁଡ଼ିକରେ ଆବଶ୍ୟକ କର୍ମଚାରୀ ନାହାନ୍ତି । ଫଳରେ ବନ୍ୟଜନ୍ତୁ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ଜଙ୍ଗଲ ଭିତରେ ଫୁଟ ପାଟ୍ରୋଲିଂ ହେଉନାହିଁ । ଜନ୍ତୁ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରୁନାହିଁ । ଅନ୍ୟପକ୍ଷରେ ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡ଼ିକରେ ବନ୍ୟଜନ୍ତୁ ଉପଦ୍ରବ କରୁଥିଲେ ମଧ୍ୟ ସେମାନଙ୍କୁ ଘଉଡ଼ାଇବାକୁ କର୍ମଚାରୀ ନିୟୋଜନ କରାଯାଇ ପାରୁନାହିଁ । ଗତ ମାସରେ ଦୁଇଟି ହାତୀକୁ ଲୋକେ ବିଦ୍ୟୁତ ଲଗାଇ ମାରିଦେଇଥିଲେ । କିନ୍ତୁ ବହୁ ଦିନ ପରେ ହାତୀର ଗଳିତ ଶରୀର ଦେଖିଥିଲେ ବନ କର୍ମଚାରୀ । ଘଟଣା ପୁରୁଣା ହୋଇଯିବାରୁ ଶିକାରୀ ଖସିଯାଇଥିଲେ । ଏଭଳି ଅନେକ ଜାଗାରେ ଶିକାର ହେଉଛି । ହେଲେ ଘଟଣା ପଦାକୁ ଆସିପାରୁନାହିଁ । ବନ ବିଭାଗ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସବୁଠାରୁ ଅଧିକ ତତ୍ପରତା ଦେଖାଉଛି । ସେଥିପାଇଁ ଗୋଟିଏ ପରେ ଗୋଟିଏ ଗାଁ ସ୍ଥାନାନ୍ତର କରିବା, ଜଙ୍ଗଲ ଭିତରେ ତୃଣଭୋଜି ପ୍ରାଣୀଙ୍କ ପାଇଁ ଘାସ ପଡ଼ିଆ ପ୍ରସ୍ତୁତ କରିବା, ବ୍ୟାଘ୍ର ପ୍ରକଳ୍ପ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକାଶ କରିବାରେ ବ୍ୟସ୍ତ ରହୁଛି ବନ ବିଭାଗ । ଯେଉଁ ହାତଗଣତି କର୍ମଚାରୀ ଅଛନ୍ତି ସେମାନେ ସେହି କାମରେ ନିୟୋଜିତ ରହୁଛନ୍ତି । ସାତକୋଶିଆ ସୁରକ୍ଷିତ ରହିଲେ ବ୍ୟାଘ୍ର ପ୍ରକଳ୍ପ ସମ୍ଭବ ବୋଲି ଭୁଲିଯାଇଛି ବନ ବିଭାଗ । କିଛିଦିନ ହେଲା ଦେଖାଦେଇଛି ସାତକୋଶିଆରେ ହାତୀ ସମେତ ଅନ୍ୟ ବନ୍ୟଜନ୍ତୁ ଓ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଜୋରଦାର ଲଢ଼େଇ । ଆବଶ୍ୟକ କର୍ମଚାରୀ ନ ଥିବାରୁ ଉଭୟ ବନ୍ୟଜନ୍ତୁ ଓ ସ୍ଥାନୀୟ ଅଧିବାସୀ କାହାକୁ ବି ସୁରକ୍ଷା ଦିଆଯାଇ ପାରୁନାହିଁ । ସରକାରୀ ସ୍ତରରେ ରେଞ୍ଜ ଅଧିକାରୀ ସମେତ ଅନ୍ୟ ତୃଣମୂଳ ସ୍ତରରେ କାମ କରୁଥିବା କର୍ମଚାରୀ ନିଯୁକ୍ତି ଦିଆ ନ ଯିବାରୁ ସାତକୋଶିଆ କର୍ତ୍ତୃପକ୍ଷ ବାଧହୋଇ କିଛି ସ୍ଥାନୀୟ ଯୁବକଙ୍କୁ ଅସ୍ଥାୟୀ ନିଯୁକ୍ତି ଦେଇ ସ୍କ୍ୱାଡ୍ ଗଠନ କରି ସୁରକ୍ଷା କାମରେ ଲଗାଇଛନ୍ତି । ଏହାଛଡ଼ା ପ୍ରାୟ ୫୦ ଜଣ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ନିଯୁକ୍ତି ଦେଇ ଜଙ୍ଗଲ ଓ ଜନ୍ତୁ ସୁରକ୍ଷା ଦାୟିତ୍ୱ ଦେଇଛନ୍ତି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସରକାର ଯେତିକି ତତ୍ପରତା ଦେଖାଉଛନ୍ତି, ସତକୋଶିଆର ଜଙ୍ଗଲ ଓ ଜନ୍ତୁ ସୁରକ୍ଷା ପାଇଁ ତା'ଠାରୁ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ପରିବେଶ ଓ ବନ୍ୟଜନ୍ତୁପ୍ରେମୀ ମତ ଦେଇଛନ୍ତି ।




## ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲ୍

ଅନୁଗୋଳ, ୨୯ ।୭ (ସମିସ): ଏକ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ ଜଜ୍ ମଙ୍ଗଳବାର ରାୟ ଶୁଣାଇଛନ୍ତି । ଦୋଷୀକୁ ୧୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୧୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ଜରିମାନା ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ଛେଣ୍ଡିପଦା କାଠପାଳ ଅଞ୍ଚଳର ଧବଳ ମାଝୀ ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଅଗଷ୍ଟ ୨୮ରେ ଛେଣ୍ଡିପଦା ଥାନା ଅଞ୍ଚଳର ଜଣେ ଯୁବତୀ ଛେଳି ଚରାଇବାକୁ ଯାଇଥିବାବେଳେ ଧବଳ ସେଠାକୁ ଆସି ସମ୍ପୃକ୍ତ ଯୁବତୀଙ୍କୁ ଜୋରଜବରଦସ୍ତ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା । ଏନେଇ ଯୁବତୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ଧବଳକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଓ ସେସନ ଜଜ ହୃଷୀକେଶ ଆଚାର୍ଯ୍ୟ ମାମଲାର ଶୁଣାଣି କରି ଧବଳକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବୀ ତାପସ ରଞ୍ଜନ ମିଶ୍ର ମାମଲା ପରିଚାଳନା କରୁଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ୨୫ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ, ୨୯ ।୭ (ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଜଜ (ଫାଷ୍ଟ ଟ୍ରାକ) ଦୋଷୀକୁ ୨୫ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ୩୦ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ଦଣ୍ଡିତ ବ୍ୟକ୍ତି ହେଲେ ପାଲଲହଡ଼ା ମୁକ୍ତାପୁର ଗ୍ରାମର ଉଦୟ ନାଏକ ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ଜୁଲାଇ ୨୦ରେ ନାବାଳିକାକୁ ପ୍ରଲୋଭନ ଦେଖାଇ ଉଦୟ ନିଜ ସହ ନେଇଯାଇଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଗାଁର ଏକ ଦୋକାନ ପାଖରେ ସେ ଉଦୟ ସହ ଠିଆ ହୋଇଥିବା ଦେଖିବାକୁ ପାଇଥିଲେ । ପରିବାର ଲୋକେ ଝିଅକୁ ସେଠାରୁ ଘରକୁ ଆଣି ପଚାରିବାରୁ ଉଦୟ ତାଙ୍କ ସହ ଦୁଷ୍କର୍ମ କରିଥିବା ପ୍ରକାଶ କରିଥିଲେ । ଏ ନେଇ ପରିବାର ପକ୍ଷରୁ ପାଲଲହଡ଼ା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଉଦୟକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଜଜ (ଫାଷ୍ଟ ଟ୍ରାକ) ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ୧୨ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ଉଦୟ ନାଏକକୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ପ୍ରଦୀପ କୁମାର ଭୁତିଆ ମାମଲା ପରିଚାଳନା କରୁଥିଲେ ।

## ସାପ କାମୁଡ଼ାରେ ମହିଳା ମୃତ

ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ବ୍ଲକ ବେଡ଼ାଶାସନ ପଞ୍ଚାୟତ ହମାମୀରା ଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଗାଁର ଶାନ୍ତିଲତା ସାହୁ (୫୦) । ମଙ୍ଗଳବାର ମଧ୍ୟାହ୍ନରେ ଶାନ୍ତିଲତା ଗୋରୁଙ୍କୁ ଖାଦ୍ୟ ଦେବାପାଇଁ ପାଳଗଦାରୁ ପାଳ କାଢ଼ିଲା ବେଳେ ଏକ ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା । ପ୍ରାୟ ୨ଘଣ୍ଟା ପରେ ପରିବାର ଲୋକେ ବିଲରୁ ଆସିବା ପରେ ତାଙ୍କୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି । ଶାନ୍ତିଲତାଙ୍କ ପୁଅ ଗୋପବନ୍ଧୁ ସାହୁ ଏ ନେଇ ଥାନାକୁ ଜଣାଇଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ପଠାଇଛି ।

## ବ୍ୟାଙ୍କ ମ୍ୟାନେଜର୍‌ଙ୍କ ପାଖରୁ ୮ ଲକ୍ଷ ନେଇଗଲେ ସାଇବର ଠକ

ଅନୁଗୋଳ, ୨୯ ।୭ (ସମିସ): ସ୍ଥାନୀୟ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ମ୍ୟାନେଜରଙ୍କ ପାଖରୁ ୮ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର ଲୁଟେରା । ତାଙ୍କ ମୋବାଇଲ ଫୋନକୁ ହ୍ୟାକ୍ କରି ଏପରି ଠକେଇ କରିଥିବା ମ୍ୟାନେଜର୍ ସାଇବର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି । କଳାହାଣ୍ଡି ଜିଲ୍ଲାର ମୂଳବାସିନ୍ଦା ଜଣେ ଯୁବତୀ ଅନୁଗୋଳରେ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ମ୍ୟାନେଜର ଭାବେ କାମ କରୁଛନ୍ତି । ଗତ ୨୬ ତାରିଖ ତାଙ୍କ ହ୍ୱାଟ୍ସଆପକୁ ଏକ ଫାଇଲ ଆସିଥିଲା । କେୱାଇସି ଅପ୍‌ଡେଟ୍ କରିବା ପାଇଁ ଏଥିରେ କୁହାଯାଇଥିଲା । ଏହାକୁ ଡାଉନଲୋଡ୍ କରିବା ପରେ ତାଙ୍କ ମୋବାଇଲ ଫୋନ୍ ହ୍ୟାକ୍ ହୋଇଯାଇଥିଲା । ପରେ ପର୍ଯ୍ୟାୟ କ୍ରମେ ତାଙ୍କର ଦୁଇଟି ବ୍ୟାଙ୍କ ଖାତାରୁ ୭, ୯୯, ୮୯୯ ଟଙ୍କା କଟିଯାଇଥିଲା । ଏହା ଜାଣିବା ପରେ ସେ ସାଇବର ଠକେଇର ଶିକାର ହୋଇଥିବା ସନ୍ଦେହ କରି ସାଇବର ଥାନାରେ ଏତଲା ଦେଇଛନ୍ତି ।

## ବଁଅରପାଳ ଶିଶୁ ବିଦ୍ୟାମନ୍ଦିରରେ ଚାରାରୋପଣ

ବଁଅରପାଳ, ୨୯ ।୭ (ସମିସ): ବଁଅରପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ମଙ୍ଗଳବାର ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସତ୍ୟବାନ ବରାହ ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ସୁମନ୍ତ କୁମାର ସାମଲ ଯୋଗଦେଇଥିଲେ । ମୁଖ୍ୟଅତିଥି ବୃକ୍ଷର ମହତ୍ତ୍ୱ ବିଷୟରେ ଶିଶୁମାନଙ୍କୁ ବୁଝାଇଥିଲେ । ଶେଷରେ ବିଦ୍ୟାଳୟ ପରିସରରେ ଅତିଥିଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ ।



ଗିଫ୍ଟକାର୍ଡ ଚୋରି ଘଟଣାର ପର୍ଦ୍ଦାଫାଶ

## ମହିଳା ସମେତ ତିନି ଗିରଫ

ତାଳଚେର, ୨୯ ।୭ (ସମିସ): ତାଳଚେର ବ୍ଲକ ଗୋପାଳପ୍ରସାଦ ଥାନା ଅଞ୍ଚଳରେ ପ୍ରାୟ ୧.୮୦ କୋଟି ଟଙ୍କା ମୂଲ୍ୟର ଗିଫ୍ଟକାର୍ଡ ଚୋରି ଘଟଣାରେ ସମ୍ପୃକ୍ତ ଅପରାଧିମାନଙ୍କୁ ଗୋପାଳ ପ୍ରସାଦ ଥାନା ଏବଂ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ଧରିବାରେ ସଫଳ ହୋଇଛି । ପୁଲିସ ଏ ନେଇ ଜଣେ ମହିଳାଙ୍କ ସମେତ ତିନିଜଣଙ୍କୁ ଗିରଫ କରିଛି । ଚୋରି ହୋଇଥିବା ୨ହଜାର ୪ଶହ ୮ଟି ଗିଫ୍ଟକାର୍ଡ ମଧ୍ୟରୁ ୨ହଜାର ୨ଶହଟି ଉଦ୍ଧାର କରାଯାଇଛି ।




ମିଳିଥିବା ସୂଚନା ଅନୁଯାୟୀ, ଅଭିଯୁକ୍ତ ମହେନ୍ଦ୍ର ରାଉତ ଭିପିଆର କମ୍ପାନୀର ଜୁନିଅର ପ୍ରଜେକ୍ଟ ମ୍ୟାନେଜର୍ ଅନନ୍ତ ଫିଓ ଅଫିସ୍‌ରୁ ଛେଣ୍ଡିପଦାକୁ ୬ଟି କାର୍ଟୁନରେ ଗିଫ୍ଟି ଭାଉଚର ଭର୍ତ୍ତି କରି ଏକ ବୋଲେରୋରେ ଯାଉଥିବା ଖବର ପାଇଥିଲା । ଅନୁରୂପ ଭାବେ ସେ ତାଳଚେର ବ୍ଲକ ଅନ୍ତର୍ଗତ ଚାଳଗଡ଼ର ଅଭିଯୁକ୍ତ ମାମିନା ଦାସଙ୍କ ସହ ଏକ ଉପଯୁକ୍ତ ସ୍ଥାନରେ ଗିଫ୍ଟ ଭାଉଚର ସମ୍ପର୍କରେ ଡକାୟତ କରିବାକୁ ଯୋଗଯୋଗ କରିଥିଲେ । ମାମିନା ଅପରାଧ ଘଟାଇବା ପାଇଁ ସୂର୍ଯ୍ୟାଂଶୁ ଭୂଷଣ ସ୍ୱାଇଁଙ୍କୁ ଯୋଗଯୋଗ କରିଥିଲେ । ଯୋଜନା ଅନୁଯାୟୀ ମାମିନା ଦାସ ତାଙ୍କ ସ୍କର୍ପିଓ ଗାଡ଼ିର ନମ୍ବର ପ୍ଲେଟ କାଢ଼ିଦେଇ ଗିଫ୍ଟ କାର୍ଡ ଯାଉଥିବା ବୋଲେରୋକୁ ପିଛା କରିବା ସହ ଏକ ନିର୍ଜନ ସ୍ଥାନରେ ୬ କାର୍ଟୁନ ଗିଫ୍ଟିକାର୍ଡ ଫେରାର ହୋଇଯାଇଥିଲେ । ପୁଲିସ ଅଭିଯୁକ୍ତମାନଙ୍କଠାରୁ ୨ହଜାର ୨ଶହଟି ଗିଫ୍ଟିକାର୍ଡ, ଗୋଟିଏ ସ୍କର୍ପିଓ, ନଗଦ ୬ଲକ୍ଷ ୪୭ହଜାର ୨ଶହ ଟଙ୍କା, ପ୍ରାୟ ୩ଶହ ୫ଗ୍ରାମ ସୁନା ଅଳଙ୍କାର ଓ ୩ଟି ମୋବାଇଲ ଫୋନ୍ ଜବତ କରି ତଦନ୍ତ ଚଳାଇଛି । ଏହି ମାମଲାରେ ସମ୍ପୃକ୍ତ ଆଉ ୩ଜଣ ଫେରାର୍ ହୋଇଯାଇଛନ୍ତି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ମଙ୍ଗଳବାର ତାଳଚେର ଟାଉନ ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳ ଏସ୍‌ପି ସୂଚନା ଦେଇଛନ୍ତି ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ନୂଆମୌଜା ପଞ୍ଚାୟତ ଶରଧାପୁର ଗ୍ରାମ ତଳସାହିରେ ମାଲିକ ଶୋଇଥିବା ବେଳେ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ସୋମବାର ବିଳମ୍ବିତ ରାତିରେ ଗଗନ ବିହାରୀ ସାହୁଙ୍କ ଘରେ ପଶି ନେଇଯାଇଛନ୍ତି ସୁନାଗହଣା । ଗଗନଙ୍କ କହିବା ଅନୁଯାୟୀ, ରାତିରେ ତାଙ୍କ ପରିବାର ଲୋକେ ଖାଇସାରି ଶୋଇଥିଲେ । ସକାଳ ସାଢ଼େ ୫ଟାରେ ଉଠି ଦେଖିଲା ବେଳକୁ ସୁନାଗହଣା ଥିବା ଘର କବାଟ ଖୋଲା ଥିଲା । ଆଲମିରା ଭାଙ୍ଗିବା ସହ ଜିନିଷପତ୍ର ଏଣେତେଣେ ପଡ଼ିଥିଲା । ସୁନାଗହଣା ନ ଥିଲା । ଏ ନେଇ ଗଗନଙ୍କ ପୁଅ ମାନସ ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ତଦନ୍ତ କରିବା ଆରମ୍ଭ କରିଥିଲା । ଘରୁ ସୁନାମାଳ, ରାଣୀହାର, ୮ଟି ମୁଦି, ସୁନାହାର, ସୁନା କୋଏନ, ସୁନା ବିସ୍କୁଟ, ୬ଟି ସୁନା ପଟ, ୬ ହଳ କାନଝର ଆଦି ଅନେକ ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ପରେ ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ସେଠୀ, ସାଇଣ୍ଟିଫିକ୍ ଟିମ୍‌ର ପ୍ରସନ୍ନ ସାହୁ, ସିପକ୍ ବେହେରା, ମଳୟ ସାହୁ, ସନ୍ଧାନୀ କୁକୁର ପରିଚାଳକ ତୋସରାଜ ପ୍ରଧାନ ପହଞ୍ଚି ତଦନ୍ତ କରିଛନ୍ତି । ସେହିପରି ଉକ୍ତ ରାତିରେ ଦୁର୍ବୃତ୍ତ ସଞ୍ଜୟ କୁମାର ସ୍ୱାଇଁଙ୍କ ଘର କବାଟ ଭାଙ୍ଗିବା ସହ ସୋଲଡିଂ ପାଇପ୍ ସିଲିଣ୍ଡର ନେଇଯାଇଛନ୍ତି । ଦିଲୀପ ସାହୁଙ୍କ କବାଟ ଭାଙ୍ଗିବା ସହ କିଛି ଚେଞ୍ଜ୍ କଏନ ନେଇଯାଇଛନ୍ତି ।

## ଅନୁଗୋଳରେ ବିଶ୍ୱ ହେପାଟାଇଟିସ ଦିବସ




ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ରକ୍ତଭଣ୍ଡାର ସଭା କକ୍ଷରେ ବିଶ୍ୱ ହେପାଟାଇଟିସ ଦିବସ ପାଳିତ ହୋଇଛି । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା ଏହି ସମାରୋହକୁ ଉଦଘାଟନ କରି ଦିବସ ପାଳନର ଉଦ୍ଦେଶ୍ୟ ଓ ହେପାଟାଇଟିସ ରୋଗର ପ୍ରତିଷେଧ ତଥା ନିରାକରଣ ଉପରେ ଆଲୋକପାତ କରିଥିଲେ । କମ୍ୟୁନିଟି ମେଡିସିନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ମୁକ୍ତିକାନ୍ତ ସିଂହ ନିଜ ବକ୍ତବ୍ୟରେ ହେପାଟାଇଟିସର ପ୍ରକାର ଭେଦ, ଏହା କିଭଳି ବ୍ୟାପିଥାଏ, ଏହାର ପ୍ରତିଷେଧକ ବ୍ୟବସ୍ଥା ଏବଂ ଟିକାକରଣ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ନରେନ୍ଦ୍ର କୁମାର ମୁର୍ମୁ, ମାଇକ୍ରୋ ବାଇଓଲୋଜିଷ୍ଟ ଅର୍ଦ୍ଧେନ୍ଦୁ ଭୂଷଣ ପ୍ରହରାଜ, ମହାମାରୀ ବିଶେଷଜ୍ଞ ସୌଭାଗ୍ୟଲକ୍ଷ୍ମୀ ପଣ୍ଡା ଏବଂ ମେଡିକାଲ ସୂଚନା ଅଧିକାରୀ ପୁଷ୍ପଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହେପାଟାଇଟିସକୁ କିଭଳି ପ୍ରତିହତ କରିହେବ ସେ ନେଇ ସବିଶେଷ ତଥ୍ୟ ଦେଇଥିଲେ ।

## ରାସ୍ତାର ଦୁରବସ୍ଥା ନେଇ ବସ୍ ଚଳାଚଳ ବନ୍ଦ

ତାଳଚେର, ୨୯ ।୭ (ସମିସ): ତାଳଚେର ଦେଇ ଯାଇଥିବା ୧୪୯ନଂ ଜାତୀୟ ରାଜପଥର ଗୋଡ଼ିବନ୍ଧଠାରୁ ଭାୟା ବହ୍ଲର, ବଁଅରପାଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ତାଳଚେର ବସ୍ ମାଲିକ ସଂଘ ସଭାପତି ଇଂ ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକମାନେ ଏ ନେଇ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏହି ଆଧାରରେ ମଙ୍ଗଳବାର ତାଳଚେରରୁ ବସ୍ ଚଳାଚଳ ବନ୍ଦ ରହିଥିଲା । ଏହି ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ତାଳଚେରରୁ ଯାଉଥିବା ବସ୍‌ଗୁଡ଼ିକର ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ । ବସ୍‌ଗୁଡ଼ିକର ଯାନ୍ତ୍ରିକ କ୍ଷତି ହେବା ସହ ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଫଳରେ ବସ୍‌ଗୁଡ଼ିକ ଅନ୍ୟ ଷ୍ଟାଣ୍ଡରେ ସମୟ ସାରଣୀ ଅନୁସାରେ ପହଞ୍ଚି ପାରୁନାହିଁ । ଅନ୍ୟ ବସଷ୍ଟାଣ୍ଡରୁ ଯାତ୍ରୀ ଉଠାଇ ନ ପାରିବାରୁ ମାଲିକଙ୍କ କ୍ଷତି ହେଉଛି । ଏହି ସମସ୍ୟା ସମାଧାନ ନ କଲେ ସଂଘ ପକ୍ଷରୁ ୨୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଚଳାଚଳ ବନ୍ଦ କରାଯିବ ବୋଲି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା ।



## ମାନସିକ ଚାପର କାରଣ ଓ ନିରାକରଣ ସମ୍ପର୍କିତ ସଚେତନତା

ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳର ବିଶିଷ୍ଟ ଏନଜିଓ ଚେତନା ମିଶନ ଫାଉଣ୍ଡେସନ ଦ୍ୱାରା ସ୍ଥାନୀୟ ପୁଲିସ ପ୍ରଶିକ୍ଷଣ କଲେଜରେ ପ୍ରଶିକ୍ଷାର୍ଥୀ ଓ କର୍ମଚାରୀଙ୍କ ନିମନ୍ତେ ମାନସିକ ଚାପର କାରଣ ଓ ନିରାକରଣ ବିଷୟରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ଚେତନାର ପ୍ରତିଷ୍ଠାତ୍ରୀ ବାଣୀ ଦେବ, ବରିଷ୍ଠ ଚିକିତ୍ସିକା ତଥା ନାଲକୋ ହସ୍ପିଟାଲର ଅବସରପ୍ରାପ୍ତ ମୁଖ୍ୟ ଡାକ୍ତର ସୁଷମା ଚୌଧୁରୀ, ଅନୁଗୋଳ ଜିଲ୍ଲା ହସ୍ପିଟାଲର ମାନସିକ ରୋଗ ବିଶେଷଜ୍ଞ ଡା. ରଶ୍ମିତା ଭଞ୍ଜଦେଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆରମ୍ଭରେ ବାଣୀ ଦେବ ବର୍ତ୍ତମାନ ସମୟରେ ମାନସିକ ଚାପ ସଚେତନତାର ଆବଶ୍ୟକତା ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ଜୀବନଶୈଳୀରେ ଛୋଟଛୋଟ ପରିବର୍ତ୍ତନ ଦ୍ୱାରା ମାନସିକ ସନ୍ତୁଳନ କିପରି ରଖାଯାଇ ପାରିବ ତାହା ବୁଝାଇଥିଲେ । ଡାକ୍ତର ଭଞ୍ଜଦେଓ ମାନସିକ ଚାପର କାରଣ, ଏହା ଦ୍ୱାରା ହେଉଥିବା ଶାରୀରିକ ଓ ମାନସିକ ପ୍ରତିକ୍ରିୟା, କୁପ୍ରଭାବ, ସମାଜ ଓ ପରିବାର ଉପରେ ପ୍ରଭାବ ଇତ୍ୟାଦି ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ । ସହଜ ଉପାୟରେ ଏହାର ନିରାକରଣ, ଚିକିତ୍ସା, ବ୍ୟାୟାମ, ବିଶ୍ରାମ, ନିଜପାଇଁ ସମୟ ସଂରକ୍ଷଣ, ମନୋଭାବର ଆଦାନ ପ୍ରଦାନ ଆଦିର ଗୁରୁତ୍ୱ ବିଷୟରେ ସେ ଆଲୋଚନା କରିଥିଲେ । ଡା. ଚୌଧୁରୀ ବିଭିନ୍ନ ମନୋରଞ୍ଜକ କାର୍ଯ୍ୟକ୍ରମ, ବନ୍ଧୁତା, ଉତ୍ତମ ଜୀବନଶୈଳୀ ଓ କର୍ମକ୍ଷେତ୍ରର ଦାୟିତ୍ୱ ସହ ପାରିବାରିକ ତଥା ସାମାଜିକ ଜୀବନର ସଠିକ ପରିଚାଳନା ଦ୍ୱାରା କିଭଳି ମାନସିକ ସନ୍ତୁଳନ ରକ୍ଷା କରାଯାଇପାରେ ସେ ବିଷୟରେ ଆଲୋଚନା କରିଥିଲେ । ସଠିକ ମାତ୍ରାରେ ମାନସିକ ଚାପ ଆବଶ୍ୟକ ଓ ଏହା ଲକ୍ଷ୍ୟ ସାଧନରେ କିପରି ସାହାଯ୍ୟ କରେ ତାହା ବୁଝାଇଥିଲେ । ଡିଏସପି ସଙ୍ଗୀତା ଟୋପ୍ପୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଡିଏସପି ଶୋଭା ପଟ୍ଟନାୟକ, ମନୋଜା ପଣ୍ଡା ତଥା ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।




## ଷଣ୍ଢ ଯୋଗୁଁ ଟ୍ରକ ଚକ ତଳେ ଜୀବନ ଗଲା

ନାଲକୋ ନଗର, ୨୯ ।୭ (ସମିସ)

୫୫ନଂ ଜାତୀୟ ରାଜପଥର ବଁଅରପାଳରୁ ଅନୁଗୋଳ ଯାଏଁ ରାସ୍ତା ଦୁର୍ଘଟଣା ପାଇଁ ସବୁବେଳେ ଚର୍ଚ୍ଚାରେ ରହିଛି । ଉକ୍ତ ଅଞ୍ଚଳ ସହରାଞ୍ଚଳ ହୋଇଥିବାରୁ ବହୁଦିନ ପରେ ଗତ ୨/୩ମାସ ହେବ ବାଇପାସ ରାସ୍ତା କାର୍ଯ୍ୟକ୍ଷମ ହୋଇଛି ।

**● ପ୍ରତିଯୋଗିତାମୂଳକ କୋଇଲା ପରିବହନ, ରାସ୍ତାରେ ଗୋରୁ ପଲଙ୍କ ଆଶ୍ରୟ ଦୁର୍ଘଟଣାର ମୁଖ୍ୟ କାରଣ**

ଅନୁଗୋଳ ଦେଇ ଯାତାୟାତ କରୁଥିବା ଭରୀଯାନ ଟ୍ରକ, ଟ୍ରେଲର ଆଉ ସହର ଭିତରକୁ ଆସୁନାହିଁ । ତଥାପି ଏ ଅଞ୍ଚଳରେ ସଡ଼କ ଦୁର୍ଘଟଣା ଥମୁନାହିଁ । ରାତି ୮ଟା ପରେ ଉକ୍ତ ରାସ୍ତା ଅତି ବିପଦପୂର୍ଣ୍ଣ ହେଉଛି । ଛେଣ୍ଡିପଦା ଅଞ୍ଚଳରୁ ୧୬/୧୮ ଚକିଆ ହାଇୱା ଟ୍ରକରେ ନାଲକୋ ସିପିପି ପ୍ଲାଣ୍ଟକୁ କୋଇଲା ପରିବହନ ହେଉଛି । ଗାଡ଼ି ଚାଳକମାନେ ପ୍ରତିଯୋଗିତା ଭାବେ ଅଧିକ ଟ୍ରିପ ପାଇଁ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି । ଫଳରେ ବିଶେଷକରି ରାତି ସମୟରେ ଉକ୍ତ ରାସ୍ତା ଅନ୍ୟମାନଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଛି । ଅପରପକ୍ଷରେ ଉକ୍ତ ଅଞ୍ଚଳରେ ଚାଷକାର୍ଯ୍ୟ ଉଜୁଡ଼ି ଯାଇଥିବାରୁ ଗୋରୁଗାଈ ବନ୍ଧା ହେଉନି । ନିର୍ବିଘ୍ନରେ ଗୋରୁପଲ ବିଚରଣ କରୁଛନ୍ତି । ବର୍ଷାଦିନ ଯୋଗୁଁ ଗୋରୁ ପକ୍କା ରାସ୍ତାକୁ ଚାଲିଆସି ଆଶ୍ରୟ ନେଇଛନ୍ତି । ଫଳରେ ଦୁର୍ଘଟଣା ଘଟୁଛି । କୋଇଲା ପରିବହନ ଗାଡ଼ି ଦୁର୍ଘଟଣାରେ ଚଳିତ ମାସ ଅନୁଗୋଳ ସହର ପିଟିସି ଛକ ନିକଟରେ ଜଣେ ବାଇକ ଅସରୋହୀଙ୍କ ମୃତ୍ୟୁ ହୋଇଥିଲା । ମଙ୍ଗଳବାର କାଣ୍ଡସର ସ୍କୁଲ ନିକଟରେ ଆଉଜଣେ ବାଇକ ଆରୋହୀଙ୍କ ଜୀବନ ଯାଇଛି । ସୂଚନା ଅନୁଯାୟୀ, ମଙ୍ଗଳବାର ଭୋର ସମୟରେ ୫୫ନଂ ଜାତୀୟ ରାଜପଥର କାଣ୍ଡସର ସ୍କୁଲ ନିକଟରେ ରାସ୍ତା ମଝିରେ ଏକ ଷଣ୍ଢ ଶୋଇଥିଲା । ବାଇକ ଚାଳକ ଷଣ୍ଢ ନିକଟବର୍ତ୍ତୀ ହେବା ବେଳକୁ ଷଣ୍ଢ ଉଠିପଡ଼ିଥିଲା । ବାଇକ ଚାଳକ ଭାରସାମ୍ୟ ହରାଇ ଷଣ୍ଢ ଶିଙ୍ଗରେ ବାଜି ଛିଟିକି ପଡ଼ିଥିଲେ । ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା କୋଇଲା ବୋଝେଇ ଟ୍ରକ ବାଇକ ଚାଳକଙ୍କ ଉପରେ ଚଢ଼ିଯାଇଥିଲା । ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ । ନାଲକୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ପରେ ମୃତକ ଜଣକ ବଁଅରପାଳ ବ୍ଲକ କଙ୍କିନାଳୀ ଗ୍ରାମର ପପୁ ସାମଲ ବୋଲି ଜଣାପଡ଼ିଥିଲା । ପପୁ ଠିକା ସିକ୍ୟୁରିଟି କର୍ମଚାରୀ ଭାବେ କାମ କରନ୍ତି । ସେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।



ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା

# ସିଂହଗାଁ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ବାଛରା ବାହ୍ୟଜଗତରୁ ବିଚ୍ଛିନ୍ନ



ପଟ୍ଟାମୁଣ୍ଡାଇ, ୨୯।୭(ସମିସ)

ପଟ୍ଟାମୁଣ୍ଡାଇରେ ବନ୍ୟା ସ୍ଥିତି ଅପରିବର୍ତ୍ତିତ ରହିଛି। ଅଳଭାରେ ଗତକାଲି ବନ୍ୟା ଜଳପତ୍ତନ ୧୫ଫୁଟ ଥିବା ବେଳେ ତୁହାକୁ ତୁହା ବର୍ଷା ବିପନ୍ନଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି। ବ୍ରାହ୍ମଣୀରେ ଦେଖା ଦେଇଥିବା ୨ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକର ଦୁର୍ଗମ ଅଞ୍ଚଳ ସିଂହ ଗାଁ ପଞ୍ଚାୟତ, ମାଳିପୁର ରାସ୍ତାରେ ବନ୍ୟାସ୍ରୋତ ପ୍ରବାହିତ ଯୋଗୁଁ ଶ୍ରୀରାମପୁର ଡାମରପୁର ଓ ବଳଭଦ୍ରପୁର, ବାଛରା-ମଣ୍ଡପଡ଼ା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ସାଙ୍ଗକୁ ଫସଲହାନୀ ଘଟି ଗରିବ ଓ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ପୁଣି ବ୍ରାହ୍ମଣୀ ନଦୀରେ ୨ୟ ବନ୍ୟା ଆସିବାରୁ କ୍ଷୟକ୍ଷତି ଆଶଙ୍କାରେ ଚାଷୀ। ଏପରିକି କୁମ୍ଭୀର ଭୟରେ ସମଗ୍ର ଧୋୟାଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ବ୍ରାହ୍ମଣୀ ଓ କାଣୀ ନଦୀରେ ବନ୍ୟା ଆସିବାରୁ ବ୍ଲକର ୧୪ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ହଜାର ହଜାର ଏକର ଜମି ଜଳମଗ୍ନ ହୋଇଛି। ବ୍ଲକର ସିଂହଗାଁ ପଞ୍ଚାୟତର ସିଂହଗାଁ, କୃଷ୍ଣଦାସପୁର ରାଉଳିଆଡିଆ, ପାଣିସାଉଁଳିଆ ଆଦି ଜଳମଗ୍ନ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ଅଳପୁଆ ପଞ୍ଚାୟତ ଗୋଜିଆକଣ,

## କୁମ୍ଭୀର ଭୟରେ ଆତଙ୍କିତ ବନ୍ୟାଞ୍ଚଳବାସୀ

ବିଲମଲିକସାହି, ବେହେରାସାହି, ମିଶ୍ରବାଗ, ସେଠୀସାହି, ଜେନାସାହି, ପାହାନ୍ତାସିଂହସାହି, ତରଡ଼ିପାଳ ପଞ୍ଚାୟତର ପୋଖରୀକୂଳ, ଗୋପାଳପୁର, ଜେନାସାହି, ବିଶ୍ୱାଳସାହି, ନାଥସାହି, ମଳିକସାହି, ଘାଗରାଡିଆ ପେଣ୍ଠପାଳ ପଞ୍ଚାୟତର କୂଳସାହି, କୋଳଥିଆ, ବାଲିକିରା, ଦାଣ୍ଡିସାହି ଦାଣ୍ଡିସାହି, ଅଣ୍ଡରାର ବ୍ରହ୍ମପୁର, ବିଷ୍ଣୁପୁର, ବ୍ରାହ୍ମଣସାହି, ଦାଣ୍ଡିଉପର, ଅମୃତମଣୋହି ପଞ୍ଚାୟତର ନୂଆଡିଆ, ଜଗନ୍ନାଥ ପୁର, ଶାନ୍ତିପଡ଼ା, ସିଦ୍ଧବାଲି, ବଲୁରିଆ ପଞ୍ଚାୟତର ଫୁଲପାଟଣାର ହଜାର ହଜାର ଏକର ଚାଷଜମି ଜଳମଗ୍ନ ହୋଇଛି। ପେଣ୍ଠପାଳ ପଞ୍ଚାୟତ କୋଳଥିଆ ଜେନାସାହି ନିକଟରେ ଆରଡ଼ି ରାସ୍ତା ୫୦ ଫୁଟ ଘାଇହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବ୍ଲକର ଶ୍ରୀରାମପୁର, ଡାମରପୁର, ନୀଳକଣ୍ଠପୁର, ବାଲିପାଟଣା, ବାଛରା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ଶହଶହ ଏକର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ବନ୍ୟା ବିପନ୍ନ ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ସିଂହଗାଁ, ଅମୃତ ମଣୋହି ଆଦି ପଞ୍ଚାୟତଗସ୍ତ ବନ୍ୟାସ୍ଥିତି ଓ ଲୋକମାନଙ୍କ ଅବସ୍ଥା ଅନୁଧ୍ୟାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ସହିତ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ତରଡ଼ି ପାଳ ସରପଞ୍ଚ ଦେବବ୍ରତ ନାୟକ, ସମିତି ସଭ୍ୟ ନିରଞ୍ଜନ ବାରିକ, ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ, ସମିତି ସଭ୍ୟ ଶଶାଙ୍କ ଶେଖର ବିଶ୍ୱାଳ, ସିଂହଗାଁ ସରପଞ୍ଚ ଗଣେଶ ଦାସ, ସମିତି ସଭ୍ୟ ଅଭୟ ସ୍ୱାଇଁ, ଅମୃତମଣୋହି ସରପଞ୍ଚ ନିରୁପମା ଦାସ ପ୍ରମୁଖ ବନ୍ୟାଞ୍ଚଳ ପରିଦର୍ଶନ କରି ବିପନ୍ନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଓ ବିଡିଓ ମାଳିପୁର ଯାଇ ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ ପଞ୍ଚାୟତ ବନ୍ୟା ସ୍ଥିତି ଅନୁଧ୍ୟାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ଓ ବିଡିଓଙ୍କ ସହିତ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ଡାମରପୁର ସରପଞ୍ଚ ଅନୁସୂୟା ନାଥ, ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା, ଶାସନ ସରପଞ୍ଚ ସଂଗ୍ରାମ ବାରିକ ବିପନ୍ନ ଲୋକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପିଇଓ ଓ ପଞ୍ଚାୟତ ପ୍ରତିନିଧିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାର ମୁକାବିଲା ପାଇଁ ବୈଠକ କରାଯାଇ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଅଣ୍ଡରା ପଞ୍ଚାୟତ ଗିରିସାହି-ବ୍ରାହ୍ମଣସାହି କଲଭର୍ଟ ଭୁଶୁଡି ପଡ଼ିଥିବାରୁ ୬ନଂ ୱାର୍ଡକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ପୁନଃ ନିର୍ମାଣ କରିବାକୁ ସମାଜସେବୀ ପ୍ରଶାନ୍ତ ସ୍ୱାଇଁ ଦାବି କରିଛନ୍ତି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଡା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିବା ସହିତ ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି। ଜଳସମ୍ପଦ ବିଭାଗ ସହସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ପ୍ରମୁଖ ଦୁର୍ବଳ ନଦୀବନ୍ଧଗୁଡିକ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡ଼ିଛି। ପୌରପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପୌରାଞ୍ଚଳର ବନ୍ୟା ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟା ବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

ବନ୍ୟା ବିପନ୍ନଙ୍କ ପାଖେ ପହଞ୍ଚିଲାନି ପ୍ରଶାସନ

# ପାଣି ଘେରରେ କଇଥାପାଳ, ହାବଳଗଣ୍ଡ, ମଠସାହି ଗ୍ରାମବାସୀ

**ରାଜକନିକା, ୨୯।୭(ସମିସ):** ଚଳିତ ବର୍ଷ ଖରସ୍ରୋତା ବନ୍ୟାରେ ପ୍ରଭାବିତ ରାଜକନିକା ବ୍ଲକ ପାରିନୂଆପଡ଼ା ହାବଳଗଣ୍ଡ ପଞ୍ଚାୟତ କଇଥାପାଳ ମଠସାହି, କଇଥାପାଳ ଯେନାସାହି ଆଉ ହାବଳଗଣ୍ଡ ମଳିକସାହିର ଗ୍ରାମବାସୀ ଦିତୀୟ ଥର ବନ୍ୟାଜଳକୁ ସାମନା କରି ପାଣି ଘେରରେ ରହିଛନ୍ତି। ଅଥଚ ଏନେଇ ପ୍ରଶାସନର ପାଦ ବି ପଡ଼ିଲାନି କି ରିଲିଫ୍ ସହାୟତା ମିଳିଲାନି ବୋଲି ଅଭିଯୋଗ ହୋଇଛି। ଗତ ସପ୍ତାହରେ ଏଠାରେ ବନ୍ୟାଜଳ ଯୋଗୁଁ ଏମାନେ ପାଣି ଘେରରେ ରହି ପାଞ୍ଚଦିନକାଳ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ଦୁର୍ଦ୍ଦଶା ଭୋଗିଥିଲେ। ଏବେ ବି ପାଣି ଘେରରେ ରହିଥିବା ବନ୍ୟା ବିପନ୍ନ ରିଲିଫକୁ ଚାତକ ଭଳି ଅନେଇ ବସିଛନ୍ତି। ପ୍ରତିବର୍ଷ ବନ୍ୟା ଆସିଲେ ଏହି ପଞ୍ଚାୟତର ଖାଲୁଆ ଅଞ୍ଚଳ ଭାବେ ପରିଚିତ କଇଥାପାଳ ମଠସାହି, କଇଥାପାଳ ଯେନାସାହି ଆଉ ହାବଳଗଣ୍ଡ ମଳିକ ସାହି ପ୍ରଭାବିତ ହୋଇଛନ୍ତି। ହାବଳଗଣ୍ଡ ମଳିକସାହି ୧୦ ନମ୍ବର ୱାର୍ଡର ୭୦ ପରିବାର, ୭ନମ୍ବର ୱାର୍ଡ ଯେନାସାହିର ୧୦ ପରିବାର, ମଠସାହି ୬ ନମ୍ବର ୱାର୍ଡର ଦଶ ପରିବାର ବନ୍ୟା ଯୋଗୁଁ ପାଣିଘେରରେ ରହିଛନ୍ତି। ଏମିତିକି ଘରେ ପାଣି ପଶିବା ଯୋଗୁଁ ରୋଷେଇବାସ ବି ହେଉନାହିଁ। ବଜାରକୁ ଯାଇ ଶୁଖିଲା ଖାଦ୍ୟ ସଂଗ୍ରହ କରିବା ବି କାଠିକର ପାଠ ହୋଇଛି। ରାସ୍ତାରେ ପାଣିର ସୁଅ, ଗାଁ ଦାଣ୍ଡରେ ପାଣି ସୁଅ ଯୋଗୁଁ ଜଳବନ୍ଦୀ ହୋଇରହିଛନ୍ତି। ଏଭଳି ଦୁର୍ଦ୍ଦିନରେ ବି ବ୍ଲକ ପ୍ରଶାସନର କୌଣସୀ ଅଧିକାରୀ ବିପନ୍ନଙ୍କ ପାଖେ ପହଞ୍ଚିଲେ ନାହିଁ ବୋଲି ଅଭିଯୋଗ ହେଉଛି। ବିଗତ ଦିନରେ ଏହିସବୁ ଅଞ୍ଚଳରେ ବନ୍ୟା ଆସିଲେ ସେତେବେଳେ ସରକାରୀ ସହାୟତା ମିଳୁଥିଲେ ବି ଏବେ କିନ୍ତୁ ପ୍ରଶାସନର ଆନ୍ତରିକତା ଥିବା ଭଳି ମନେ ହେଉଥିବାରୁ ଅସନ୍ତୋଷ ଦେଖାଗଲାଣି। ତୁରନ୍ତ ବନ୍ୟା ବିପନ୍ନଙ୍କ ପାଖେ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।



# ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

**ରାଜନଗର, ୨୯।୭(ସମିସ):** ବ୍ରାହ୍ମଣୀ ନଦୀରେ ଦିତୀୟ ଥର ପାଇଁ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ପଞ୍ଚାୟତ ପାଣି ଘେରରେ ରହିଛି। ଦୁଇଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତାରେ ୪ରୁ ୬ ଫୁଟର ବନ୍ୟା ପାଣି ଚାଲୁଛି। ଓସ୍ତିଆ ପଞ୍ଚାୟତର ନଗଡ଼ ଗାଁ ରାସ୍ତାରେ ୪ ଫୁଟର ପାଣି ଚାଲୁଅଛି। ଗାଁ ଦାଣ୍ଡରେ ବନ୍ୟା ପାଣି ଲହଡି ଭଙ୍ଗୁଥିବାରୁ ବିପନ୍ନ ୩୦୦ ପରିବାର ବନ୍ୟା ଘେରରେ ରହିଛନ୍ତି। ବ୍ଲକର ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଗୋବିନ୍ଦପୁର, ସନ୍ଥପଡ଼ା, ଟାଙ୍ଗଣଟୈଲା, ଫିରିକିଦାଣ୍ଡି, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ବନ୍ଧପାଟଣା, ନଗଡ଼, ଭଗବାନପୁର, ରାଜପୁର ପଞ୍ଚାୟତର ରାଜପୁର, ଚନ୍ଦନପୁର, ବେଲପାଳ ପଞ୍ଚାୟତ ପାଣି ଘେରରେ ରହିଛି। ଦାଣ୍ଡି ବଳଭଦ୍ରପୁର ରାସ୍ତାରେ ବନ୍ୟା ପାଣି ଚାଲୁଅଛି। ବଳଭଦ୍ରପୁର ରାଜପୁର ରାସ୍ତାରେ ଜୁଆର ସମୟରେ ୩ ଫୁଟ ଉଚ୍ଚତାର ପାଣି ଚାଲୁଅଛି। ଉପର ଓସ୍ତିଆ ରାସ୍ତା ଉପରେ ୫ ଫୁଟର ବନ୍ୟାଜଳ ପ୍ରଭାବିତ ହେଉଛି। ପ୍ରଥମ ବନ୍ୟା ପରେ ବିପନ୍ନ ଅଣ୍ଟା ସଳଖି ଛିଡା ହୋଇନଥିବା ବେଳେ ପୁଣି ଦ୍ୱିତୀୟ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ସବୁଠୁ ବଡ଼ କଥା ହେଲା ବନ୍ୟା ଅଞ୍ଚଳରେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି। ଫିରିକିଦାଣ୍ଡି କଣସରା ବିଦ୍ୟାଶ୍ରମ ନିକଟରେ ବନ୍ୟା ପାଣିରେ ବିରାଟକାୟ କୁମ୍ଭୀର ଭାସୁଥିବା ଦେଖିବା ପରେ ବିପନ୍ନ ଭୟବିତ ହୋଇପଡ଼ିଛନ୍ତି। କୁମ୍ଭୀରଟି ସାପକୁ ଶିକାର କରି ଖାଉଥିବା ଲୋକେ ଦେଖିଛନ୍ତି। ସନ୍ଥପଡ଼ା ନିକଟରେ ବନ୍ୟା ପାଣିରେ କୁମ୍ଭୀର ଭାସୁଥିବା ବିପନ୍ନ ଦେଖିଛନ୍ତି। ଏନେଇ ବିପନ୍ନ ବନବିଭାଗକୁ ଜଣାଇଛନ୍ତି।



ବିଷପିଇ ବୃଦ୍ଧ ଦମ୍ପତିଙ୍କ ଆତ୍ମହତ୍ୟା ଉଦ୍ୟମ

# ପତ୍ନୀ ମୃତ, ସ୍ୱାମୀ ଗୁରୁତର

**ମହାକାଳପଡ଼ା, ୨୯।୭(ସମିସ):** ମହାକାଳପଡ଼ା ବ୍ଲକ ମାର୍ଶାଘାଇ ଥାନା ଅଧୀନ ବଡ଼କୂଳ ପଞ୍ଚାୟତ ସେହିଗ୍ରାମରେ ପାରିବାରିକ କଳହରକରୁଣ ପରିଣତି ଦେଖିବାକୁ ମିଳିଛି। କୀଟନାଶକ ପାନକରି ଆତ୍ମହତ୍ୟା ଉଦ୍ୟମ କରିଥିବା ବୃଦ୍ଧ ଦମ୍ପତିଙ୍କ ମଧ୍ୟରୁ ଘଟଣାସ୍ଥଳରେ ପତ୍ନୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଗୁରୁତର ଅବସ୍ଥାରେ କଟକ ବଡମେଡିକାଲରେ ମରଣସହ ସଂଗ୍ରାମ କରୁଛନ୍ତି। ବଡକୂଳ ଗ୍ରାମର ବୃଦ୍ଧ ଦମ୍ପତି ନଟବର ରାଉତ (୭୫) ଓ ଗୌରୀ ରାଉତ (୬୯) ନିଜର ଏକମାତ୍ର ପୁଅ ପ୍ରଭାତ ରାଉତ ଓ ବୋହୁ ସନ୍ଧ୍ୟାରାଣୀ ରାଉତଙ୍କ ଠାରୁ ଦୀର୍ଘ ୧୫ ବର୍ଷରୁ ଅଧିକ ହେବ ଅଲଗା ହୋଇ ଜୀବନଯାପନ କରିଆସୁଥିଲେ। ପାରିବାରିକ ସମସ୍ୟା ନେଇ କଳହ ଉପୁଜିବା ପରେ ଉଭୟ ଦମ୍ପତି ଗତକାଲି ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଆଜି ସକାଳୁ ସକାଳୁ ନଟବର ବାନ୍ତି କରୁଥିବା ଦେଖିବାକୁ ମିଳିବା ପରେ ପୁଅ ପ୍ରଭାତ ଓ ପଡ଼ୋଶୀମାନେ ଆମ୍ବୁଲାନ୍ସ ଡାକିବା ବେଳକୁ ଘଟଣାସ୍ଥଳରେ ଗୌରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ତୁରନ୍ତ ନଟବରଙ୍କୁ ଚିକିତ୍ସା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି। ଏନେଇ ନଟବରଙ୍କ ଦୁଇଝିଅ ଲତିକା ସ୍ୱାଇଁ ଓ ଲିପିକା ଖଣ୍ଡୁଆଳ ଭାଇଭାଉଜ ଖାଦ୍ୟରେ ବିଷଦେଇ ବାପାବୋଉଙ୍କୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ମାର୍ଶାଘାଇ ପୁଲିସ ଏନେଇ ଅଭିଯୋଗ ପଞ୍ଜିକୃତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

# ରଜାଙ୍ଗରେ ଚାରାରୋପଣ କାର୍ଯ୍ୟକ୍ରମ

**ଡେରାବିଶ, ୨୯।୭(ସମିସ):** ଦାନପୁର ପଞ୍ଚାୟତ ଅଧୀନ ରଜାଙ୍ଗ ଗ୍ରାମରେ ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ କଟକ ଓ ମା’ ବାସୁଳେଇ ଡ୍ରାମାଟିକ କ୍ଲବ୍ ରଜାଙ୍ଗ କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଶିବନାରାୟଣ ସ୍ୱାଇଁଙ୍କ ନେତୃତ୍ୱରେ ସଭ୍ୟ ବିଧୁଭୂଷଣ ରଥ, ଭାବଗ୍ରାହୀ ପଣ୍ଡା, ଶୀତିକଣ୍ଠ ମହାନ୍ତି, ଆଶିଷ ଦାସ, ଡ. ମନୋରଞ୍ଜନ ପଣ୍ଡା, ଦିଲ୍ଲୀପ ପୃଷ୍ଟି, ସୁବାସ ଖଟୁଆ, ପ୍ରୀତିରଞ୍ଜନ ପରିଡ଼ା, ପ୍ରଭାସ ପାତ୍ର, ମାନସ ଘଡ଼ଇ, ପ୍ରଭାକର ଦାସ, ରଜତ ଦାସ, ଯୁବକ ସଂଘ ସଭ୍ୟ ଜିତେନ୍ଦ୍ର ପଣ୍ଡା, ଅଲେଖ ପୃଷ୍ଟି, ନିହାର ପଣ୍ଡା ପ୍ରମୁଖ ଗ୍ରାମର ମାୟା ମଠ ଓ ରଜାଙ୍ଗ ସ୍କୁଲ ପରିସରରେ ୨୦୦ରୁ ଉର୍ଦ୍ଧ୍ୱ ଫଳ ଓ ଔଷଧୀୟ ବୃକ୍ଷ ଚାରାରୋପଣ କରିଥିଲେ। ଏଥିସହିତ କର୍ମକର୍ତ୍ତା ଗ୍ରାମରେ ଘରକୁ ଘର ବୁଲି ଚାରାରୋପଣର ଉପକାରିତା ସମ୍ପର୍କରେ ବୁଝାଇବା ସହ ଗୋଟିଏ ଲେଖାଏଁ ଫଳଚାରା ପ୍ରଦାନ କରିଥିଲେ।

# ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ



**ରାଜନଗର, ୨୯।୭(ସମିସ):** ରାଜନଗର ବ୍ଲକର କୁରୁଣ୍ଡି ପଞ୍ଚାୟତ ଅଧୀନ ଚନ୍ଦ୍ରଶିଖରସ୍ଥ ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟରେ ଉପଶାସ୍ତ୍ରୀ (+୨) ଓ ଶାସ୍ତ୍ରୀ (+୩) ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ଅନୁଷ୍ଠାନର ଅନୁଶାସନ ପାଳନ କରିବା ସହିତ ସମୟାନୁବର୍ତ୍ତୀ, ଶୃଙ୍ଖଳିତ, ବିଦ୍ୟାନୁରାଗୀ ଓ ଚରିତ୍ରବାନ ହେଲେ ନିଶ୍ଚୟ ସଫଳତା ହାସଲ କରିପାରିବେ ବୋଲି ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ପାଲ, ସତୀଶ ମହାପାତ୍ର, ବୈକୁଣ୍ଠ ବିହାରୀ ବଳ, ପ୍ରଫୁଲ୍ଲ ପ୍ରଧାନ, ରାଜକିଶୋର ପାଣି, ବିଶ୍ୱମ୍ଭର ତ୍ରିପାଠୀ ଓ ଅଧ୍ୟାପିକା ଭଗବତୀ ରାଉତ ନବାଗତ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ କିଭଳି ଜଣେ ଜଣେ ସୁନାଗରିକ ଓ ସଂସ୍କାରି ମଣିଷ ହେବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ନବାଗତ ଛାତ୍ରଛାତ୍ରୀଙ୍କୁ ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷ ଓ ଶାସ୍ତ୍ରୀ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ରାମାକାନ୍ତ ରାଉତ ଓ ନାରାୟଣ ପ୍ରଧାନ ସ୍ୱାଗତ ଉତ୍ସବ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଡେରାବିଶ ବ୍ଲକ୍ ଗସ୍ତ



**ଡେରାବିଶ, ୨୯।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ନୂତନ ଭାବେ ଯୋଗଦେଇଥିବା ଜିଲ୍ଲାପାଳ ରଘୁରାମ ଆରଆୟାର ଆଜି ଡେରାବିଶ ବ୍ଲକକୁ ଗସ୍ତ କରି ଅନେକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଭେଟିଥିଲେ। ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ଆୟାର ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଶ୍ରୀ ଆୟାରଙ୍କୁ ବିଡ଼ିଓ ନମିତା ବାରିକ, ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ ପୁଷ୍ପତୋଡ଼ା ଦେଇ ବ୍ଲକ ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ। ସେଠାରେ ଜିଲ୍ଲାପାଳ ଶ୍ରୀ ଆୟାର ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ବ୍ଲକ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିପାଇଁ ପ୍ରତ୍ୟେକ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଏବିଡିଓ ମୃଣ୍ମୟ ରାଉତ, ବ୍ଲକର ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ୍ ଇଞ୍ଜିନିୟର ଗୌରବ ସାହୁ, ଡବ୍ଲୁଇଓ ରଶ୍ମି ଦେବୀ, ଇଂ ଅନିଲ ମହାନ୍ତି, ଇଂ ବିଭୁଦତ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ସିଡ଼ିପିଓ ହରପ୍ରିୟା ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପରେ ଜିଲ୍ଲାପାଳ ବ୍ଲକ ନିକଟସ୍ଥ ଓବିଓ ଏସ୍‌ଇବିସି ହଷ୍ଟେଲ ପରିସର ଏବଂ ନିକଟସ୍ଥ ଭାଟଭାଗ ଅଙ୍ଗନବାଡ଼ି କେନ୍ଦ୍ର ପରିସରକୁ

## ବିଭିନ୍ନ ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା

ଯାଇ କୁନିକୁନି ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସେଠାରୁ ଜିଲ୍ଲାପାଳ ଠାକୁରହାଟ ସ୍ଥିତ ସୁଦର୍ଶନ ହାଇସ୍କୁଲ ପରିସରକୁ ଯାଇ ବିଦ୍ୟାଳୟ ପରିସର ବୁଲି ଦେଖିବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ବର୍ତ୍ତାଳାପ କରି ଜିଲ୍ଲା କାର୍ଯ୍ୟାଳୟକୁ ଫେରିଯାଇଥିଲେ।

# ପୁତୁରାର ମୃତ୍ୟୁ ଘଟଣା; ସମ୍ପର୍କୀୟ ମଉସା ଗିରଫ

**କେନ୍ଦ୍ରାପଡ଼ା, ୨୯।୭(ସମିସ):** ଅପ୍ରାକୃତିକ ଯୌନସମ୍ପର୍କ ରଖିବା ଯୋଗୁଁ ଜଣେ ନାବାଳଙ୍କ ମୃତ୍ୟୁ ଘଟଣାରେ ସମ୍ପର୍କୀୟ ମଉସାକୁ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ବ୍ୟକ୍ତି ଜଣକ ହେଲେ ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଞ୍ଚଳର ବିକ୍ରମ ରାୟ। ଏହି ଘଟଣାରେ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି ଜେରା କରିଥିଲା। ଜେରା ବେଳେ ଅଭିଯୁକ୍ତ ସମ୍ପତ୍ତି ଲୋଭରେ ଏପରି କରିଥିବା ନେଇ ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି।

# ପୁନର୍ବାସ ପକ୍ଷରୁ ପାରାକ୍ରୀଡ଼ାବିତ୍‌ଙ୍କୁ ଆର୍ଥିକ ପ୍ରୋତ୍ସାହନ



**କେନ୍ଦ୍ରାପଡ଼ା, ୨୯।୭(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଭିନ୍ନକ୍ଷମମାନଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ଦିଗରେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଜାତୀୟସ୍ତରୀୟ ପାରା କ୍ରୀଡ଼ାବିତ୍ ସୁଧୀର ମଲିକଙ୍କୁ କ୍ରୀଡା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଆସନ୍ତା ଅକ୍ଟୋବରରେ ଗୋଆରେ ହେବାକୁ ଥିବା ପ୍ରଥମ ବୋସିଆ ନ୍ୟାସନାଲ୍ ଫେଡେରେସନ୍ କପ୍, ୨୦୨୫ରେ ଅଂଶଗ୍ରହଣ ଦେୟ ବାବଦରେ ଏହି ଆର୍ଥିକ ସହାୟତା ରାଶି ତାଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା ଚେକ୍ ଆକାରରେ ଏହି ଅର୍ଥ ପାରାକ୍ରୀଡ଼ାବିତ୍‌ଙ୍କୁ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ଗ୍ରାମର ସୁଧୀର ମଲିକ ହାଇଦ୍ରାବାଦ ସହରରେ କମ୍ପାନୀର ମାର୍କେଟିଙ୍ଗ୍ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ ଭିନ୍ନକ୍ଷମ ହୋଇପଡ଼ିଥିଲେ। ମାତ୍ର ପାରାକ୍ରୀଡା ପ୍ରତି ନିଜର ଆଗ୍ରହ ରଖି ସେ ଗତବର୍ଷ ମଧ୍ୟ ଏହି ବୋସିଆ କ୍ରୀଡାରେ ଭାଗନେଇ ସଫଳତା ଅର୍ଜନ କରିଥିଲେ। ମାଧପୁରସ୍ଥିତ ପୁନର୍ବାସ କାର୍ଯ୍ୟାଳୟରେ ଏହି ଅଣଆନୁଷ୍ଠାନିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ, ସହସମ୍ପାଦକ ବଂଶୀଧର ମହାନ୍ତି, କୋଷାଧକ୍ଷ ଆଇନଜୀବୀ ଶିବଚରଣ ସାମଲ ଏବଂ କାର୍ଯ୍ୟନିର୍ବାହୀ ପରିଷଦର ସଦସ୍ୟ ମହମ୍ମଦ ଜାହିଦ୍ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

କେନାଲ ମୁହଁ ବନ୍ଦ କରିଛନ୍ତି ଠିକାଦାର

# ରୁଆ ବେଉଷଣ କରିପାରୁନାହାନ୍ତି ୨ ପଞ୍ଚାୟତର ଚାଷୀ

ଡେରାବିଶ, ୨୯।୭(ସମିସ)



ଡେରାବିଶ ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ। ବ୍ଲକର ପ୍ରାୟ ୪ହଜାର ହେକ୍ଟର ଜମିରେ ଖରିଫ ଋତୁରେ ଧାନଚାଷ ହୋଇଥାଏ। ଚାଷଜମିକୁ ଉଭୟ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ କେନାଲ ଦ୍ୱାରା ଜଳସେଚିତ ହୋଇଥାଏ। ଚଳିତ ବର୍ଷ କେନ୍ଦ୍ରାପଡ଼ା କେନାଲରେ ସପ୍ତାହକ ତଳୁ ପାଣି ଆସିଗଲାଣି। ଏହି କେନାଲ ପାଣିରେ ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥର ଦକ୍ଷିଣପାର୍ଶ୍ୱର ଜମି ଜଳପ୍ଲାବିତ ହୋଇସାରିଲାଣି। ଅଞ୍ଚଳର ଚାଷୀ ସେମାନଙ୍କ ଜମିରେ ରୁଆ ବେଉଷଣ କାମ ଆରମ୍ଭ କରିଦେଲେଣି। ତେବେ ଜାତୀୟ ରାଜପଥର ବାମ ପାର୍ଶ୍ୱରେ ଥିବା ଚାଷଜମିରେ ଏବେସୁଦ୍ଧା କେନାଲ ପାଣି ପହଞ୍ଚିପାରିନାହିଁ। ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାଦାର ବିଳମ୍ବରେ ରାଜପଥକୁ ଅତିକ୍ରମ କରିଥିବା କେନାଲର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଠିକାଦାରଙ୍କ ଏହି ମନମାନୀ କାର୍ଯ୍ୟ ପାଇଁ ବେଶି ହଇରାଣ ହେଉଛନ୍ତି ଚାଟରାଚକଡ଼ା ଓ କୁରୁଜଙ୍ଗା ପଞ୍ଚାୟତର ଚାଷୀ। ଏହି ପଞ୍ଚାୟତର ଚାଷଜମିକୁ ଜଳପ୍ଲାବିତ କରୁଥିବା କେନ୍ଦ୍ରାପଡ଼ା କେନାଲର ୧୧ନଂ ଶାଖା ନାଳକୁ ଠିକାଦାର ଓଲଢ଼ି ଛକ ନିକଟରେ ବନ୍ଧ ବାନ୍ଧି ପାଣି ଅଟକାଇବା ସହିତ କେନାଲ କାମ କରୁଛନ୍ତି। ଏଠାରେ କେନାଲ ପାଣି ଚାରିଦିନ ହେବ ପହଞ୍ଚିସାରିଥିଲେ ମଧ୍ୟ ଠିକାଦାରଙ୍କ ମନ୍ଥର କାର୍ଯ୍ୟ ଯୋଗୁଁ ଏହି କେନାଲ୍ ନିର୍ମାଣ କାର୍ଯ୍ୟ ସରୁନି। ଏହି ନିର୍ମାଣ କାର୍ଯ୍ୟ ଆହୁରି କେତେଦିନ ଯିବ ତାହା କହି ହେଉନାହି। ଏଭଳି ହେଲେ ଚଳିତ ବର୍ଷ ଏହି ଅଞ୍ଚଳରେ ଚାଷ ବହୁ ପଛେଇଯିବା ସହିତ କ୍ଷେତରେ ଧାନ ଅମଳ କମିବ ବୋଲି ଅଞ୍ଚଳର ଚାଷୀ ଗଣେଶ୍ୱର ବେହେରା ଅଭିଯୋଗ କରିଛନ୍ତି। ଶ୍ରୀ ବେହେରା କହିଛନ୍ତି, ଏବେ ସମସ୍ତ ଚାଷୀ ଉନ୍ନତ କିସମର ଅଧିକ ଅମଳକ୍ଷମ ଧାନଚାଷ କରୁଛନ୍ତି। ଏହି ଧାନ ତଳି ରୋଇବା ସମୟ ସାମାନ୍ୟ ଏପଟ ସେପଟ ହୋଇଗଲେ, ଅମଳ ହେବାରେ ସମସ୍ୟା ଦେଖାଦେବ। ତେଣୁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହେବେ। ଚାଷୀ ଏନେଇ ବାରମ୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ମଧ୍ୟ ଫଳଶୂନ। ତେଣୁ ଠିକାଦାରଙ୍କ ବେପରୁଆ ମନୋଭାବ ପାଇଁ ଅଞ୍ଚଳର ଚାଷୀ ଚଳିତବର୍ଷ ବ୍ୟାପକ ଫସଲହାନୀର ସମ୍ମୁଖୀନ ହେବ ବୋଲି ଶ୍ରୀ ବେହେରାଙ୍କ ସମେତ ଅଞ୍ଚଳର ଅନେକ ଚାଷୀ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଠିକାଦାରଙ୍କୁ ତାଗିଦ କରିବା ସହ ଅଟକାଯାଇଥିବା କେନାଲ ପାଣି ଚାଷୀଙ୍କ କ୍ଷେତକୁ ଛାଡ଼ିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ତୁଳସୀଡିଆ ରାମେଶ୍ୱର ବୋଲବମ୍ ସଂଘର କପିଳାସ ଯାତ୍ରା

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୯।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଞ୍ଚଳ ଅଧୀନ ତୁଳସୀଡିଆ ରାମେଶ୍ୱର ବୋଲବମ୍ ସଂଘ ସୁଦୂର କପିଳାସ ଯାଇ ଜଳାଭିଷେକ କରିଛନ୍ତି। ଗତ ଶନିବାର ବ୍ରାହ୍ମଣୀ ନଦୀରୁ ଜଳଉଠାଇ କପିଳାସ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ସୋମବାର ସକାଳୁ ବାବା ଚନ୍ଦ୍ରଶେଖରଙ୍କ ଉପରେ ଜଳାଭିଷେକ କରିଥିଲେ। ମାନସିକ ପୂରଣ କରି ତୁଳସୀଡିଆ ରାମେଶ୍ୱର ମନ୍ଦିରରେ କାଉଡ଼ିଆମାନେ ମେଳା ଓ ପୂଜାର୍ଚ୍ଚନା କରିଥିଲେ। ବୋଲବମ୍ ଯାତ୍ରାରେ ନାରାୟଣ ଜେନା, ପ୍ରଶାନ୍ତ କୁମାର ବିଶ୍ୱାଳ, ଅଜୟ କୁମାର ବିଶ୍ୱାଳ, ନିର୍ମଳ ଘୋଷ, ପ୍ରୀତୀଶ ବିଶ୍ୱାଳ, ଭାଗୀରଥୀ ବିଶ୍ୱାଳ, ସମ୍ବିତ୍ ବିଶ୍ୱାଳ, ଅଜିତ ବେହେରା, ପିୟୁଷ ବିଶ୍ୱାଳ ପ୍ରମୁଖ ଯାତ୍ରା କରିଥିଲେ।



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ
THE SAKALA

# ମଉଳା ମେଟ୍ରୋ

ଭୁବନେଶ୍ୱରରେ ବହୁଆକାଂକ୍ଷିତ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ଆପାତତଃ ମଉଳି ଯାଇଛି। ପୂର୍ବ ସରକାର ଅମଳରେ ଏଥିପାଇଁ ହୋଇଥିବା ଟେଣ୍ଡର ଏବେ ବାତିଲ୍ ହେବା ପରେ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଟେଣ୍ଡର ବାତିଲ୍ ପଛର କାରଣ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନଥିଲେ ମଧ୍ୟ ସରକାରୀ ମହଲକୁ ଛାଡ଼ି ପ୍ରାୟତଃ ସବୁଆଡ଼େ ଅସନ୍ତୋଷ ଓ ସମାଲୋଚନାର ସ୍ୱର ଶୁଣିବାକୁ ମିଳୁଛି। ନୂଆ ଡିପିଆର ଚୂଡ଼ାନ୍ତ ହେବା ଏବଂ ସାନି ଟେଣ୍ଡର ଏକ ସହଜ ପ୍ରକ୍ରିୟା ନୁହେଁ। ତା'ଛଡ଼ା ମେଟ୍ରୋ ଟ୍ରେନ୍‌ର ପରିବର୍ତ୍ତିତ ରୂପରେଖକୁ ନେଇ ମନ୍ତ୍ରିପରିଷଦର ସଦସ୍ୟମାନେ ବିଭିନ୍ନ ସମୟରେ ଦେଇଥିବା ବିବୃତ୍ତିରେ ତାଳମେଳ ରହୁ ନଥିବାରୁ ଏହି ପ୍ରକଳ୍ପ ଯେ ନିକଟ ଭବିଷ୍ୟତରେ ଆରମ୍ଭ ହେବାର ନାହିଁ ତାହା ଅନୁମାନ କରାଯାଉଛି।

ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। ବରଂ କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାରେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏପରିକି ମେଟ୍ରୋ ରେଳ ଏବେ ସହରାଞ୍ଚଳରେ ସବୁଠୁ ଲୋକପ୍ରିୟ ଗଣପରିବହନ ଏବଂ ଦ୍ରୁତ ଗମନାଗମନର ମାଧ୍ୟମ ପାଲଟିଛି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ବିପୁଳ ଅର୍ଥ ଓ ବୈଷୟିକ ଜ୍ଞାନକୌଶଳ ସହାୟତା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଯୋଗାଇ ଦେଉଛନ୍ତି। ସମ୍ପ୍ରତି ଦେଶର ୧୨ଟି ପ୍ରମୁଖ ସହରରେ ୬୬୦ କିମି ମେଟ୍ରୋ ରେଳପଥରେ ଟ୍ରେନ୍ ଚଳାଚଳ କରୁଛି। ଏହାବାଦ୍ ଅନ୍ୟ ୧୫ଟି ସହରରେ ୫୦୦ କିମି ମେଟ୍ରୋ ଲାଇନ୍ ନିର୍ମାଣାଧୀନ ଅଛି।

କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଜନସଂଖ୍ୟା ଏବେ ୨୦ ଲକ୍ଷରେ ପହଞ୍ଚିଥିବା ବେଳେ ଆଇଆଇଟି ଖଡ଼ଗପୁର ରିପୋର୍ଟ ଅନୁସାରେ ଚୌଦ୍ୱାର-କଟକ-ଭୁବନେଶ୍ୱର-ଜଟଣୀ-ପିପିଲିକୁ ନେଇ ପରିକଳ୍ପିତ ବୃହତ୍ ସହରାଞ୍ଚଳର ଜନସଂଖ୍ୟା ୨୦୫୦ ବେଳକୁ ୧ କୋଟି ଟପିବ। ତେଣୁ ଏବେଠାରୁ ଗଣପରିବହନ ବ୍ୟବସ୍ଥାକୁ ସୁସଂହତ, ସୁଗମ ଓ ସୁଦୃଢ଼ ନ କଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ଏହି ପୃଷ୍ଠଭୂମିରେ ମେଟ୍ରୋରେଳ ଜନସାଧାରଣଙ୍କ ପାଇଁ ଯେ ଏକ ଚରମ ଆବଶ୍ୟକତା ଏହାକୁ ହୃଦୟଙ୍ଗମ କରି ଏକ ଦୂରଦୃଷ୍ଟି ସମ୍ପନ୍ନ ମହତାକାଂକ୍ଷୀ ଦୃଷ୍ଟିକୋଣ ନେଇ ନବୀନ ପଟ୍ଟନାୟକଙ୍କ ସରକାର ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ କରିଥିଲେ। ଦୀର୍ଘବର୍ଷ ଧରି କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଥିଲେ।

ମୋଟ୍ ୬୨୫୫ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪, ଜାନୁଆରୀ ୧ ତାରିଖରେ କଟକ ଉପକଣ୍ଠ ରଣଗଡ଼ଠାରେ କରିଥିଲେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ମୋଟ୍ ୨୬ କିମି ଦୈର୍ଘ୍ୟବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ୍ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆଛକ ସମେତ ୨୦ଟି ଷ୍ଟେସନ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଥିଲା। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଦିଲ୍ଲୀ ମେଟ୍ରୋ ନିଗମ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମେଟ୍ରୋ ରେଳପଥ କଟକ ଓ ପୁରୀ ଦିଗକୁ ସଂପ୍ରସାରିତ ହେବାର ଯୋଜନା ରଖାଯାଇଥିଲା। ତ୍ରିଶୂଳିଆକୁ ଏହି ମେଟ୍ରୋ ଟ୍ରେନ୍‌ର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ୍ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ଥିଲା - ବାଙ୍କୀ ଓ ଆଠଗଡ଼ ଦିଗକୁ ବଢ଼ୁଥିବା ଦ୍ୱୈତ ମହାନଗରୀର ଗମନାଗମନ ଆବଶ୍ୟକତା ପୂରଣ କରିବା। କିନ୍ତୁ ଏବେ ଟେଣ୍ଡର ବାତିଲ୍ ହୋଇଥିବାରୁ ଉପରୋକ୍ତ ସଂସ୍ଥାମାନେ ଯେ ପୁଣି ଓଡ଼ିଶା ପ୍ରକଳ୍ପ ପାଇଁ ଆଗ୍ରହୀ ହେବେ ସେ ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

ଇତିମଧ୍ୟରେ ବୈଷୟିକ ଜ୍ଞାନକୌଶଳରେ ପ୍ରଭୂତ ବିକାଶ ଫଳରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଭୂମିତଳ ସୁଡ଼ଙ୍ଗ ଆଉ ଅପରିହାର୍ଯ୍ୟ ହୋଇ ରହିନାହିଁ। ଦେଶର ପ୍ରମୁଖ ବୃହତ୍ ସହରମାନଙ୍କରେ ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ରେଳ ଲାଇନ୍ ନିର୍ମାଣ ହେଉଛି। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଏହି ପ୍ରକଳ୍ପ ମାଟି ତଳେ କରାଯିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି। ଟେଣ୍ଡର ବାତିଲ୍ ହେବା ପଛରେ ଏହା ଆଉ ଏକ କାରଣ ବୋଲି ଜଣାପଡ଼ିଛି। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ ନାହିଁ, ତାହାର ଦୂରଦୃଷ୍ଟିର ଅଭାବ ରହେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଟେଣ୍ଡର ବାତିଲ୍ ହେବା ପରେ ଓଡ଼ିଶା ୧୦ ବର୍ଷ ପଛକୁ ଚାଲିଯାଇଛି।

ବିଶେଷଜ୍ଞ ମହଲରେ ଏବେ ଆଲୋଚନା ହେଉଛି ଯେ ଡିପିଆରରେ କିଛି ତ୍ରୁଟିବିଚ୍ୟୁତି ଥିଲେ ତାହାକୁ ସଂଶୋଧନ କରା ଯାଇପାରିଥା'ନ୍ତା। କିନ୍ତୁ ଟେଣ୍ଡର ବାତିଲ୍ ଯଦି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ଏବଂ ପ୍ରକଳ୍ପର ଶ୍ରେୟ ବିଜେଡି ସରକର ନେଇଯିବାର ଭୟ ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାରଙ୍କୁ ଘାରିଥାଏ ତେବେ ଜନମାନସରେ ସରକାର ନିନ୍ଦିତ ହେବା ହିଁ ସାର ହେବ। ମେଟ୍ରୋ ଚଳାଚଳ ପାଇଁ ଡବଲ୍ ଇଞ୍ଜିନ୍‌ର ଦକ୍ଷତା, କ୍ଷମତା ଓ ଆନ୍ତରିକତାକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଲାଣି। ସାନି ଡିପିଆର ପ୍ରସ୍ତୁତ ପରେ ତୁରନ୍ତ ଟେଣ୍ଡର ଚୂଡ଼ାନ୍ତ କରିବା ଏବେ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଏହାଦ୍ୱାରା ବରଂ ସରକାର ଅପବାଦରୁ ମୁକ୍ତି ପାଇବେ। ସର୍ବୋପରି କିଛିଟା ବିଳମ୍ବ ହେଲେ ମଧ୍ୟ ସ୍ୱାଧୀନ ଭାରତର ଯୁଗ୍ମପ୍ରଥମ ଯୋଜନାବଦ୍ଧ ରାଜଧାନୀ ସହର ଭୁବନେଶ୍ୱର ମେଟ୍ରୋ ରେଳ ସେବା ମଣ୍ଡିତ ହୋଇପାରିବ। ●

# ଧରିତ୍ରୀ ଶିଖର ସମ୍ମିଳନୀ ଓ ଭାରତ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସ୍ୱିଡେନ୍‌ର ରାଜଧାନୀ ଷ୍ଟୋକହୋମ୍‌ଠାରେ ପ୍ରଥମ ଥର ପାଇଁ ମାନବୀୟ ପରିବେଶ ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ (୫-୧୬ ଜୁନ୍ ୧୯୭୨) ପରେ ପରବର୍ତ୍ତୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଶାଳୀ ଶିଖର ସମ୍ମିଳନୀ ଥିଲା 'ଜାତିସଂଘ ପରିବେଶ ଏବଂ ବିକାଶ ସମ୍ମିଳନୀ'(ୟୁଏନ୍‌ସିଇଡି), ଯାହାକୁ 'ଧରିତ୍ରୀ ଶିଖର ସମ୍ମିଳନୀ' ମଧ୍ୟ କୁହାଯାଏ। ଏହା ୧୯୯୨ ମସିହା, ଜୁନ୍ ୩-୧୪ ପର୍ଯ୍ୟନ୍ତ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ ହୋଇଥିଲା। ଏହି ଶୀର୍ଷ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୩ଟି ପ୍ରମୁଖ ଦଲିଲ ପ୍ରସ୍ତୁତ କରାଯାଇଥିଲା, ଯଥା - (୧) ରିଓ ଘୋଷଣାନାମା ଆଧାରିତ ପରିବେଶ ସୁରକ୍ଷା ଏବଂ ବିକାଶ ସମ୍ପର୍କରେ ମାର୍ଗଦର୍ଶନ କରିବା ପାଇଁ ବ୍ୟାପକ ନୀତିର ଏକ ବିବୃତ୍ତି, (୨) ସମସ୍ତ ପ୍ରକାରର ଜଙ୍ଗଲର ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଉପରେ ଏକ ଅଣ-ଆଇନଗତ ଭାବରେ ବାଧ୍ୟତାମୂଳକ ବିବୃତ୍ତି, (୩) ଏକବିଂଶ ଶତାବ୍ଦୀ ପାଇଁ ଦୀର୍ଘସ୍ଥାୟୀ ଖସଡ଼ା, ପାଣି ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ଏବଂ ଆକଳନ ଉପସ୍ଥାପନ କରୁଥିବା ଏକ ବିଶାଳ ଦଲିଲ। ୩ଟି ଚୁକ୍ତି ଯଥା - ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱାର୍କ ଶିଖର ସମ୍ମିଳନୀ(ୟୁଏନ୍‌ଏଫ୍‌ସିସିସି), ଜୈବ ବିବିଧତା ଶିଖର ସମ୍ମିଳନୀ(ସିବିଡି), ମରୁଭୂମି ମୁକାବିଲା ପାଇଁ ମିଳିତ ଜାତିସଂଘ ଶିଖର ସମ୍ମିଳନୀ(ୟୁଏନ୍‌ସିସିଡି)। ଏଗୁଡ଼ିକ ଯଥାକ୍ରମେ ୧୯୯୪, ୧୯୯୩ ଓ ୧୯୯୬ରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହୋଇଥିଲା।

ୟୁଏନ୍‌ଏଫ୍‌ସିସିସର ମୂଳ ଉଦ୍ଦେଶ୍ୟ ହେଉଛି ସବୁଜଗୃହ ବାଷ୍ପ ସାନ୍ଦ୍ରତାକୁ ହ୍ରାସ କରି ଏପରି ସ୍ତରରେ ସ୍ଥିର କରିବା, ଯାହା ଜଳବାୟୁ ପ୍ରଣାଳୀ ସହିତ ବିପଦପୂର୍ଣ୍ଣ ମାନବଜାତ(ମାନବ ପ୍ରେରିତ) ହସ୍ତକ୍ଷେପକୁ ରୋକିପାରିବ। ସିବିଡି ରାଷ୍ଟ୍ରଗୁଡ଼ିକର ଜୈବିକ ସମ୍ପଦ ଉପରେ ସାର୍ବଭୌମ ଅଧିକାରକୁ ପୁନଃନିର୍ଦ୍ଦିଷ୍ଟ କରିବା ସହିତ ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସ୍ଥାୟୀ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦର ବ୍ୟବହାରରୁ ଉତ୍ପନ୍ନ ଲାଭର ନିରପେକ୍ଷ ଓ ସମାନ ବଣ୍ଟନ ଉପରେ ଗୁରୁତ୍ୱାରୋପ କରେ। ୟୁଏନ୍‌ସିସିଡିର ମୌଳିକ ଉଦ୍ଦେଶ୍ୟ ହେଉଛି ଆମର ଭୂମିକୁ ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ସହିତ ଏକ ସୁରକ୍ଷିତ, ନ୍ୟାୟପୂର୍ଣ୍ଣ ଓ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା।

ତିନୋଟିଯାକ ଶିଖର ସମ୍ମିଳନୀ ପାଇଁ ଅଂଶୀଦାର ଦେଶର ପ୍ରତିନିଧିମାନେ ନିୟମିତ ଆୟୋଜିତ ସମ୍ମିଳନୀରେ ଏକତ୍ରିତ ହୋଇ ଆଲୋଚନା କରନ୍ତି, ଯାହାକୁ କୁହାଯାଏ କନଫରେନ୍ସ ଅଫ୍ ପାର୍ଟିସ୍(ସିଓପି ବା କୋପ୍)। 'କୋପ୍'ଗୁଡ଼ିକ ସମ୍ମିଳନୀର ପରିଚାଳନା ସଂସ୍ଥା ଏବଂ ଏହାର ସାମୟିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ। ୟୁଏନ୍‌ଏଫ୍‌ସିସିସିର ସର୍ବଶେଷ ବା ୨୯ତମ ଅଧିବେଶନ ଥିଲା କୋପ୍-୨୯, ଯାହା ୧୧-୨୨ ନଭେମ୍ବର ୨୦୨୪ରେ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ସିବିଡିର ସର୍ବଶେଷ ଅଧିବେଶନ ଥିଲା କୋପ୍-୧୬, ଯାହା ଅକ୍ଟୋବର ୨୧-୧ ନଭେମ୍ବର ୨୦୨୪ରେ କଲମ୍ବିଆର କାଲିରେ ଅନୁଷ୍ଠିତ ହୋଇଥିଲା। ସମଭାବରେ ୟୁଏନ୍‌ସିସିଡିର ଏପର୍ଯ୍ୟନ୍ତ ସର୍ବଶେଷ ଅଧିବେଶନ କୋପ୍-୧୬, ସାଉଦି ଆରବର ରିୟାଦରେ ୨ ରୁ ୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୟୁଏନ୍‌ଏଫ୍‌ସିସିସ ଶିଖର ସମ୍ମିଳନୀ ୨୯ ଥର ଅନୁଷ୍ଠିତ ହୋଇସାରିଥିବା ବେଳେ ସିବିଡି ଓ ୟୁଏନ୍‌ସିସିଡିର ଶିଖର ସମ୍ମିଳନୀ ପ୍ରତ୍ୟେକେ ୧୬ ଥର ଲେଖାଏଁ ଅନୁଷ୍ଠିତ ହୋଇଛି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୧୨ ଡିସେମ୍ବର ୨୦୧୫ରେ ଶେଷ ହୋଇଥିବା ୟୁଏନ୍‌ଏଫ୍‌ସିସିସି ବା କୋପ୍-୨୧ ବହୁତ ପ୍ରଭାବଶାଳୀ ଥିଲା। ଏହି ସମ୍ମିଳନୀରେ ଗୃହୀତ ଚୁକ୍ତିନାମା, ଯାହା 'ପ୍ୟାରିସ ଚୁକ୍ତିନାମା' ନାମରେ ଖ୍ୟାତ, ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆଇନଗତ ଭାବରେ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିଶ୍ୱ ହାରାହାରି ତାପମାତ୍ରାକୁ ପ୍ରାକଶିଳ୍ପାୟନ ସ୍ତରଠାରୁ ୨ ଡିଗ୍ରୀ ସେଣ୍ଟିଗ୍ରେଡ ତଳେ ରଖିବା ଏବଂ ପ୍ରାକଶିଳ୍ପାୟନ ସ୍ଥିତି ସ୍ତର ଠାରୁ ତାପମାତ୍ରା ବୃଦ୍ଧିକୁ ମାତ୍ର ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ପ୍ରୟାସ କରିବା।

ଅଂଶୀଦାର ଦେଶମାନେ ସବୁଜ ଗୃହ ବାଷ୍ପ ପରିମାଣ ହ୍ରାସ କରିବା ପାଇଁ ପ୍ୟାରିସରେ ୨୦୧୫ ରେ କୋପ୍ ୨୧ ସମୟରେ ନିଜସ୍ୱ ଅଙ୍ଗୀକାରବଦ୍ଧତା ଦାଖଲ କରିଥିଲେ। ଭାରତ ୨୦୦୫ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ନିର୍ଗମନ ହାରରେ ୩୩% ରୁ ୩୫% ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସିବିଡି ପ୍ରତିଶ୍ରୁତି ଅନୁଯାୟୀ, ୧୯୯୯ରେ ଭାରତର ପ୍ରଥମ ଜାତୀୟଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟଯୋଜନା ଆରମ୍ଭ କରିଥିଲା। ଭାରତ ୨୦୨୫-୩୦ ଆର୍ଥିକ ବର୍ଷରେ ଜୈବ ବିବିଧତା ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରାୟ ୮୧, ୬୬୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟବରାଦ କରିଛି। ୟୁଏନ୍‌ସିସିଡି ତଥ୍ୟ ଅନୁଯାୟୀ, ୨୦୧୫-୨୦୧୯ ପର୍ଯ୍ୟନ୍ତ ଭାରତର ମୋଟ ରିପୋର୍ଟ କରାଯାଇଥିବା ଜମିର ୩୦.୫୧ ନିୟୁତ ହେକ୍ଟର ଅବକ୍ଷୟ ହୋଇଥିଲା। ଏହାର ଜବାବରେ ଭାରତ ଭୂମି ଅବକ୍ଷୟକୁ ସମାଧାନ କରିବା, ମରୁଡ଼ି ସ୍ଥିତିସ୍ଥାପକତା ନିର୍ମାଣ କରିବା, ପରିବେଶ ପୁନରୁଦ୍ଧାର ଏବଂ ଜୈବ ବିବିଧତା ବୃଦ୍ଧି ପାଇଁ ଏକ ବ୍ୟାପକ ପଦ୍ଧତି ଗ୍ରହଣ କରିଛି।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଏବେ ପ୍ରତିବର୍ଷ ପ୍ରାୟ ୪.୧ ବିଲିୟନ ମେଟ୍ରିକ୍ ଟନ୍ ଅଙ୍ଗାର କାମ୍ଳ ସମତୁଲ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନ କରେ, ଯାହା ଚୀନ୍ (୧୫.୯ ବିଲିୟନ ମେଟ୍ରିକ୍ ଟନ୍) ଏବଂ ଆମେରିକା (୬ ବିଲିୟନ ଟନ) ପରେ ବିଶ୍ୱରେ ତୃତୀୟ ସର୍ବାଧିକ ଯୋଗଦାନକାରୀ। ତେବେ ଭାରତରେ ମୁଣ୍ଡପିଛା ନିର୍ଗମନ (୨.୯) ମେଟ୍ରିକ୍ ଟନ୍ ଆମେରିକା (୧୭.୬) ଏବଂ ଚୀନ (୧୧.୧) ତୁଳନାରେ ବହୁତ କମ୍। ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ପରେ ଭାରତକୁ ଏବେ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଆଗକୁ ବଢ଼ାଇବାକୁ ପଡ଼ିବ ଏବଂ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ଯଦି ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ ୨୦୩୦ ସୁଦ୍ଧା ହାସଲ କରିବାକୁ ହୁଏ, ତେବେ ବିଶ୍ୱସ୍ତରୀୟ ସହଯୋଗ, ବିଶେଷକରି ବିକଶିତ ଦେଶମାନଙ୍କ ଦ୍ୱାରା, ଅତ୍ୟନ୍ତ ଜରୁରୀ। ୨୦୨୫ ହେଉଛି କୋପ୍ ୨୧ରେ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ୨୦୧୫ ର ପ୍ରଥମ ଦଶନ୍ଧି। ପ୍ୟାରିସ୍ ଚୁକ୍ତିନାମାର ଧାରା ୨.୧ ସି ନିର୍ଗମନ ହ୍ରାସ ଏବଂ ଜଳବାୟୁ-ସ୍ଥାପକତା ସହିତ 'ଆର୍ଥିକ ପ୍ରବାହକୁ ସୁସଙ୍ଗତ କରିବା' ଉପରେ ଧ୍ୟାନ ଦିଏ। ଧାରା ୯.୧ ରେ କୁହାଯାଇଛି ଯେ ବିକଶିତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ଏଥିପାଇଁ 'ଅର୍ଥ ଯୋଗାଇବେ'। ଦୁଇଟି ବଡ଼ ତୈଳ ରପ୍ତାନିକାରୀ ରାଷ୍ଟ୍ର ଇରାନ ଓ ଲିବିଆ ୧୪-ସଦସ୍ୟ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶ ସଂଗଠନ ମଧ୍ୟରୁ ଏବଂ ୟେମେନ୍ ପ୍ୟାରିସ୍ ଚୁକ୍ତିନାମାକୁ ଅନୁମୋଦନ କରିନାହାନ୍ତି। ଦ୍ୱିତୀୟ ସର୍ବାଧିକ ନିର୍ଗମନକାରୀ ଆମେରିକା ୨୦୨୦ରେ ଚୁକ୍ତିନାମାରୁ ଓହରିଗଲା, ୨୦୨୧ ରେ ପୁନର୍ବାର ଯୋଗ ଦେଲା ଏବଂ ୨୦୨୫ରେ ପୁଣି ପ୍ରତ୍ୟାହାର ଘୋଷଣା କଲା। ଗତ ବର୍ଷ ୟୁଏନ୍‌ଏଫ୍‌ସିସିସିର କୋପ୍୨୯ ରେ, ରାଷ୍ଟ୍ରଗୁଡ଼ିକ ୨୦୩୫ ସୁଦ୍ଧା 'ଜଳବାୟୁ ଆର୍ଥିକ ବଜେଟ ଅଟକଳ' ବାର୍ଷିକ ଅତିକମରେ ୩୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇଁ ସହମତ ହୋଇଥିଲେ, ଯାହା ମୁଖ୍ୟତଃ ବିକଶିତ ଦେଶଗୁଡ଼ିକରୁ ଆସିବ। ଏହି ଅର୍ଥ ବିକାଶଶୀଳ ଦେଶଗୁଡ଼ିକୁ ସେମାନଙ୍କର ନିର୍ଗମନକୁ ନିୟନ୍ତ୍ରଣ କରିବାରେ ଏବଂ ଆହୁରି ଅଧିକ ଜଟିଳ ଜଳବାୟୁ ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ସବୁଠାରୁ ବଡ଼ ଯୋଗଦାନକାରୀ ଆମେରିକା ପ୍ରାୟତଃ ସମସ୍ତ ଜଳବାୟୁ ସହାୟତା ବାତିଲ କରିସାରିଛି। ଜର୍ମାନୀ, ଫ୍ରାନ୍ସ ଏବଂ ୟୁକେ ସମେତ ପ୍ରମୁଖ ୟୁରୋପୀୟ ଦାତାମାନେ ମଧ୍ୟ ସହାୟତା ହ୍ରାସ ଘୋଷଣା କରିଛନ୍ତି। ଏହା ଆର୍ଥିକ ସହାୟତା କ୍ଷେତ୍ରରେ ସଙ୍କଟ ସୃଷ୍ଟି କରିବ।

ୟୁଏନ୍‌ଏଫ୍‌ସିସିସିର କୋପ୍ ୩୦ ଚଳିତ ବର୍ଷ ନଭେମ୍ବର ୨୦୨୫ ରେ ବ୍ରାଜିଲର ବେଲେମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ପୂର୍ବରୁ ସମ୍ପୃକ୍ତ ପକ୍ଷ ରାଷ୍ଟ୍ର ପ୍ରତିନିଧିମାନେ ଗତ ଜୁନ୍ ମାସରେ ବନ୍ (ଜର୍ମାନୀ) ରେ ପୂର୍ବ ପ୍ରସ୍ତୁତି ବୈଠକ ଆଲୋଚନା କରି ଏଥିପାଇଁ ଏଜେଣ୍ଡା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ରାଜନୈତିକ, ସାଂସ୍କୃତିକ, ଭୌଗୋଳିକ, ଅର୍ଥନୈତିକ ଏବଂ ସାମାଜିକ ସୀମା ଅତିକ୍ରମ କରି ଚାଲିଛି, ଯାହା ବ୍ୟକ୍ତି, ସମ୍ପ୍ରଦାୟ, ପରିସଂସ୍ଥା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ ସବୁଠାରୁ ଦୁର୍ବଳ ଲୋକଙ୍କ ଉପରେ ଲଦି ହେଉଛି। ଆଶା କରାଯାଏ, କୋପ୍୩୦ ନିଶ୍ଚିତ ଭାବରେ ଏକ ମୋଡ଼ ହେବ, ଯାହା କେବଳ ମହତ୍ୱାକାଂକ୍ଷା ଉପରେ ନୁହେଁ ବରଂ ସର୍ବାଧିକ ଜଳବାୟୁ ବିପଦର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ସମାନତା, ଆର୍ଥିକ ଏବଂ ନ୍ୟାୟ ପ୍ରଦାନ କରିବ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଦ୍ୱିତୀୟ କ୍ୱାଣ୍ଟମ ବିପ୍ଳବ

ଡ. ଗୌରୀ ଶଙ୍କର ତ୍ରିପାଠୀ

ଚଳିତ ବର୍ଷକୁ ବିଶ୍ୱରେ କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବର୍ଷ ରୂପେ ପାଳନ କରାଯାଉଛି। ପ୍ରାୟ ୧୦୦ ବର୍ଷ ପୂର୍ବେ କ୍ୱାଣ୍ଟମ୍ ମେକାନିକ୍ସ ବିଜ୍ଞାନରେ ଏକ ଚାଞ୍ଚଲ୍ୟକାରୀ ଜ୍ଞାନ ଭାବେ ଆବିର୍ଭାବ ହେଇଥିଲା। କ୍ୱାଣ୍ଟମ୍ ତତ୍ତ୍ୱରେ ଏମିତି କିଛି ରହସ୍ୟ ଲୁଚି ରହିଥାଏ, ଯାହା ଅନ୍ୟ କୋଉଠି ନଥାଏ। ଯେମିତି କି କ୍ୱାଣ୍ଟମ୍ ଦୁନିଆରେ ସୁପରପୋଜିସନ୍ ନିୟମ ଲାଗୁ ହେଇଥାଏ। ଗୋଟିଏ ବସ୍ତୁ ଏକାଥରେ ଦୁଇଟା ଅବସ୍ଥାରେ ରହିପାରେ। ଆଉ ଗୋଟେ ଆଶ୍ଚର୍ଯ୍ୟ ନିୟମ ହେଲା କ୍ୱାଣ୍ଟମ ଏନଟାଙ୍ଗ୍ଲମେଣ୍ଟ ତଥା କ୍ୱାଣ୍ଟମ୍-ଜଡ଼ିତତା, ଯାହାକି ଦୁଇଟା କଣିକା ଯେତେ ଦୂରରେ ଥିଲେ ବି କିଛି ଗୋଟେ ଅଦୃଶ୍ୟ ସୂତାରେ ଦୁଇଟାକୁ ଯୋଡ଼ି ରଖିଥାଏ। ଏମିତି ଅନେକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳେ କ୍ୱାଣ୍ଟମ୍ ଦୁନିଆରେ।

କ୍ୱାଣ୍ଟମ୍ ବିଜ୍ଞାନ ଆବିର୍ଭାବ ପରଠାରୁ ଏହି ଜ୍ଞାନ ଅନେକ ଯୁଗାନ୍ତକାରୀ ତଥ୍ୟ, ତତ୍ତ୍ୱ ଓ ପ୍ରଯୁକ୍ତିବିଦ୍ୟାକୁ ଜନ୍ମ ଦେଇଛି। ଏହାଦ୍ୱାରା ବିଂଶ ଶତାବ୍ଦୀରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଏଭଳିକି ଜୀବ ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ମଧ୍ୟ ବୁଦ୍ଧିମନ୍ତ ହେଇଛି। ଏହାର ଦ୍ୱିତୀୟ ସଂସ୍କରଣ ଏବେ ଏକ ଅଭିନବ ବିଜ୍ଞାନ ଭାବେ ଉଭା ହେଇଛି। ଏହି ଜ୍ଞାନରେ ଅଧିକତର ଗବେଷଣା ଏବଂ ବିକାଶ ଭବିଷ୍ୟତରେ ଆମ ଜୀବନକୁ ଆହୁରି ଅଧିକ ବିସ୍ମୟମଣ୍ଡିତ କରିବ। ସେଇଥିପାଇଁ ସମଗ୍ର ବିଶ୍ୱ ଏହି ବିଜ୍ଞାନରେ ଶ୍ରେଷ୍ଠତା ପ୍ରାପ୍ତି ନିମନ୍ତେ ତତ୍ପର ହୋଇପଡ଼ିଛନ୍ତି।

ଭାରତର ଜାତୀୟ କ୍ୱାଣ୍ଟମ୍ ମିଶନ(ଏନ୍‌କ୍ୟୁଏମ୍) ୨୦୨୩ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଇଥିବା ଏକ ଆଠ ବର୍ଷିଆ ପ୍ରକଳ୍ପ, ଯେଉଁଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏନ୍‌କ୍ୟୁଏମ୍ ଚାରୋଟି ଦିଗର ବିକାଶ ଉପରେ ଧ୍ୟାନ ଦେଉଛି: (୧) କ୍ୱାଣ୍ଟମ୍ କମ୍ପ୍ୟୁଟିଂ; (୨) କ୍ୱାଣ୍ଟମ୍-ଯୋଗାଯୋଗ; (୩) କ୍ୱାଣ୍ଟମ୍-ସେନ୍ସିଂ ଓ ମାପ ବିଜ୍ଞାନ; (୪) କ୍ୱାଣ୍ଟମ୍-ବସ୍ତୁ ଓ କ୍ୱାଣ୍ଟମ୍-ଉପକରଣ। ଭାରତ ଯଦି କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାକୁ ଚାହୁଁଛି, ତେବେ ଏହି କ୍ଷେତ୍ରରେ ପ୍ରୟାସକୁ ତୀବ୍ର କରିବା ସହିତ ଘରୋଇ ନିବେଶକୁ ବୃଦ୍ଧି କରିବାକୁ ପଡ଼ିବ। ଏହା ଏନ୍‌କ୍ୟୁଏମ୍‌ର ପ୍ରଥମ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଦେଶର ଡିଜିଟାଲ୍ ଭିତ୍ତିଭୂମିକୁ କ୍ୱାଣ୍ଟମ୍-ସୁରକ୍ଷିତ କରିବା ପାଇଁ ଏହାର ସୁରକ୍ଷା ଓ ନିୟମାବଳୀରେ ଉନ୍ନତି ଆଣିବାକୁ ପଡ଼ିବ।

'ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସହ ଜଡ଼ିତ ହେବା ରଣନୀତି' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ କ୍ୱାଣ୍ଟମ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ଭାରତ ବିଶ୍ୱରେ ନେତୃତ୍ୱ ନେବାର ଆଗ୍ରହ ରଖିଛି ଏବଂ ଏହି ଦିଗରେ ପ୍ରୟାସ କରୁଛି। ଏଥିରେ ଅଛି କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ତ୍ରୁଟି-ସଂଶୋଧନ ଆଲଗୋରିଦମ୍। ଏହାବ୍ୟତୀତ, କ୍ୱାଣ୍ଟମ୍ ହାର୍ଡୱେର ନିର୍ମାଣ ପାଇଁ ଦରକାର ସୁପରକଣ୍ଡକ୍ଟିଂ ସର୍କିଟ୍, ଫସି ରହିଥିବା ପରମାଣୁ/ଆୟନ ଏବଂ ଇଞ୍ଜିନିୟର୍ଡ କ୍ୱାଣ୍ଟମ୍-ଡଟ୍ ଉପଯୋଗର ବିକାଶ। ଉଦାହରଣ ସ୍ୱରୂପ, ଏନ୍‌କ୍ୟୁଏମ୍ ସମର୍ଥିତ ବେଙ୍ଗାଲୁରୁ-ଭିତ୍ତିକ ଷ୍ଟାର୍ଟଅପ୍ କ୍ୟୁପିଆଇଏଆଇ ସମ୍ପ୍ରତି 'ଇଣ୍ଡସ୍' ନାମକ ଏକ ୨୫-ସୁପରକଣ୍ଡକ୍ଟିଂ କ୍ୟୁବିଟ୍ କ୍ୱାଣ୍ଟମ୍ କମ୍ପ୍ୟୁଟର ବିକଶିତ କରିଛି। ଏହା ସମ୍ପୂର୍ଣ୍ଣ ଦେଶୀୟ ନୁହେଁ। ଏହାର କ୍ୟୁବିଟ୍‌ଗୁଡ଼ିକ ବିଦେଶରେ ତିଆରି ହେଇଥିବା ଅନୁମାନ କରାଯାଉଛି। ଏହାସତ୍ତ୍ୱେ ଏହା ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ।

ତଥ୍ୟକୁ ବିରାମ ଦେଇ ବିଜ୍ଞାନ ଉପରେ ବର୍ତ୍ତମାନ ଆମେ କିଛି ଧ୍ୟାନ ଦେବା। ଏହି କ୍ୟୁବିଟ୍ କ'ଣ? ଏକ କ୍ୟୁବିଟ୍ (କ୍ୱାଣ୍ଟମ୍ ବିଟ୍) ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରରେ ସୂଚନାର ଏକ ମୌଳିକ ଏକକ। ଏକ ନିୟମିତ କମ୍ପ୍ୟୁଟରରେ ଆମେ ବିଟ୍ ବ୍ୟବହାର କରୁ, ଯାହା ୦ କିମ୍ବା ୧ ହୋଇପାରେ। କିନ୍ତୁ କ୍ୱାଣ୍ଟମ୍‌ବିଟ୍ ସ୍ୱତନ୍ତ୍ରତା ବହନକରେ। କାରଣ ଏହା ଏକ ସମୟରେ ୦, ୧, କିମ୍ବା ଉଭୟ ହୋଇପାରେ। ଏହାକୁ ଉପରେ ବର୍ଣ୍ଣିତ ସୁପରପୋଜିସନ୍ କୁହାଯାଏ। ଉଦାହରଣରେ ବାୟୁରେ ଘୁରୁଥିବା ଏକ ମୁଦ୍ରାକୁ ଭାବନ୍ତୁ। ଯେପର୍ଯ୍ୟନ୍ତ ଏହା ଅବତରଣ କରିନାହିଁ, ଏହା ଏକା ସମୟରେ ଉଭୟ ମୁଣ୍ଡ ଏବଂ ଲାଞ୍ଜ ହୋଇଥାଏ। ଏକାଧିକ ଅବସ୍ଥାରେ ରହିବାର ଏହି କ୍ଷମତା କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ନିୟମିତ କମ୍ପ୍ୟୁଟର ଅପେକ୍ଷା ବହୁତ ଶୀଘ୍ର ଜଟିଳ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। କ୍ୟୁବିଟ୍‌ସର ଆଉ ଏକ ଆକର୍ଷଣୀୟ ଗୁଣ ହେଉଛି ଜଡ଼ିତତା। ଦୁଇଟି କ୍ୟୁବିଟ୍ ଏପରି ଭାବରେ ସଂଯୁକ୍ତ ହୋଇପାରିବେ ଯେ, ସେମାନେ ଯେତେଦୂରରେ ଥିଲେ ମଧ୍ୟ, ଗୋଟିଏକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅନ୍ୟଟି ପ୍ରଭାବିତ ହୁଏ। ଏହି କ୍ୱାଣ୍ଟମ୍-ଜଡ଼ିତତା ଏପରି ଏକ ଜଟିଳ ବିଷୟ, ଯାହାକୁ ପ୍ରସିଦ୍ଧ ବିଜ୍ଞାନୀ ଆଇନଷ୍ଟାଇନ ଏକ ବିଚିତ୍ର(ସ୍ପୁକି) ଚିନ୍ତାଧାରା ବୋଲି କହିଥିଲେ।

ଭାରତରେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ଉପରେ ଗବେଷଣା ୧୯୯୦ରୁ ଆରମ୍ଭ ହୋଇଥିଲା। ଭାରତ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସଫ୍ଟୱେର୍-କେନ୍ଦ୍ରିକ, ତାତ୍ତ୍ୱିକ ଏବଂ ଆଲଗୋରିଦମିକ୍ ଦିଗଗୁଡ଼ିକରେ ଦୃଢ଼, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ହାର୍ଡୱେରର ସମ୍ପୂର୍ଣ୍ଣ ସ୍ୱଦେଶୀ ବିକାଶ ହେଇନାହିଁ। ଏହି କାର୍ଯ୍ୟ ଏକ ନବଜାତ ପର୍ଯ୍ୟାୟରେ ରହିଛି। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ କ୍ୱିବିଟ୍ ଏବଂ ଅନ୍ୟାନ୍ୟ ସହାୟକ ହାର୍ଡୱେର ତିଆରି କରିବା ପାଇଁ ସ୍ୱଦେଶୀ କ୍ଷମତାକୁ ଉନ୍ନୀତ କରିବା ପାଇଁ ପ୍ରୟାସର ବିଶେଷ ଆବଶ୍ୟକତା ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବେ ବି ବିକଶିତ ହେଉଛି। କିନ୍ତୁ ଏଥିରେ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଏବଂ ଔଷଧୀୟ-କ୍ଷେତ୍ରରେ ବିପ୍ଳବ ଆଣିବାର ସମ୍ଭାବନା ଅଛି। ସୁତରାଂ, ଅତୀତର ଜ୍ଞାନ-ଗରିମା ଉପରେ ବହୁତ ତର୍କ-ବିତର୍କ ନ କରି ବର୍ତ୍ତମାନର ଜ୍ଞାନକୌଶଳକୁ ଆଗେଇନେବା ଆମ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହେବ। ବର୍ତ୍ତମାନ ନିବେଶକ ଏବଂ ପ୍ରଯୁକ୍ତିବିଦ୍ୱାନଙ୍କ ପାଇଁ କ୍ୱାଣ୍ଟମ୍ ଟେକ୍ନୋଲୋଜିରେ ବିପୁଳ ନିବେଶ କରିବାର ସମୟ ଆସିଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜିର ଭବିଷ୍ୟତର କମ୍ପ୍ୟୁଟିଂ ଏବଂ ସଞ୍ଚାର କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି। ଏହା ଭବିଷ୍ୟତ ଜୀବନର ପ୍ରତ୍ୟେକ ଦିଗକୁ ବଦଳାଇ ଦେବ। ●

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ରିମା ଛତ୍ର ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ମଧ୍ୟଭାରତରେ ରିମା ନାମକ ଏକ ଛୋଟ ରାଜ୍ୟ ଥିଲା। ସେଠାରେ ରଘୁରାଜ ସିଂହ ନାମରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ରଘୁରାଜ ମର୍ଯ୍ୟାଦାପୁରୁଷ ରଘୁନାଥଙ୍କ ପରି ସୁଶାସକ ଓ ପ୍ରଜାବତ୍ସଳ ଥିଲେ। ପୁରାଣରୁ ସେ ନୀଳାଚଳ ନିବାସୀ ଜଗନ୍ନାଥଙ୍କ ମହିମା ଶୁଣିଥିଲେ। ତେଣୁ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରାଜାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। କିଛି ପାରିଷଦଙ୍କ ସାଙ୍ଗରେ ନେଇ ରାଜା ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି କୃତ୍ୟକୃତ୍ୟ ହେଲେ। ସମଗ୍ର ବିଶ୍ୱର ସାଙ୍କେତିକ ସ୍ୱରୂପ, ନିରାକାର, ପୁଣି ନରାକାର ମହାପ୍ରଭୁଙ୍କ ରୂପ ତାଙ୍କୁ ବିମୋହିତ କଲା। ସେ କିଛିଦିନ କ୍ଷେତ୍ରରେ ରହି ପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିବା ପାଇଁ ନିଷ୍ପତ୍ତି ନେଲେ।

ଦିନେ ରାଜା ଦର୍ଶନ ପାଇଁ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଅରୁଣଚକଡ଼ାରେ ଏକ ଅଦ୍ଭୁତ ଘଟଣା ଘଟିଲା। ଗୋଟିଏ କାଉ ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଣ୍ଡେ ଅମାଲୁ ଧରି ଉଡ଼ି ଆସିଲା। ଅମାଲୁ ଖଣ୍ଡକ କାଉ ଥଣ୍ଟରୁ ରାଜାଙ୍କ ସମ୍ମୁଖରେ ଅକସ୍ମାତ୍ ଖସି ପଡ଼ିଲା। ରାଜା ମହାପ୍ରସାଦ ଖଣ୍ଡକୁ ଉଠାଇ ଆଣିବା ପାଇଁ ହାତ ବଢ଼େଇଲା ବେଳକୁ ଗୋଟିଏ କୁକୁର କାହିଁ ଥିଲା, ପବନ ବେଗରେ ଆସି ଅମାଲୁରୁ ଖଣ୍ଡେ ନେଇ ଚାଲିଗଲା। କୁକୁର ଅଇଁଠା ହେଲେ ମଧ୍ୟ ମହାପ୍ରସାଦର ପବିତ୍ରତା ହାନି ହୁଏ ନାହିଁ। ସେ ବିଷୟରେ ଶାସ୍ତ୍ରରେ ଅନେକ ପ୍ରମାଣ ଦେଖିବାକୁ ମିଳେ। କିନ୍ତୁ ରାଜା ସେ ବିଷୟରେ ଅଜ୍ଞାତ ଥିବାରୁ ଅମାଲୁ କୁକୁର ଅଇଁଠା ହୋଇଗଲା ବୋଲି ଆଉ ଆଣିଲେ ନାହିଁ। ମହାପ୍ରସାଦକୁ ଅସମ୍ମାନ କରିବା ଅପରାଧ ଯୋଗୁଁ ରାଜା କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ। ରାଜା ଏକଥା ଜାଣିପାରି ପ୍ରଭୁଙ୍କର ଶରଣାଗତ ହେଲେ ଏବଂ କ୍ଷେତ୍ର ଛାଡ଼ି ଗଲେ ନାହିଁ। କିନ୍ତୁ ରାଜ୍ୟର ଭଲମନ୍ଦ କଥା ଭାବି ଭାବି ସେ ଅନେକ ସମୟରେ ଚିନ୍ତିତ ରହୁଥିଲେ। ଅନ୍ତର୍ଯ୍ୟାମୀ ମହାପ୍ରଭୁ ଭକ୍ତର ମନକଥା ଜାଣିପାରିଲେ। ସେ ଦିନେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଆଦେଶ ଦେଲେ - 'ରାଜା! ମୁଁ ତୁମର ଭକ୍ତିରେ ସନ୍ତୁଷ୍ଟ। ତୁମେ ମୋର କୈବଲ୍ୟ ପ୍ରସାଦ ନେଇ ରାଜ୍ୟକୁ ଫେରିଯାଅ। ମୋର କୈବଲ୍ୟ ସେବନ କରି ତୁମେ ରୋଗମୁକ୍ତ ହେବ।' ରାଜା ମହାପ୍ରଭୁଙ୍କ ଆଦେଶାନୁସାରେ କୈବଲ୍ୟ ନେଇ ରାଜ୍ୟକୁ ଫେରି ଗଲେ। ପ୍ରତିଦିନ ସ୍ନାନପରେ ମହାପ୍ରଭୁଙ୍କୁ ଆରାଧନା କରି କୈବଲ୍ୟ ସେବା କରିବା ପରେ ପାନଭୋଜନ ଗ୍ରହଣ କରୁଥିଲେ। ଅଳ୍ପଦିନ ପରେ ସେ ରୋଗମୁକ୍ତ ହୋଇ ଯିବାରୁ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତିଭାବ ବହୁଗୁଣିତ ହେଲା।

ତା'ପରେ ରାଜା ପୁଣିଥରେ ଶ୍ରୀକ୍ଷେତ୍ର ଯାଇ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କ କ୍ଷେତ୍ର ଓ ଭକ୍ତମାନଙ୍କ ପାଇଁ କିଛି କରିବାକୁ ସଙ୍କଳ୍ପ କଲେ। ସେଦିଗରେ ଉପଯୁକ୍ତ ପ୍ରସ୍ତୁତି ସହ ସେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେ ପ୍ରଥମେ ମହାପ୍ରଭୁଙ୍କ ରତ୍ନଭଣ୍ଡାରକୁ ସାଢ଼େସାତ ମହଣ ସୁନା ଦାନ କଲେ। ତା' ପରେ ଷୋଳଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନଙ୍କୁ ସାଢ଼େସାତ ମହଣ ସୁନା ଦାନ କଲେ। ଶେଷରେ ସେ ଶ୍ରୀକ୍ଷେତ୍ରରେ ରହି ଠାକୁରଙ୍କୁ ଆରାଧନା କରୁଥିବା ସାଧୁ, ସନ୍ଥ ଓ ମଠ ମହନ୍ତମାନଙ୍କୁ ସମାନ ଓଜନର ସୁନା ଦାନ କରିବାକୁ ଚାହୁଁଥିଲେ। କିନ୍ତୁ ସାଧୁ, ସନ୍ଥ ଓ ମହନ୍ତମାନେ ମହାପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାର କୃପାପ୍ରାର୍ଥୀ ହେବେ ନାହିଁ ବୋଲି ଦୃଢ଼ତାର ସହ ଜଣେଇ ଦେଲେ। ତେଣୁ ରାଜା ସେ ସୁନାକୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅନ୍ନଛତ୍ର ଖୋଲିବା ଉଦ୍ଦେଶ୍ୟରେ ଏମାର ମଠର ମହନ୍ତଙ୍କୁ ଦାନ କଲେ ଏବଂ ନିଜେ ବଡ଼ଦାଣ୍ଡ କଡ଼ରେ ଏକ ଗୃହ ନିର୍ମାଣ କରି ବାସ କଲେ। ପ୍ରଥମେ ଅନ୍ନଛତ୍ର ରାଜାଙ୍କ ବସାପାଖରେ ଆରମ୍ଭ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା। ତା' ପରେ ଏମାର ମଠପାଖରେ ଏକ ମଣ୍ଡପ ନିର୍ମାଣ କରାଯାଇ ଅନ୍ନଛତ୍ରକୁ ସେଠକୁ ସ୍ଥାନାନ୍ତର କରାଗଲା।

ବଡ଼ଦାଣ୍ଡରେ ନିର୍ମିତ ରିମା ରାଜାଙ୍କ ପ୍ରାସାଦ ପରବର୍ତ୍ତୀ କାଳରେ ଏକ ମଠରେ ରୂପାନ୍ତରିତ ହେଲା ଏବଂ ତାହା 'ରିମା ଛତ୍ର ମଠ' ଭାବରେ ଖ୍ୟାତ ହେଲା। ଏମାର ମଠର ମହନ୍ତଙ୍କ ତଦାରଖରେ ଏ ମଠ ପୂର୍ବେ ପରିଚାଳିତ ହେଉଥିବାରୁ ଏହା ଶ୍ରୀସଂପ୍ରଦାୟର ମଠ ଥିଲା। ଶୁଣାଯାଏ ଯେ ଏମାର ମଠର ମହନ୍ତ ଶ୍ରୀଗଦାଧର ରାମାନୁଜ ଦାସଙ୍କ ସମୟରେ କୌଣସି କାରଣରୁ ମଠର ଅନ୍ନଛତ୍ର ବନ୍ଦ ହୋଇଗଲା। ପରେ ଏହି ମଠ ଶ୍ରୀମନ୍ଦିର ପରିଚାଳନା ସମିତିକୁ ହସ୍ତାନ୍ତରିତ ହେଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ

- ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍ ଠାବ
- ଗ୍ୟାଲେରିଆ ଓ ସିମ୍ଫୋନୀ ମଲ୍‌ରେ ଦୋକାନ
- ରାଜଧାନୀ, ନୟାଗଡ଼, ଖୋର୍ଦ୍ଧାରେ ୧୩ ଟି ଫ୍ଲାଟ୍



ଭୁବନେଶ୍ୱର,୨୯ ।୭ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢଉ କରିଛି ଭିଜିଲାନ୍ସ। ଆଜି ଭୋର୍‌ରୁ ୭ ଡିଏସପି, ୫ ଇନ୍ସପେକ୍ଟର, ୧୧ ଏଏସ୍‌ଆଇ ଭୁବନେଶ୍ୱର ଓ ନୟାଗଡ଼ର ୧୦ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ବେଳେ ଭୁବନେଶ୍ୱର ନୀଳାଦ୍ରିବିହାରରେ ଥିବା ୩ ମହଲା କୋଠା, କସମୋପଲିସରେ ଫ୍ଲାଟ୍, ପାହାଳର ସିମ୍ଫୋନି ମଲରେ ଦୋକାନ ଘର, ନୟାଗଡ଼ ଜଗନ୍ନାଥ ପ୍ରସାଦରେ ଥିବା ପୈତୃକ ଘର, ଅଫିସ ଚ୍ୟାମ୍ବର, ଭୁବନେଶ୍ୱର ପଟିଆରେଶ୍ୱଶୁର ଘର, ନୟାଗଡ଼ରେ ଶ୍ୱଶୁର ଘର, ଭୁବନେଶ୍ୱର କସମୋପଲିସର ଟାୱାର ଏ୍ରେ ଫ୍ଲାଟ୍, ଡୁମୁଡୁମାରେ ଥିବା ଫ୍ଲାଟ୍ ଓ ଜାଗମରାରେ ଥିବା ଏଏସ୍‌ଏନ ଇନଫ୍ରାଷ୍ଟ୍ରକଚରରେ ଚଢଉ ହୋଇଛି। ରାଜକିଶୋର ଏବଂ ତାଙ୍କ ପରିବାର ନାମରେ ଭୁବନେଶ୍ୱରରେ ୯ଟି ଫ୍ଲାଟ୍ ଥିବା ବେଳେ ନୟାଗଡ଼ରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ଫ୍ଲାଟ୍ ରହିଛି। ବ୍ୟାଙ୍କ୍ ଏବଂ ଇନ୍ସ୍ୟୁରାନ୍ସରେ ୭୫ଲକ୍ଷ ଟଙ୍କା ଜମା ଅଛି। ସେ ଦୁଇ ପିଲାଙ୍କ ପଢ଼ା ବାବଦରେ ପ୍ରାୟ ୬୭ ଲକ୍ଷ ଖର୍ଚ୍ଚ କରିଛନ୍ତି ଓ ଘରର ଆସବାବପତ୍ର ୩୦ଲକ୍ଷର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଅର୍ଜିତ ସମ୍ପତ୍ତି ଆୟ ବହିର୍ଭୂତ ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ରାଜକିଶୋରଙ୍କୁ ଅଟକ ରଖିଛନ୍ତି ।୨୦୦୭ ଅକ୍ଟୋବର ୩ରେ ରାଜକିଶୋର ଡାଟା ଏଣ୍ଟ୍ରି ଭାବେ କାମ କରୁଥିଲେ। ସେତବେଳେ ତାଙ୍କର ଦରମା ୫ହଜାର ଟଙ୍କା ରହିଥିଲା। ଏହାପରେ ସେ ନିୟମିତ ହେବା ପରେ ୨୦୧୩ ଅକ୍ଟୋବର ୨ରେ ଭୁବନେଶ୍ୱର ଆରଡବ୍ଲ୍ୟୁ ଡିଭିଜନରେ ଜେଇ(ସିଭିଲ) ଭାବେ କାମ କରିଥିଲେ। ୨୦୧୪ ଅକ୍ଟୋବର ୧ରେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୨୦୧୪ ନଭେମ୍ବର ୧ରେ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୨କୁ ବଦଳି ହୋଇ ଆସିଥିଲେ। ଏହାପରେ ୨୦୧୬ ଜୁନ ୧୩ରେ କେଉଁଝରର ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଯାଇଥିଲେ।୨୦୧୬ରେ ନଭେମ୍ବର ୧ରେ କଟକ ଆର୍‌ଆଣ୍ଡବି ଡିଭିଜନ-୨କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେଠାରେ କାମ କରିବା ପରେ ୨୦୧୭ ନଭେମ୍ବର ୩୦ରେ ଭୁବନେଶ୍ୱର-୪ ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଆସିଥିଲେ। ସେ ଭୁବନେଶ୍ୱର ଓ କଟକରେ ୧୮ ବର୍ଷ ହେବ କାମ କରୁଛନ୍ତି। ବର୍ତ୍ତମାନ ସେ ଦରମା ୭୭ହଜାର ୨୭ ଟଙ୍କା ପାଉଥିବା ବେଳେ କୋଟି କୋଟି ସମ୍ପତ୍ତିର କିଭଳି ମାଳିକ ହେଲେ ସେନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି।

## ଅବଶିଷ୍ଟାଂଶ

### ସଂସଦରେ 'ସିନ୍ଦୂର'...

ଆତଙ୍କବାଦର ମାଷ୍ଟରମାଇଣ୍ଡଙ୍କୁ ଏପରି ଜବାବ ଦେଇଛନ୍ତି ଯେ ସେମାନଙ୍କର ନିଦ ହଜିଯାଇଛି। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଆମର ସେନା ପାକିସ୍ତାନ ସହିତ ଲଢ଼େଇ କରୁଥିବା ବେଳେ ବିରୋଧୀ ନେତାମାନେ 'ଛିଛୋରାପନ'ରେ ମାତିଥିଲେ। ସେମାନେ ଜାତୀୟ ସୁରକ୍ଷାର ରାଜନୀତିକରଣ କରୁଥିଲେ। ସେ କହିଲେ ଯେ ବିରୋଧୀଙ୍କ ଏଭଳି ଆଚରଣ କେବଳ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପାରିବ। ସେମାନେ କେବେହେଲେ ଦେଶବାସୀଙ୍କ ହୃଦୟ ଜିଣିପାରିବେ ନାହିଁ। ଅପରେସନ ସିନ୍ଦୂରର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଲେ ଯେ ସବୁଜ ସଙ୍କେତ ମିଳିବା ମାତ୍ରେ ଭାରତୀୟ ସେନା ଲକ୍ଷ୍ୟଭେଦି ଆକ୍ରମଣ କରି ୨୨ ମିନିଟ ମଧ୍ୟରେ ସଫଳତା ପାଇଥିଲେ। ଭାରତ ପ୍ରମାଣ କରିଦେଇଛି ଯେ କୌଣସି ପରମାଣୁ ବ୍ଲାକମେଲିଂ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଓ ଭିତ୍ତିଭୂମି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କର ଅନେକ ବାୟୁସେନା ଘାଟୀ ଏବେ ଆଇସିୟୁରେ ରହିଛି। ଏହା ଥିଲା ଟେକନୋଲୋଜି ଭିତ୍ତିକ ଯୁଦ୍ଧ। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଥିପାଇଁ ପ୍ରସ୍ତୁତ କରିନଥିଲେ, ପାକିସ୍ତାନର ଏଭଳି ଅକଳ୍ପନୀୟ କ୍ଷତି ହୋଇନଥାଆନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହାପୂର୍ବରୁ ଆଲୋଚନାରେ ଅଂଶଗ୍ରହଣ କରି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ମୁକାବିଲା କରିବାରେ ଭାରତ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିଲା। ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିବା ଲାଗି ଭାରତୀୟ ବାୟୁସେନାକୁ ପଠାଯାଇଥିଲା, କିନ୍ତୁ ପାଇଲଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବେ ନାହିଁ। ଏହି କାରଣରୁ ଭାରତକୁ କିଛି ଜେଟ୍ ହରାଇବାକୁ ପଡ଼ିଲା। ଏହା ନିଜେ ଭାରତୀୟ ସାମରିକ ଅଧିକାରୀ ସ୍ୱୀକାର କରିଛନ୍ତି। ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ସଫଳତା ହାସଲ କରୁଥିବା ବେଳେ କଣ ପାଇଁ ଯୁଦ୍ଧବିରତି କରାଗଲା ବୋଲି ପ୍ରଶ୍ନ ଉଠାଇ ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୯ଥର କହିଲେଣି ଯେ ତାଙ୍କ ଯୋଗୁଁ ଯୁଦ୍ଧବିରତି ହୋଇଛି। ଯଦି ଟ୍ରମ୍ପ ମିଛ କହୁଛନ୍ତି, ତାହେ ।ଲେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ମିଛୁଆ କାହିଁକି କହୁ ନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅପରେସନ ସିନ୍ଦୂରକୁ ୧୯୭୧ ଯୁଦ୍ଧ ସହିତ ରାଜନାଥ ସିଂହଙ୍କ ତୁଳନାକୁ ବିରୋଧ କରି ରାହୁଲ କହିଲେ ଯେ ବାଂଲାଦେଶ ଯୁଦ୍ଧ ବେଳେ ପାକିସ୍ତାନର ବିଭାଜନକୁ ବିରୋଧ କରିବା ଲାଗି ଆ ।ମେରିକା ଏହାର ଯୁଦ୍ଧ ଜାହାଜ ଓ ଯୁଦ୍ଧ ବିମାନ ପଠାଇଥିଲା। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଖାତିର ନକରି ପାକିସ୍ତାନକୁ ଦୁଇ ଭାଗ କରାଇଥିଲେ। ସେଭଳି ଇଚ୍ଛାଶକ୍ତି ଅପରେସନ ସିନ୍ଦୂର ବେଳେ ନଥିଲା। ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଲେ ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟିଲା। ଏଥିପାଇଁ କେହି ନିଜ ଉପରକୁ ଦୋଷ ନେଉ ନାହାନ୍ତି କାହିଁକି। ନେହରୁ, ଇନ୍ଦିରା ଓ ସୋନିଆଙ୍କ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କାହିଁକି ହେଲା, ସେସଂପର୍କରେ କାହିଁକି ନିରବ ରହିଲେ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ।

ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟା ।ର୍ଗେଟ କରିଥିଲେ। ପହଲଗାମ ଆକ୍ରମଣରେ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦମ୍ବରମ ପାକିସ୍ତାନକୁ କ୍ଲିନଚିଟ୍ ଦେଇଛନ୍ତି ବୋଲି ଉ ।ଲ୍ଲେଖ କରି ଶାହ କହିଲେ ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିଲେ, ଏହାର ପ୍ରମାଣ ଆମ ପାଖରେ ରହିଛି। ପହଲଗାମ ଆକ୍ରମଣରେ ସଂପୃକ୍ତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେ କହିଲେ ଯେ ଭାରତର ବିଭାଜନକୁ କଂଗ୍ରେସ ବିରୋଧ କରିଥିଲେ ଯେ ଆଜି ଆତଙ୍କବାଦୀ ହିଂସା ହୋଇନଥାଆନ୍ତା।୧୯୪୮ ରେ ପାକ୍ ଅଧିକୃତ କଶ୍ମୀରକୁ ପୁଣି ଦଖଲ କରିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ବେଳେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଏକତରଫା ଅସ୍ତ୍ରବିରତି ଘୋଷଣା କରିଥିଲେ। ସେହିଭଳି ୧୯୭୧ରେ ପାକିସ୍ତାନର ୯୩ ହଜାର ସୈନ୍ୟ ଆତ୍ମସମର୍ପଣ କରିଥିଲେ ଏବଂ ପାକିସ୍ତାନର ୧୫ ହଜାର ବର୍ଗକିଲୋମିଟର ଭାରତର କବ୍ଜାରେ ଥିଲା। ତଥାପି ପାକ୍ ଅଧିକୃତ କଶ୍ମୀର ଦଖଲ କରାଗଲା ନାହିଁ। ସେ କହିଲେ ଯେ ୨୦୦୫ରୁ ୨୦୧୧ ମଧ୍ୟରେ ଭାରତରେ ୨୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କିନ୍ତୁ ଏହାର ମୁକାବିଲା ଲାଗି ସେତେବେଳେ କଂଗ୍ରେସ ସରକାର କଣ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

ସେହିଭଳି ରାଜ୍ୟସଭାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଲୋଚନା ଆରମ୍ଭ କରି ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଠିକଣା ଜବାବ ଦିଆଯାଇଥିବା କହିଥିଲେ। ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଶ୍ନ କରିଥିଲେ ଯେ ଭାରତୀୟ ସେନାକୁ ସଫଳତା ମିଳୁଥିବା ବେଳେ କାହା ଚାପରେ ଅସ୍ତ୍ରବିରତି ପାଇଁ ଭାରତ ସରକାର ରାଜି ହେଲେ? ଗୃହରେ ଆସନ୍ତାକାଲି ମଧ୍ୟ ଆଲୋଚନା ଜାରି ରହିବ।

### ବ୍ୟାଙ୍କରେ ୬୭ ହଜାର...

ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ଏବଂ କାନାରା ବ୍ୟାଙ୍କ ୬୨୭୮.୧୪ କୋଟି ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ରହିଛି। ସେ କହିଛନ୍ତି ଯେ ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବାଧିକ ୨୦୬୩.୪୫ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଏହା ପଛକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୧୬୦୯.୫୬ କୋଟି ଟଙ୍କାର ଅଘୋଷିତ ଜମା ଅଛି ଏବଂ ଆକ୍ସିସ୍ ବ୍ୟାଙ୍କରେ ୧୩୬୦.୧୬ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଦାବି ନ ଥିବା ଜମା ରାଶି ପର୍ଯ୍ୟନ୍ତ ପ୍ରବେଶ ବୃଦ୍ଧି କରିବା ଏବଂ ସନ୍ଧାନ ପ୍ରକ୍ରିୟାକୁ ସରଳ କରିବା ପାଇଁ, ଆର୍‌ବିଆଇ ଜନସାଧାରଣଙ୍କ ପାଇଁ ଏକ କେନ୍ଦ୍ରୀୟ ୱେବ୍ ପୋର୍ଟାଲ୍ 'ଉଦ୍‌ଗମ୍' ଆରମ୍ଭ କରିଛି। ଉକ୍ତ ପୋର୍ଟାଲ୍ ପଞ୍ଜିକୃତ ଉପଭୋକ୍ତାମାନଙ୍କୁ ଏକାଧିକ ବ୍ୟାଙ୍କରେ କେନ୍ଦ୍ରୀୟ ଭାବରେ ଏକ ସ୍ଥାନରେ ଅଘୋଷିତ ଜମା/ରାଶି ପରିମାଣ ଖୋଜିବାର ସୁବିଧା ପ୍ରଦାନ କରେ।

### କେଉଁଠି ରଖିବେ...

ଆଲୋଚନା କରିବା ସହ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଖରିଫ ଓ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ ବଳକା ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଫସିଆଇର ମନମାନିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ଫେରାଦ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ପରୋକ୍ଷରେ ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ତଥା ଏଫସିଆଇର ମନମାନି କରାଣରୁ ରାଜ୍ୟ ସରକାର ଦୋଛକିରେ ପଡ଼ିଛନ୍ତି। ଇନପୁଟ ସବସିଡି ସହ ଧାନର ଏମଏସପି ୩୧୦୦ ଟଙ୍କା ଘୋଷଣା କରିବା ପରେ ସରକାରଙ୍କୁ ଧାନ ବିକିବା ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାଯୋଗୁଁ ଗତ ଖରିଫରେ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିବା ସରକାର ଦାବି କରିଥିଲେ। ମାତ୍ର ଏବେ ଏଫସିଆଇ ଚାଉଳ ଉଠାଉ ନଥିବାରୁ ଆସନ୍ତା ଖରିଫରେ ଚାଷୀଙ୍କଠାରୁ ଧାନ କିଣି ସରକାର କଣ କିଣିବେ, ସେନେଇ ଚିନ୍ତା ପ୍ରକାଶ ପାଇଲାଣି। ଅତଏବ ଚାଷୀଙ୍କ ଠାରୁ କମ୍ ଧାନ କିଣିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ, ଇ-କେୱାଇସି ପରି ଜଟିଳ ପନ୍ଥା ଆପଣେଇଛନ୍ତି ବୋଲି ଚାଷୀ ନେତାଏ ସନ୍ଦେହ ପ୍ରକାଶ କରୁଛନ୍ତି। ଅତୀତରେ ବିଜେଡି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲା, ଦଳୀୟ ସାଂସଦମାନେ ଏହି ପ୍ରସଙ୍ଗ ସଂସଦରେ ଉଠାଇଥିଲେ। ମାତ୍ର ଏବେ ରାଜ୍ୟରୁ ନିର୍ବାଚିତ ୨୦ ସାଂସଦ ଏହି ପ୍ରସଙ୍ଗକୁ ନେଇ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦଳର ସାଂସଦମାନେ ଏହାକୁ ସଂସଦରେ କାହିଁକି ଉଠାଉ ନାହାନ୍ତି ବୋଲି ରାଜ୍ୟର ଚାଷୀମାନେ ପ୍ରଶ୍ନ କରିଛନ୍ତି ।

### ଚଷମାରେ ଗୁପ୍ତ...

ଶ୍ରୀମନ୍ଦିର ଭିତରେ ବୁଲୁଥିଲେ। ତେବେ ସେ ଫଟୋ କ୍ୟାପ୍‌ଚର କରୁଥିବା ପୁଲିସର ସନ୍ଦେହ ହୋଇଥିଲା। ବେହରଣ ଦ୍ୱାର ନିକଟରେ ପୁଲିସ ତାଙ୍କୁ ଅଟକାଇବା ପରେ ସିଂହଦ୍ୱାର ଥାନାକୁ ଆଣିଥିଲା। ସେଠାରେ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଚଷମାକୁ ଯାଞ୍ଚ କରାଯାଇଥିଲା। ସେଥିରେ ଫଟୋ କ୍ୟାପ୍‌ଚର କରିଛନ୍ତି କି ନାହିଁ, ସେନେଇ ଖୋଳତାଡ଼ କରିଥିଲା ପୁଲିସ। ଯୁବକଜଣଙ୍କ ଅଣ୍ଡରଟେକିଂ ଲେଖି ଦେବା ପରେ ପୁଲିସ ତାଙ୍କୁ ଛାଡ଼ିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, ସେହି ଗୁପ୍ତ କ୍ୟାମେରାରେ ସେ ଶ୍ରୀମନ୍ଦିରର ଫଟୋ ଉଠାଇଛନ୍ତି ନା ନାହିଁ? ଏ ସଂକ୍ରାନ୍ତରେ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ଯୁବକଙ୍କୁ ଛାଡ଼ି ଦିଆଯିବା ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ନୂତନ ଜିଲ୍ଲାପାଳ ଦେବ ଜ୍ୟୋତି ପରିଡ଼ାଙ୍କ ସହିତ ଉଠାଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ଏଏସ୍‌ଆଇ ସୋସିଆଲ ମିଡିଆ ପେଜ୍‌ରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହେବା, ଭିଆଇପି ଦର୍ଶନ ପାଇଁ ସ୍ଲଟ୍ ବୁକିଂ ଏବଂ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ମନ୍ଦିରକୁ ଯିବା ପ୍ରସଙ୍ଗରେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଯେତେ କଠୋର ପଦକ୍ଷେପ ଆବଶ୍ୟକ, ମନ୍ଦିର ପ୍ରଶାସନ ନେଇପାରିବେ। ଏହାସହ ନୀତିକାନ୍ତି ବିଳମ୍ବ ହେବା ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି। ସେ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯିବ।

### ବିମାନବନ୍ଦରରୁ ୩୦ କୋଟିର...

ତିନି ଜଣ ଅଭିଯୁକ୍ତ ନିୟମିତ ଭାବେ ବ୍ୟାଙ୍କକରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ କରନ୍ତି। ପୂର୍ବରୁ ସେମାନେ ଚାଲାଣ କରିଥିବା କଷ୍ଟମ ବିଭାଗ ଆଗରେ କହିଛନ୍ତି। ତେଣୁ ସେମାନେ ବ୍ୟାଙ୍କକରୁ ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ମାରିଜୁଆନା ଆଣିଥିବା ଖବର କଷ୍ଟମ ବିଭାଗ ଆଗୁଆ ଖବର ପାଇଯାଇଥିଲା। ଏହି ଯାତ୍ରୀ ବିମାନରୁ ଓହ୍ଲାଇବା ପୂର୍ବରୁ କଷ୍ଟମ ବିଭାଗର ଅଧିକାରୀମାନେ ଜଗି ରହିଥିଲେ। ସେମାନେ ବିମାନରୁ ଓହ୍ଲାଇ ବାହାରକୁ ଆସୁଥିବା ସମୟରେ ସେମାନଙ୍କୁ ଅଟକ ରଖି ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ବ୍ୟାଗ୍ ଯାଞ୍ଚ କରିବା ପରେ ୩୦ କିଲୋ ମାରିଜୁଆନା ମିଳିଥିଲା। ଏହାପରେ କଷ୍ଟମ ବିଭାଗ ତିନି ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା। ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ଏହାର ଦାମ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମ ବିଭାଗ। ଏହି ୩୦କୋଟିର ମାରିଜୁଆନା କୁଆଡେ ଯାଉଥିଲା? ଭୁବନେଶ୍ୱରର କିଏ ଏହି ତିନି ଜଣଙ୍କ ଠାରୁ ମାରିଜୁଆନା ନେଉଛନ୍ତି? ଏହି ରାକେଟ୍ ର ମାଷ୍ଟରମାଇଣ୍ଡ କିଏ? ଅନ୍ୟ କେଉଁ ସବୁ ରାଜ୍ୟକୁ ଚାଲାଣ କରିଛନ୍ତି? ସେନେଇ ପଚରାଉଚରା କରୁଛି କଷ୍ଟମ ବିଭାଗ। ପୂର୍ବରୁ ମଧ୍ୟ ଭୁବନେଶ୍ୱର ବିମାନ ବନ୍ଦରରୁ ତିନି ଥର ୧୦୦କୋଟିର ମାରିଜୁଆନା ଧରାପଡ଼ିଥିଲା। ବିଦେଶରୁ ଏଭଳି ବାରମ୍ବାର ମାରିଜୁଆନା ଭୁବନେଶ୍ୱର ଆସୁଥିବାରୁ ରାଜଧାନୀ ନିଶାରେ କବଳିତ ହୋଇଗଲାଣି ବୋଲି କୁହାଯାଉଛି।

## ୩୭ ଜଣ ପୁଲିସ ଏଏସ୍‌ଆଇଙ୍କ ବଦଳି

କଟକ,୨୯ ।୭ (ସମିସ): ରାଜ୍ୟ ପୁଲିସର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୩୭ଜଣ ଏଏସଆଇଙ୍କୁ ବଦଳି ସହ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ଏହିକ୍ରମରେ ସର୍ବାଧିକ ୭ଜଣଙ୍କୁ ପୁଲିସ କମିସନରେଟ୍‌କୁ ବଦଳି କରାଯାଇଥିବା ଜଣାପଡ଼ିଛି।


"e" Tender Notice — i-248

PANCHAYAT SAMITI, BALIANTA

E-mail- ori-balianta@nic.in

No.2696/ Date 28.07.2025

DETAIL TENDER CALL NOTICE NO. 02/PSB/2025-26

1. Number of Civil works : 07 (Seven)
2. Estimated Cost : Rs 1167306/- to 2213248/-
3. Period of completion : 03(Three) to 04(Four) Calender Months
4. Availability of Tender online for biding: 31.07.2025 at 11.00 AM to 16.08.2025 up to 5.00 P.M.
5. Last Date /Time of seeking Tender Clarification: 16.08.2025 up to 5.00 P.M.
6. Date & time of opening of Tender: 18.08.2025 at 11.00 A.M.
7. Further the details can be seen from the web site(http://www.tenderodisha.gov.in)

Block Development Officer
Balianta

OIPR-19265/11/0007/2526

IDBI BANK
ଆଇଡିବିଆଇ ବ୍ୟାଙ୍କ୍ ଲିଃ.
ଖଣ୍ଡଗିରି ଶାଖା, ଭୁବନେଶ୍ୱର, ପିନ୍-୭୫୧୦୩୦
CIN: L65190MH2004GOI148838

ସର୍ବସାଧାରଣ ନୋଟିସ୍

ଆମ୍ଭେ ମେସର୍ସ ମା ସି ଫିସ୍ ଟ୍ରେଡିଙ୍ଗ୍ ଆଣ୍ଡ ସପ୍ଲାୟର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଗୁରୁ ଏବଂଏବଂ ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଷମା ରାଣୀ ଗୁରୁଙ୍କ ଏନ୍‌ପିଏ (NPA) ଋଣ ଆକାଉଣ୍ଟ ନିମନ୍ତେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୯/୧୧୧୩, ଖାତା ନଂ.: ୬୭, ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଅରୁଣୋଦୟ ନଗର, ୟୁନିଟ୍-୩୮, ତହସିଲ/ଏସ୍‌ଆରଓ: କଟକ, ଥାନା: ମଧୁପାଟଣା, ଥାନା ନଂ.: ୫, ଜିଲ୍ଲା: କଟକ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅଶୋକ ସାହୁ, ଦକ୍ଷିଣ: ରାସ୍ତା,ପୂର୍ବ: ବିରା ଗୁରୁ ଏବଂ ପଶ୍ଚିମ: ନାରାୟଣ ଗୁରୁ ତାହାକୁ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧାଙ୍କ ଆଦେଶ ପ୍ରାପ୍ତ କରି କଟକ ପୋଲିସ୍‌ଙ୍କ ସହାୟତାରେ ତା.୧୮.୦୫.୨୦୨୨ରିଖରେ ଭୌତିକ (Physical) ଦଖଲ ନେଇଛୁ। ଉପର ଦର୍ଶିତ ଗୃହରେ କିଛି ଘରୋଇ ବ୍ୟବହୃତ ଦ୍ରବ୍ୟ ଥିବାର ଆମ୍ଭ ଦୃଷ୍ଟିକୁ ଆସିଛି ଏବଂ ଆମ୍ଭେ ସଂପୃକ୍ତ ପକ୍ଷମାନଙ୍କୁ ସେଗୁଡ଼ିକୁ ନେଇଯିବାକୁ ଜଣାଇ ଦେଇଥିଲୁ କିନ୍ତୁ ସଂପୃକ୍ତ ପକ୍ଷମାନେ କିମ୍ବା ସେମାନଙ୍କର ପ୍ରତିନିଧି ବର୍ତ୍ତମାନ ସୁଦ୍ଧା ଉକ୍ତ ଦ୍ରବ୍ୟଗୁଡ଼ିକୁ ନେଇ ନାହାଁନ୍ତି। ତେଣୁ ଆମ୍ଭେ ସଂପୃକ୍ତ ପକ୍ଷମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଉପର ଦର୍ଶିତ ଗୃହରୁ ସେମାନଙ୍କର ଦ୍ରବ୍ୟଗୁଡ଼ିକୁ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଏହି ନୋଟିସ୍ ପ୍ରକାଶନର **୧୫ ଦିନ** ମଧ୍ୟରେ ନିଅନ୍ତୁ ଅନ୍ୟଥା କୌଣସି ଦାବୀ ପକ୍ଷମାନଙ୍କ ତରଫରୁ ନାହିଁ ବୋଲି ବ୍ୟାଙ୍କ ବିବେଚନା କରିବ ଏବଂ ଆଇନ ଅନୁସାରେ ଉକ୍ତ ଦ୍ରବ୍ୟଗୁଡ଼ିକର ଫଏସଲା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

କ୍ଷମତାପ୍ରାପ୍ତ ଅଧିକାରୀ

O-488

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

Letter No. 4144 — Date 21.07.2025

e-Procurement Notice

Name of the work :- Building Works
Total No. of works :- 29 (Twenty Nine) No's.
Approx. Estimated Cost :- Rs. 2.54 lakhs to Rs. 08.47 lakhs
Class of Contractor :- "C" & "D" Class Contractor
Period of completion :- 02 (Two) Calender Month

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP – Online -04/2025-26 | 29 (Twenty Nine) No's. | 01.08.2025 at 10.00 AM | 11.08.2025 up to 03.00 PM | 12.08.2025 at 11.00 AM | |

For Details can be seen from the Government website www.tendersorissa.gov.in

Superintending Engineer
Rural Works Division-I, Nabarangpur

OIPR-25092/11/0019/2526

O-508 — e-mail – serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

No. 2647 — Dt. 28.07.2025

1st corrigendum

In continuation to this office Bid Identification No- CCERWCSBD Online-07/2025-26 invited vide this office Notice No.2306 Dtd. 03.07.2025, partial modification of TCN has been made as follows:-

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 10.07.2025 at 11.00 AM to 30.07.2025 up to 5.00 Pm | Extended up to 14.08.2025 5.00 Pm |
| 2 | Date and Time of seeking tender clarification if any | 29.07.2025 up to 2.00 PM | 13.08.2025 up to 2.00 PM |
| 3 | Date & Time of opening of tender (Technical Bid) | 31.07.2025 at 11.00 AM | 16.08.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

* Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately) is revised as Varies from Rs.70.33 Lakhs to Rs.299.10 Lakhs (Approximately).

All other terms and conditions will remain unaltered.

Chief Construction Engineer,
Rural Works Circle, Sunabeda

OIPR-25182/11/0068/2526

C-748

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail: -eephd.rgda.od@od.gov.in,eephdrgda@gmail.com

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-17/2025-26 DT.25.07.2025

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Supply & Installation of Flow Meter at Intake Well and different Pump House at Rayagada. | EEPHDRAYAGADA-17/2025-26 Dt.25.07.2025 | 20.01 | "C" & "B" Class | 02 (Two Months) | 04.08.2025 (11.00 Hr) | 13.08.2025 (17.00 Hr) |

Name & Address of Officer Inviting Bid: Executive Engineer, P.H. Division, Rayagada.
Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

Executive Engineer,
P.H. Division, Rayagada

OIPR-13052/11/0031/2526

AFFIDAVIT

I, Pradeep Jena, S/o- Dayanidhi Jena, Resident of At-Rahangiria, PO- Biraharekrushnapur, PS- Puri Sadar, Dist-Puri, Odisha 752002, declare by the affidavit No.417 dtd.- 23/07/2025 that now onwards I shall be known as **PRADIP KUMAR JENA** for all future purposes.

AFFIDAVIT

I, Joyti Ranjan Sharma, S/o-Chandrika Sharma, resident of Bharatpur Plot No - 1729, Khandagarigi, Khordha, Odisha 751003, declare by the affidavit No.22088 dtd.- 16/08/2019 that now onwards I shall be known as ***Jyoti Ranjan Sharma*** for all future purposes.

AFFIDAVIT

By virtue of an affidavit sworn before the Executive Magistrate, At-Narasinghpur, dated- 28.07.2025. I, Bisarada Sahoo of Village - Hinjalkhal, Po-Zillinda, Ps-Jodum, Dist- Cuttack declare that I have changed the name of my minor Daughter name from Dipanjali Sahoo to Dipa Sahoo. Henceforth, she shall be known as **Dipa Sahoo** for all purposes.

AFFIDAVIT

**I, Purnachandra Nayak Sunksal, S/o Pranabandhu Nayak, resident of Village at - Kunchi, Kurvenagar, Gulli No-8, Behind Kalina church santacruz east Mumbai, Moharastra, Pin - 400029 declare by this affidavit No-7538, dtd. 28.07.2025 that now onwards I shall be known as PURNACHANDRA NAYAK for all future purposes.**

**Sd- PURNACHANDRA NAYAK**

AFFIDAVIT

By virtue of an affidavit before Executive Magistrate, Bargarh, bearing affidavit no.- 170 dtd. 30.5.2025, I Smt. Astami Bishi, W/o- Sri Saroj Kumar Bishi, resident of Vill.- Katurkata, Po.- Vijayapalli, Via- Tulandi, Ps.- Tahasil- Barpali, Dist.- Bargarh state that, my daughter's actual name **Smita Rani Bishi**, **D.O.B-13/01/2017**, but in her Aadhaar Card her name has been wrongly mentioned as Sweta Rani Bishi. henceforth she will be known as **Smita Rani Bishi** for all purposes.

AFFIDAVIT

I, Sayed Abdullah Shamsher, S/o- Sayed Ale Murtaza, Resident of At- Azad Mohalla, Nala Road, Rourkela, Dist- Sundargarh, Pin-769001, Odisha declare by this Affidavit No. 91, Dated 28.07.2025, that now onwards I shall be known as **SAYED ABDULLAH SHAMSHER MURTAZA** for all future purposes.

CHANGE OF NAME

By virtue of an affidavit before Executive Magistrate, Khordha, bearing affidavit no.1493, dtd.30.05.2025, I Radharani Dalei, W/o- Narayan Dalei, resident of Vill./Po.- Badatota, Ps.- Jatni, Dist.- Khordha, Odisha, Pin-752050 state that, I have changed my minor son's name from **Suresh Dalei** to **Suraj Dalei**. Henceforth he will be knwn as **Suraj Dalei** for all future purposes.

AFFIDAVIT

I, RUBITA PARIDA, D/o- Ramesh Chandra Parida, At- Singhol, Po-Khalarda, P.s- Cuttack Sadar, Dist- Cuttack , Pin -753011, Odisha declared by this affidavit No. 7942, dated 28/07/25 that now onwards I shall be known as **Rubita Parida** for all future purposes.

AFFIDAVIT

**I, Priya Purnachandra Nayak, W/o Purnachandra Nayak, resident of Village at - Bania, Po- Aruha, Ps- Basudevpur, Dist- Bhadrak, Odisha, Pin - 756168 declare by this affidavit No- 7537, dtd. 28.07.2025 that now onwards I shall be known as PRIYA NAYAK for all future purposes.**

**Sd- PRIYA NAYAK**

ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/48,ତା.24.07.2025ରିଖ

(1) ଟେଣ୍ଡର ସଂ.eTender-EastKUR-169-2025,ତା.17.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡ଼ଗୁଡ଼ିକରେ 3.675 କି.ମି. ନିମନ୍ତେ TRR(S) ଏବଂ 4.46 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 188.53 ଲକ୍ଷ, EMD (ଟଙ୍କାରେ) : 2,44,300/-।

(2) ଟେଣ୍ଡର ସଂ.eTender-SouthKUR-168-2025,ତା.17.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଛତ୍ରପୁର-ପଲାସା ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକରେ 5.337 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 172.47 ଲକ୍ଷ, EMD (ଟଙ୍କାରେ) : 2,36,200/-।

(3) ଟେଣ୍ଡର ସଂ.e-TenderSouthKUR-167-2025,ତା.16.07.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବାଲୁଗାଁ ଏବଂ ଇଚ୍ଛାପୁରମ୍ ଠାରେ TRD କାରଖାନା ତଥା ମଡେଲ OHEକୁ ସ୍ଥାନ ଯୋଗାଇ ଦେବା ପାଇଁ OHE ଏବଂ PSI ଡିପୋଗୁଡ଼ିକର ଉନ୍ନତିକରଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 170.14 ଲକ୍ଷ, EMD (ଟଙ୍କାରେ) : 2,35,100/-।

ଶେଷ ହେବା ଅବଧି : 12 ମାସ (କ୍ରମ ସଂ.1 ଏବଂ 2 ପାଇଁ) ତଥା 10 ମାସ(କ୍ରମ ସଂ.3 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.08.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ),
ଖୋର୍ଦ୍ଧା ରୋଡ୍

PR-409/Q/25-26

AFFIDAVIT

By virtue of an affidavit sworn before the Executive Magistrate, Athgarh, dated- 15.07.2025 I Laxmi Narayan Pattanayak of village- Radhadarsanpur, Po- Khuntakata Ps- Athagarh, Dist- Cuttack declare that I have changed the name of my minor Son the name from Ram Narayan Pattanayak to Rama Narayan Pattanayak. Henceforth, he shall be known as **Rama Narayan Pattanayak** for all purposes.

NOTICE (FOR MINOR)

By virtue of an affidavit sworn before Executive Magistrate, Bhubaneswar, dated 21/07/2025. I, **Sthitapragyan Routray**, Address: B1-111, G.A. Colony, Bharatpur, P.O.- Bharatpur, P.S.- Bharatpur, Bhubaneswar, Dist- Khordha, PIN- 751003, Odisha, declare that I have changed the name of my daughter from **Vanshika Routray to Vanshika P Routray.** Henceforth, she shall be known as **Vanshika P Routray** for all purposes.

**Sthitapragyan Routray**

AFFIDAVIT

By virtue of an affidavit sworn before the Executive Magistrate, Ranapur, I **Madhab Chandra Parida,** aged 53 yrs, resident of Vill/Po- Gopalpur, Ps- Ranapur, Dist- Nayagarh, Odisha declared that my son name has been mentioned as **Ritesh Parida** in school record and my name has been mentioned as **Madhab Parida** in Aadhar Card vide No: 9505 8804 4506 my son name has been mentioned as **Hitesh Parida** and my name has been mentioned as **Nirmal Parida**, My sons correct name is **Ritesh Parida** and my correct name is **Madhab Chandra Parida**. Henceforth both name **Ritesh Parida** and **Hitesh Parida** are same and one person and my correct name is **Madhab Chandra Parida** instead of **Nirmal Parida,** my son will be known as **Ritesh Parida** for all future purposes.

**Madhab Chandra Parida**

AFFIDAVIT

I, Shailendra Kumar Jain, aged about 51 years, S/o- Tek Chand Jain, resident of Main Road, Kantabanji, Po- Kantabanji, Ps- Kantabanji, Dist- Balangir, Odisha, Pin- 767039 declare by this affidavit No. 1491, dtd. 29/07/2025, that now onwards I shall be known as **SAILENDRA JAIN** for all future purposes

AFFIDAVIT

By virtue of an affidavit before The Notary Public, Titilagarh, on dated- 28/07/2025. I, **Bijay Kumar Goel,** aged about 54 years, S/o- Late Chamrulal Agrawal, permanent resident of At- Raghunathpada, Titilagarh, PO- Titilagarh, PS- Titilagarh, Dist- Balangir (Odisha) affirm that, my actual name is **Bijay Kumar Goel,** which has been reflected in the Aadhar Card vide No. 5843 0099 9477 and other relevant document, but in the School Certificate of my daughter namely **Komal Goel** deponent's name has been mentioned as **Bijay Goel** instead of **Bijay Kumar Goel.** Henceforth, both the names **Bijay Goel** and **Bijay Kumar Goel** is same and one person.

**Bijay Kumar Goel**

ଜମିପଟ୍ଟା ହଜିଛି

ମୁଁ ଶ୍ରୀ ପ୍ରତାପ ଗର୍ଡିଆ (୩୮) ,ପିତା - ନବୀନ ଚନ୍ଦ୍ର ଗର୍ଡିଆ , ଗ୍ରାମ - ଧୁତରା , ପୋ.-ଅର୍ଡା , ଥାନା-ଲଇକେରା , ଜିଲ୍ଲା - ଝାରସୁଗୁଡା ,ଓଡିଶାର ନିବାସୀ ଅଟେ । ମୁଁ ଗତ ତାରିଖ ୨୩ ଜୁଲାଇ ୨୦୨୫ , ବୁଧବାର ଦିନ ସକାଳ ୧୦ . ୩୦ ନିଜ ଗ୍ରାମ ଧୁତରାରୁ କିର୍ମିରାକୁ ଯାଉଥିବା ବେଳେ ନଂ.୭୪୭/୪୭୯୫ , ମୌଜା- ଝାରସୁଗୁଡା , ସତ୍ୟନଗର , ବାଲିଯୋରୀ, ୟୁନିଟ-୨ ନିଜସ୍ୱ ଜମିପଟ୍ଟାଟି ହଜିଯାଇଛି । କେହି ସହୃଦୟ ବ୍ୟକ୍ତିଙ୍କ ନଜରରେ ଆସିଲେ ମୋ ମୋବାଇଲ ନଂ. ୭୫୪୦୯୪୩୪୬୪ ଯୋଗାଯୋଗ ପାଇଁଅନୁରୋଧ ।

### ଖରିଫ୍ ଋତୁ ପାଇଁ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

# ୧ ଲକ୍ଷ ୮୧୫ ହେକ୍ଟର ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

ଜଗତସିଂହପୁର, ୨୯।୭ (ସମିସ)

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଖରିଫ୍ ଋତୁ ନିମନ୍ତେ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧକ୍ଷତା କରି ପ୍ରଚାର ପ୍ରସାର ସହିତ ସଚେତନ କରିବେ। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ କହିଲେ ଯେ, ଏହି ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ହୋଇଥିବାରୁ ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ଆଶଙ୍କା ରହୁଛି। ତଳିଆ ଅଞ୍ଚଳରେ ପାଣି ଜମି ରହିବାରୁ ଫସଲ କ୍ଷତି ହେବାର ଆଶଙ୍କା ରହୁଛି। ସେଥିପ୍ରତି ଦୃଷ୍ଟିରଖି ସମସ୍ତ ସୁବିଧା କରିବାକୁ

**● ୮୯୨୧୦ ହେକ୍ଟରରେ ଖାଦ୍ୟଶସ୍ୟ, ୯୩୦୦ ହେକ୍ଟର ଜମିରେ ପନିପରିବା ଚାଷ ପାଇଁ ନିଷ୍ପତ୍ତି**



ଜିଲ୍ଲାପାଳ ଜେ. ସୋନାଲ କହିଲେ, ଜଗତସିଂହପୁର ଜିଲ୍ଲା କୃଷି ପ୍ରଧାନ ହୋଇଥିବାରୁ କୃଷକମାନେ ଯେପରି ପ୍ରତ୍ୟେକ ସରକାରୀ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ଯତ୍ନବାନ ହେବା ଆବଶ୍ୟକ। ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ସିଏମ୍‌କିଷାନ ଯୋଜନା, ପିଏମ୍‌କେ ୱାଇ ଯୋଜନାରେ ଅଧିକ ଚାଷୀ ଯେପରି ନିଜନିଜର ନାମ ପଞ୍ଜୀକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କୁ ସଠିକ୍ ସମୟରେ ବିହନ ଓ ସାର ସମସ୍ତ ଯୋଜନା ଓ ସବସିଡି ବାବଦରେ କୃଷି ଅଧିକାରୀ ପଞ୍ଚାୟତସ୍ତରରେ ବ୍ୟାପକ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଚଳିତ ଖରିଫ ଋତୁରେ ସମସ୍ତ ଫସଲକୁ ମିଶାଇ ମୋଟ ୧ ଲକ୍ଷ ୮୧୫ ହେକ୍ଟର ଜମିରେ କୃଷିକାର୍ଯ୍ୟ ନିର୍ଦ୍ଧାରଣ କରାଯାଇଛି। ସେଥିରୁ ୮୯୨୧୦ ହେକ୍ଟରରେ ଖାଦ୍ୟଶସ୍ୟ, ୧୭୦ହେକ୍ଟରରେ ଡାଲି ଜାତୀୟ ଫସଲ, ୯୩୦୦ ହେକ୍ଟରରେ ପନିପରିବା, ୧୪୫୦ ହେକ୍ଟରରେ ମସଲା ଜାତୀୟ ଫସଲ, ୨୦ ହେକ୍ଟରରେ ସବୁଜ ଗୋଖାଦ୍ୟ ଏବଂ ୫୯୫ ହେକ୍ଟରରେ ଆଖୁ ଚାଷ ନିମନ୍ତେ ଲକ୍ଷ ଧାର୍ଯ୍ୟ ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ୫୨୦୦ କ୍ୱିଣ୍ଟାଲ ଧାନ ବିହନ, ୪୧୨ କ୍ୱିଣ୍ଟାଲ ଧଣିଚା ମଞ୍ଜି, ବିରି ୨କ୍ୱିଣ୍ଟାଲ ମଞ୍ଜି ପାଇଁ ଇଣ୍ଡେଣ୍ଟ ଦିଆଯାଇଛି। ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ୍ ଜରିଆରେ ୪୨୨୭୫୫.୯୩ ଲକ୍ଷ ଋଣ ଟଙ୍କା ପ୍ରଦାନ କରାଯିବାର ଲକ୍ଷ୍ୟ ରହିଛି ବୋଲି ଆଲୋଚନା ହୋଇଥିଲା। ୧.୧୦ କ୍ୱିଣ୍ଟାଲ ମାଣ୍ଡିଆ ବିହନ, ୦.୩୦ କ୍ୱିଣ୍ଟାଲ ଯୋୱାର, ୦.୧୦ କ୍ୱିଣ୍ଟାଲ ବାଜରା ମାଣ୍ଡିଆ ଯାଇଛି। ଚାଷୀ ମାନଙ୍କୁ ୯୯୫୫ କିଲୋଏନ୍ ପି କେ ସାର ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ପ୍ୟାକ୍ସରେ ଅଧିକ ଚାଷୀଙ୍କୁ ପଞ୍ଜିକୃତ କରାଯିବାର ପ୍ରସ୍ତାବ ରଖାଯାଇଥିଲା। ବୈଠକରେ ବିହନ ଯୋଗାଣ, ରାସାୟନିକ ସାର, ଫସଲ ସୁରକ୍ଷା, ମୃର୍ତ୍ତିକା ପରୀକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ କୃଷି ସମ୍ପର୍କରେ ଆଲୋଚନା ହୋଇଥିଲା। ଡିଡିଏମ ନାବାର୍ଡ, ଅଗ୍ରଣୀ ବ୍ୟାଙ୍କ୍ ମ୍ୟାନେଜର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ଅନୀଲ କୁମାର ସେଠୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ, କୃଷି ଜିଲ୍ଲା ଅଧିକାରୀ, ତିର୍ତ୍ତୋଲ ସୌଭାଗ୍ୟ କୁମାର ମହାନ୍ତି, କୃଷି ଜିଲ୍ଲା ଅଧିକାରୀ ଜଗତସିଂହପୁର ବିଶ୍ୱଜିତ ପଣ୍ଡା, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୪ଟି ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ଅଭିଯୋଗ

ଜଗତସିଂହପୁର, ୨୯।୭ (ସମିସ): ଜଗତସିଂହପୁର ସଦର ଥାନା ଅଧୀନ ବଡଲହଙ୍ଗା ଗ୍ରାମର ଡମ୍ବରୁଧର ଗୋଛାୟତ ଏବଂ ତାଙ୍କ ପତ୍ନୀଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାୟବ ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଶ୍ରୀ ଗୋଛାୟତଙ୍କ ଅଭିଯୋଗ କ୍ରମେ କାନାରା ବ୍ୟାଙ୍କରେ ତାଙ୍କର ପ୍ରଥମ ଆକାଉଣ୍ଟରୁ ୮୨୨୫ ଟଙ୍କା, ୨ୟ ଆକାଉଣ୍ଟରୁ ୫୦୪୨୫ ଟଙ୍କା, ଆଇସିଆଇସିଆଇ ବ୍ୟାଙ୍କରେ ଥିବା ଆକାଉଣ୍ଟରୁ ୫୪୨୫୦ ଟଙ୍କା ଏବଂ ତାଙ୍କ ପତ୍ନୀ ନଳିନୀ ଗୋଛାୟତଙ୍କ ଆକାଉଣ୍ଟରୁ ୧୭୯୩ ଟଙ୍କା ଉଠାଯାଇ ସମସ୍ତ ଖାତାକୁ ଜିରୋ ବାଲାନ୍ସ କରାଯାଇଛି ବୋଲି ସେ ଉଲ୍ଲେଖ କରିଛନ୍ତି। ଏସମସ୍ତ ଆକାଉଣ୍ଟ ଗୋଟିଏ ମୋବାଇଲ ନମ୍ବର ସହିତ ଲିଙ୍କ ଥିବାରୁ କେହି ହ୍ୟାକ୍‌କରି ଟଙ୍କା ଉଠାଇ ନେଇଥିବା ଶ୍ରୀ ଗୋଛାୟତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ସରପଞ୍ଚ ସଙ୍ଘ ପକ୍ଷରୁ ବିଡିଓଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା, ୨୯।୭ (ସମିସ): ବାଲିକୁଦା ବ୍ଲକରେ କାର୍ଯ୍ୟରତ ଥିବା ବିଡିଓ ବିକାଶ କୁମାର ମହାନ୍ତିଙ୍କର ବାଣପୁର ବ୍ଲକକୁ ବଦଳି ହୋଇଛି। ବାଲିକୁଦା ବ୍ଲକରେ ଶ୍ରୀ ମହାନ୍ତିଙ୍କ ଥିଲା ଆଜି ଶେଷ କାର୍ଯ୍ୟକାଳ ଦିବସ। ଏହି ପରିପ୍ରେକ୍ଷୀରେ ବିଡିଓଙ୍କ ପ୍ରକୋଷ୍ଠରେ ବାଲିକୁଦା ବ୍ଲକ ସରପଞ୍ଚ ସଙ୍ଘ ପକ୍ଷରୁ ତାଙ୍କୁ ଉତ୍ତମ କାର୍ଯ୍ୟକାଳ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଭାପତି ପ୍ରଶାନ୍ତ କୁମାର ବାରିକ, ସମ୍ପାଦକ ରାଜକିଶୋର ସାହୁ, ସୁବ୍ରତ ମହାନ୍ତି, ମଧୁଛନ୍ଦା ସ୍ୱାଇଁ, ସାଗରୀକା ପରିଡ଼ା, ସୁପ୍ରିୟା ଦାସ, ତରୁଣ କୁମାର ମହାନ୍ତି, ମାନସ ପରିଡ଼ା, ଦଧିବାମନ ମଲ୍ଲିକ, ଆଲୋକ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ରାଜକିଶୋର ବେହେରା, ରାଜଲକ୍ଷ୍ମୀ ପୁହାଣ, ରାଜଶ୍ରୀ ଖଟୁଆ, ଅରୁଣ କୁମାର ବେହେରା, ସ୍ମୃତିରଞ୍ଜନ ମଲ୍ଲ, ସରପଞ୍ଚ ପ୍ରତିନିଧି ବିଭୁତି ଭୂଷଣ ସ୍ୱାଇଁ, ସମୀର ପରିଡ଼ା, ସଦାନନ୍ଦ ବେହେରା, ଦୀପକ ବେହେରା ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁମନ୍ଦିରର ପ୍ରତିଷ୍ଠା ଦିବସ



ବାଲିକୁଦା, ୨୯।୭ (ସମିସ): ବାଲିକୁଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ଶିକ୍ଷାନୁଷ୍ଠାନ ସ୍ଥାପନରୁ ବର୍ତ୍ତମାନର ଯାତ୍ରା ଓ ଛାତ୍ରଛାତ୍ରୀଙ୍କ ସଫଳତା ବିଷୟରେ ମତବ୍ୟକ୍ତ କରିଥିଲେ। ପରେ ଦିବଂଗତ ତଥା ବିଦ୍ୟାଳୟର ଦୁଇ ପରିଚାଳନା ସମିତି ଉପଦେଷ୍ଟା ପ୍ରତାପ ଚନ୍ଦ୍ର ଦାସ ଓ ପ୍ରାଣକୃଷ୍ଣ ମହାନ୍ତି, ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଋଷି ନାଥ ରାଉତ, ଆଚାର୍ଯ୍ୟ ପଦ୍ମଲୋଚନ ମିଶ୍ର ଓ ହରପ୍ରସାଦ ନାୟକଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ୍ ନିରବ ପର୍ଥାନା କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ସମ୍ପାଦକ ନିକୁଞ୍ଜ କିଶୋର ବିଶ୍ୱାଳ, ସହ ସମ୍ପାଦକ ଶରତ ଚନ୍ଦ୍ର ଲେଙ୍କା, ଉପସଭାପତି ପ୍ରମିଳା ମୁଦୁଲି, ସଦସ୍ୟ ରାମଚନ୍ଦ୍ର ସାହୁ, ସଦସ୍ୟା ପ୍ରମିଳା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସମସ୍ତ ଶିଶୁ ଭାଇ ଓ ଭଉଣୀ ଅଭିଭାବକ ଅଭିଭାବିକା ସହଯୋଗ କରିଥିଲେ।

## ଚୋରା ଗ୍ୟାସ ବୋଝେଇ ଗାଡ଼ି ଜବତ; ଜଣେ ଗିରଫ

ପାରାଦୀପ, ୨୯।୭ (ସମିସ): ଶିଳ୍ପ ସହର ପାରାଦୀପ ଅଞ୍ଚଳରେ ଏବେ ଚୋରା ଗ୍ୟାସ ବେପାର ବଢ଼ି ଚାଲିଛି। ସିଲିଣ୍ଡର ଲୋଡଥିବା ଏକ ଗାଡ଼ି ତାରିଣୀ ଗଡ଼ା ଅଞ୍ଚଳରେ ବୁଲୁଥିବା ବେଳେ ଆଦର୍ଶ ଥାନା ପୁଲିସ ଖବର ପାଇ ଗାଡିଟିକୁ ଜବତ କରିଛି। ସିଲିଣ୍ଡରର କାଗଜପତ୍ର ମାଗିବାରୁ ଚାଳକ କୌଣସି କାଗଜପତ୍ର ଦେଖାଇ ପାରି ନଥିବାରୁ ସମସ୍ତ ସିଲିଣ୍ଡର ଚୋରାରେ ଆଣି ସେ ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଥିଲା। ବାଲିକୁଦା ଥାନା ଅଞ୍ଚଳ ରଘୁନାଥପୁରର ଡ୍ରାଇଭର ବବୁଲ ଭୋଇକୁ ଗିରଫ କରି ଆଜି କୋର୍ଟଚାଲାଣ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇଛି।

## ସ୍କୁଟି ସହିତ ମଦ ଜବତ; ଜଣେ ମହିଳାଙ୍କ ସମେତ ୫ ଗିରଫ

ଜଗତସିଂହପୁର, ୨୯।୭ (ସମିସ): ଜଗତସିଂହପୁର ଅବକାରୀ ମୋବାଇଲ ସ୍କ୍ୱାଡ, ଅବକାରୀ ଅଫିସ କର୍ମଚାରୀ ଏବଂ ଅବକାରୀ ଥାନା କର୍ମଚାରୀଙ୍କ ତରଫରୁ ଜଗତସିଂହପୁର ଏବଂ ବାଲିକୁଦା ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୦.୮ ଲିଟର ନକଲି ବିଦେଶୀ ମଦ ଏବଂ ୩୨.୮ ଲିଟର ଦେଶୀ ମଦ ଜବତ କରାଯାଇଛି। ଚୋରା ନିଶା ବ୍ୟବସାୟରେ ଜଡିତ ଥିବା ଅଭିଯୋଗରେ ରଘୁନାଥପୁର ଥାନା ଅଧୀନ ବଣିକୁନ୍ଦ ଗ୍ରାମର ଶଶୀଭୂଷଣ ସ୍ୱାଇଁ, ତଅଁରା ଗ୍ରାମର ସତ୍ୟାନନ୍ଦ ବାରିକ, ଜଗତସିଂହପୁର ସଦର ଥାନା ଅଧୀନ ମାର୍କଣ୍ଡପୁର ଗ୍ରାମର ପ୍ରଶାନ୍ତ କୁମାର ବାରିକ, ପାଟେଣୀଗାଁ ଗ୍ରାମର ପବିତ୍ର ଗୋଛାୟତ ଏବଂ ବାଲିକୁଦା ଥାନା ଅଧୀନ ଜଇତଳଙ୍ଗ ଗ୍ରାମର ଛବିଲତା ବରାଳଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତି ପରେ ସମସ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ନୀରିକ୍ଷକ ପ୍ରଭାସ ଚୌଧୂରୀ ସୂଚନା ଦେଇଛନ୍ତି।

## 'ସକାଳ' ବିତରକଙ୍କ ମାତୃ ବିୟୋଗ

ରଘୁନାଥପୁର, ୨୯।୭ (ସମିସ): ରଘୁନାଥପୁର ବ୍ଲକ ଅଧୀନ ତଅଁରା ପଞ୍ଚାୟତର ଶାଳିଜଙ୍ଗା ଗ୍ରାମର ଶାନ୍ତିଲତା ଗୋଛାୟତ (୮୫)ଙ୍କ ହୃଦଘାତରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ



ମହିଳା ଥିଲେ। ତାଙ୍କ ବିୟୋଗରେ ତଅଁରା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ ସମ୍ପନ୍ନ ହୋଇଥିଲା। ଶୋଭାଯାତ୍ରାରେ ତଅଁରା ପଞ୍ଚାୟତର ସରପଞ୍ଚ ଓ ତାଙ୍କର ତିନି ପୁଅ ଦିଲ୍ଲୀପ କୁମାର ଗୋଛାୟତ, ରଞ୍ଜନ କୁମାର ଗୋଛାୟତ, ନରେଶ କୁମାର ଗୋଛାୟତ ଓ ଗ୍ରାମର ଅନେକ ମାନ୍ୟମାନ୍ୟ ବ୍ୟକ୍ତି ଓ ବନ୍ଧୁ ବାନ୍ଧବ ଯୋଗଦେଇଥିଲେ। ଜ୍ୟେଷ୍ଠପୁତ୍ର ଦିଲ୍ଲୀପ କୁମାର ଗୋଛାୟତ ମୁଖାଗ୍ନି ଦେଇଥିବା ବେଳେ ଘରର ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ରାଢ଼ଙ୍ଗରେ ପୁଣି ତେଜିଲା ମଦ ବିରୋଧୀ ଆନ୍ଦୋଳନ

**■ ପ୍ରତିବାଦ ସଭାରେ ଯୋଗଦେଲେ ପୁଲିସ, ଅବକାରୀ ଅଧିକାରୀ**




ଜଗତସିଂହପୁର/ରଘୁନାଥପୁର, ୨୯।୭ (ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧୀନ ରାଢ଼ଙ୍ଗ ପଞ୍ଚାୟତକୁ ମଦମୁକ୍ତ କରିବା ପାଇଁ ସ୍ଥାନୀୟ ବଟ ମହାପୁରୁଷ ପ୍ରାଙ୍ଗଣରେ ମଦ ବିରୋଧୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଢଙ୍ଗର ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ସମାବେଶରେ ଶିକ୍ଷାବିତ ସୁରେଶ ଚନ୍ଦ୍ର ରାଉତ ସଭାପତିତ୍ୱ କରିଥିଲେ। ସଂଗ୍ରାମୀ ନେତା ଆଡଭୋକେଟ ବାସୁଦେବ, ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସହ ସଂଯୋଜକ ରଶ୍ମୀରଞ୍ଜନ ସ୍ୱାଇଁ, ଆଞ୍ଚଳିକ ବିକାଶ ପରିଷଦ ଓ ସହଯୋଗ ଚାରିଟେବୁଲ ଟ୍ରଷ୍ଟ ରେଢୁଆର ଆବାହକ ସ୍ନେହାଂଶୁ ଜେନା ପ୍ରମୁଖ ବକ୍ତାଭାବେ ଯୋଗଦେଇ ମଦର ବିଲୋପ ପାଇଁ ସମାଜର ସବୁ ଶ୍ରେଣୀର ଲୋକ ଏକଜୁଟ ହେବାର ଆବଶ୍ୟକତା ଅଛି ବୋଲି ବକ୍ତବ୍ୟ ରଖିଥିଲେ। ଗତ କିଛିଦିନ ଧରି ରାଢଙ୍ଗ ଅଞ୍ଚଳର ମଦ ବିରୋଧୀ ମାତୃମଣ୍ଡଳୀର କ୍ରମାଗତ ସଭା, ସମାବେଶ, ପଦଯାତ୍ରା ଜିଲ୍ଲା ପ୍ରଶାସନକୁ ଚୋରା ମଦ ବିକ୍ରି ପ୍ରସଙ୍ଗରେ ଚିନ୍ତା କରିବାକୁ ବାଧ କରାଇଛି। ଯାହାଫଳରେ ସମାବେଶରେ ଜଗତସିଂହପୁର ଅବକାରୀ ବିଭାଗର ସହକାରୀ ଉପନିରୀକ୍ଷକ ଗୟାଧର ସେଠୀ ଏବଂ ରଘୁନାଥପୁର ଥାନାର ସହକାରୀ ଉପନିରୀକ୍ଷକ ରଞ୍ଜିତ କୁମାର ରାଉତ ଯୋଗଦେଇ ଚୋରା ମଦକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହିତ ଅଭିଯାନକୁ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଚୋରା ମଦ ବିକ୍ରି ବନ୍ଦ୍ ନହେଲେ ପଞ୍ଚାୟତ ବନ୍ଦ୍ ଆନ୍ଦୋଳନ କରାଯିବା ପାଇଁ ଉପସ୍ଥିତ ଜନ ସାଧାରଣ ଦୃଢୋକ୍ତି ପ୍ରକାଶ କରିଥିଲେ। ପ୍ରଶାନ୍ତ ଜେନା, ଶରତ ରାଉତ, ଦିଲ୍ଲୀପ ସ୍ୱାଇଁ, ତରୁଣ ଜେନା, ସରପଞ୍ଚ ସୁଶିଳ ବାରିକ୍, ରଶ୍ମୀରଞ୍ଜନ ମହାନ୍ତି, ଅମରେଶ ରାଉତ, ସଙ୍ଗମ ମହାନ୍ତି, ଅସୀମ ରାଉତ, ପ୍ରିୟତମା ରାୟ, ଚନ୍ଦ୍ରକାନ୍ତି ମହାନ୍ତି, ନର୍ମଦା ନାୟକ, ସୁଜାତା ବେହେରା, କାନ୍ତିବାଳା ପାଳ, ଲିଲି ପରିଡ଼ା, ସରୋଜ ମହାପାତ୍ର, ଅନଙ୍ଗ ମହାନ୍ତି, ହେମନ୍ତ ବିଶ୍ୱାଳ, ମଧୁସ୍ମିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଯୁବ ସଂଗଠକ ଶାରଦା ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତେନ୍ତୁଳିପଦାସ୍ଥିତ ସରକାରୀ ବିଦ୍ୟାଳୟରେ ପାଠଚକ୍ର

ତିର୍ତ୍ତୋଲ, ୨୯।୭ (ସମିସ): ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଆଦିକବି ସାରଳା ଦାସ ଓ ସାରଳା ସାହିତ୍ୟ ଗଣମାନସରୁ ଅନ୍ତର ହେଲେ ଓଡ଼ିଆ ଭାଷାର ଅବକ୍ଷୟ ହେବ ବୋଲି ଆଦିକବି ସାରଳା ଦାସ ସାଧନା ପୀଠ

**● ସାରଳା ସାହିତ୍ୟର ହେଉ ପ୍ରଚାର ଓ ପ୍ରସାର**



ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ପାଠଚକ୍ରରେ ବୁଦ୍ଧିଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆଦିକବିଙ୍କ ଗ୍ରାମ ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦାସ୍ଥିତ ସରକାରୀ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ପାଠଚକ୍ରରେ ଶିକ୍ଷାବିତ କମଳାକାନ୍ତ ପରିଜାଙ୍କ ଅଧକ୍ଷତାରେ ବିଭିନ୍ନ ପଞ୍ଚାୟତର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ଜଗତସିଂହପୁର ଜିଲ୍ଲା ପ୍ରଶାସନର ପ୍ରାପ୍ତାବସର ଅଧିକାରୀ ତଥା ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ମହାନ୍ତି ଆଦିକବି ସାରଳା ଦାସଙ୍କ ଜିଲ୍ଲାରୁ ସହର ପର୍ଯ୍ୟନ୍ତ ପ୍ରତିମୂର୍ତ୍ତି ନିର୍ମାଣ ସହିତ ସାରଳା ସାହିତ୍ୟର ପ୍ରଚାର, ପ୍ରସାର ନହେଲେ ଓଡ଼ିଆ ଭାଷାର ଅବକ୍ଷୟ ଘଟିବ ବୋଲି କହିଥିଲେ। ଉପସଭାପତି ବିରଜା ପ୍ରସନ୍ନ ପରିଜା, ଅଶୋକ ଦାଶ, ସମାଜସେବୀ ଚିତ୍ତରଞ୍ଜନ ପରିଜା, ରାଜକିଶୋର ଦାଶ, ରାଘବାନନ୍ଦ ଦାସ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ଅନୀଲ ମହାନ୍ତି, ରବୀନ୍ଦ୍ର ନାଥ ସିଂହ, ନିତ୍ୟାନନ୍ଦ ନାୟକ, ଅକ୍ଷୟ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ, କବିତା ସେଠୀ, ସୁରେନ୍ଦ୍ର ସାହୁ, ପ୍ରଭାତ ଚନ୍ଦ୍ର ଦାଶ, ନମିତା ସିଂହ, ସୁଶାନ୍ତ ପରିଜା, ପ୍ରମୋଦ ସାହୁ, ପ୍ରଭାତ ପରିଜା ପ୍ରମୁଖ ଉପସ୍ଥିତ ରହି ନିଜ ମତବ୍ୟକ୍ତ କରିଥିଲେ। ସାରଳା ମହାଭାରତରେ ଥିବା ଆଦର୍ଶ ଚରିତ୍ର ପ୍ରତି ସମସ୍ତେ ଯତ୍ନବାନ ହେଲେ ସାମାଜିକ ଚଳଣି ମର୍ଯ୍ୟାଦାବନ୍ତ ହେବ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଇଂ ସୁବାସ ଚନ୍ଦ୍ର ସାହୁ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଚୌଧୁରୀ ରାଧାମୋହନ ପରିଜା ସ୍ୱାଗତ ଭାଷଣ ଓ ସଂଗଠନ ସମ୍ପାଦକ ଦେବବ୍ରତ ବାରିକ ଧନ୍ୟବାଦ ଦେଇଥିଲେ।

## ଚିତ୍ତରଞ୍ଜନ ପରିଜାଙ୍କୁ ଅଟଳ ବିହାରୀ ବାଜପେୟୀ ସମ୍ମାନ

ତିର୍ତ୍ତୋଲ, ୨୯।୭ (ସମିସ): ତିର୍ତ୍ତୋଲ ବ୍ଲକ ଅଧୀନ ତେନ୍ତୁଳିପଦାସ୍ଥିତ ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦର ସମ୍ପାଦକ ଚିତ୍ତରଞ୍ଜନ ପରିଜାଙ୍କୁ ଭୁବନେଶ୍ୱର ଗୀତଗୋବିନ୍ଦ ଭବନରେ ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବରେ ଅଟଳ ବିହାରୀ ବାଜପେୟୀ ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଓ କାବ୍ୟାଞ୍ଜଳିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ଓ ଅତିଥିମାନେ ଉପସ୍ଥିତ ରହି ଶ୍ରୀ ପରିଜାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିଲେ। ସମାଜସେବୀ ଓ ସଂଗଠକ ଶ୍ରୀ ପରିଜା ଆଦିକବି ସାରଳାଙ୍କ ସମାଧି ପୀଠର ବିକାଶ



## ସାମ୍ବାଦିକଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ପାରାଦୀପ, ୨୯।୭ (ସମିସ): ସାମ୍ବାଦିକଙ୍କ ସ୍ୱାର୍ଥ ଓ ସୁରକ୍ଷା ପାଇଁ ସର୍ବଦା ଲଢେଇ ଜାରି ରଖିଥିବା ପାରାଦୀପର ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାରାଦୀପ ଏଡିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା, ପେନସନ, ମାସିକ ଭର୍ତ୍ତା ଓ କଡ଼ା ସୁରକ୍ଷା ଆଇନ୍ ପ୍ରଣୟନ ଉପରେ ଏହି ଦାବିରେ ଗୁରୁତ୍ୱ ଦିଆଯାଇଛି। ଟ୍ରଷ୍ଟର ଆଡଭାଇଜର ଗଗନ ବିହାରୀ ସାହୁ ଓ ଆଇନ ପରାମର୍ଶଦାତା କୈଳାସ ସାହୁଙ୍କ ନେତୃତ୍ୱରେ ଟ୍ରଷ୍ଟ ସଦସ୍ୟମାନେ ଏଡିଏମ ନିରଞ୍ଜନ ବେହେରାଙ୍କୁ ମଧ୍ୟାହ୍ନରେ ସାକ୍ଷାତ କରି ଦାବୀପତ୍ର ପ୍ରଦାନ କରିଛନ୍ତି। ଟ୍ରଷ୍ଟର ଅଧକ୍ଷ ଅରୁଣ କୁମାର ଓଝାଙ୍କ ସମେତ ସମ୍ପାଦକ ପ୍ରଶାନ୍ତ କୁମାର ରାଉତ, ଉପସଭାପତି ହରିଶ୍ଚନ୍ଦ୍ର ଲେଙ୍କା, ସହସମ୍ପାଦକ ଜଗନ୍ନାଥ ଶତପଥୀ, କୋଷାଧକ୍ଷ ସିଦ୍ଧେଶ୍ୱର ସ୍ୱାଇଁ, ସୁଦର୍ଶନ ବିଶ୍ୱାଳ, ପ୍ରଶାନ୍ତ ରାଉତ, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରରେ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାର ପ୍ରଚଳନ କରିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାର ଅର୍ଥରାଶିକୁ ୧୦ ଲକ୍ଷକୁ ବୃଦ୍ଧି କରିବା ସହିତ ଉଭୟ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇଦେବା, ଏହି ଯୋଜନାରେ ସାମ୍ବାଦିକଙ୍କ ବୃଦ୍ଧ ପିତାମାତାଙ୍କ ସହିତ ୨୫ ବର୍ଷରୁ ଅଧିକ ଅବିବାହିତ ସନ୍ତାନ ମାନଙ୍କୁ ସାମିଲ କରିବା, ଦେଶର ଅନ୍ୟ ୧୮ଟି ରାଜ୍ୟ ଭଳି ରାଜ୍ୟର ସାମ୍ବାଦିକମାନଙ୍କୁ ୬୦ ବର୍ଷ ପରେ ପେନସନ ଯୋଜନା ଏବଂ ସାମ୍ବାଦିକଙ୍କୁ ମାସିକ ୧୦ ହଜାର ଟଙ୍କାର ଭତ୍ତା ପ୍ରଦାନ ପାଇଁ ମଧ ଦାବି କରାଯାଇଛି। ଯାହା ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଅଭିବୃଦ୍ଧି ହୋଇପାରିବ।

## ଖାଲଗାଁ ପଞ୍ଚାୟତରେ ମୁକୁଳାପଡ଼ିଛି ୩ଟି ଟ୍ରାନ୍ସଫର୍ମର

ଜଗତସିଂହପୁର/ବାଲିକୁଦା, ୨୯।୭ (ସମିସ)

ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତର ଜନବସତି ଓ ରାସ୍ତା ପାର୍ଶ୍ୱରେ ଖୋଲାରେ ୩ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ନ ଥିବାବେଳେ ସେଥିରେ ଅନାବନା ଗଛଲତା ମାଡ଼ିଯାଇଛି। କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

**● ସୁରକ୍ଷା ବାଡ଼ ପାଇଁ ଦାବି**







ଖାଲଗାଁ ପଞ୍ଚାୟତର ପାଟଣା ଓ ମଠସାହିର ପ୍ରାୟ ୪ଟି ୱାର୍ଡର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୦୦ ମିଟର ଦୂରରେ ରାସ୍ତା ପାର୍ଶ୍ୱରେ ଏକ ଟ୍ରାନ୍ସଫର୍ମର ରହିଛି। ଏହି ଟ୍ରାନ୍ସଫର୍ମରରୁ ପାଟଣା ଗ୍ରାମର ୮୦ରୁ ଅଧିକ ପରିବାର ବିଦ୍ୟୁତ୍ ସଂଯୋଗ ନେଇଛନ୍ତି। ଉକ୍ତ ଟ୍ରାନ୍ସଫର୍ମର ଅସୁରକ୍ଷିତ ଅବସ୍ଥାରେ ଥିବାବେଳେ ସେଥିରେ ଗଛଲତା ମାଡ଼ିଯାଇଛି। ସଟ୍‌ସର୍କିଟ ହୋଇ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏହି ରାସ୍ତାଦେଇ ଛୋଟ ଛୋଟ ପିଲା ସ୍କୁଲ ଯାତାୟାତ କରୁଥିବାବେଳେ ଗାଈ, ଛେଳି ଆଦି ଚଲାବୁଲା କରିଥା'ନ୍ତି। କେହି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଲେ ଦୁର୍ଘଟଣା ସୁନିଶ୍ଚିତ। ସେହିପରି ବୁଢ଼ୀସାରେଇ ମନ୍ଦିର ନିକଟରେ ଥିବା ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି। ଏହି ଟ୍ରାନ୍ସଫର୍ମର ଯୋଗେ ମଠସାହି ଗ୍ରାମର ୧୦୦ରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ବିଦ୍ୟୁତ୍ ସଂଯୋଗ ନେଇଛନ୍ତି। ସେହିପରି ପଞ୍ଚାୟତ ପୋଖରୀ ପାର୍ଶ୍ୱରେ ଅନ୍ୟଏକ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। କମ୍ପାନୀ ବିଲ୍ ଆଦାୟରେ ଯେମିତି ତତ୍ପରତା ପ୍ରକାଶ କରୁଛି, ଗ୍ରାହକଙ୍କୁ ସେବା ଯୋଗାଇବାରେ ସେତିକି ହେଳା କରୁଥିବା ଅଭିଯୋଗ ହେଉଛି। ଏନେଇ ବିଦ୍ୟୁତ୍ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଟୁଇଟ ଓ ଇମେଲ ମାଧ୍ୟମରେ ଅଭିଯୋଗ କରିଛନ୍ତି ବାଲିକୁଦାର ଯୁବ ସମାଜସେବୀ ତଥା ଉକ୍ତ ପଞ୍ଚାୟତର ସଚେତନ ନାଗରିକ ମନୋଜ ନାୟକ। ଆଗାମୀ ଦିନରେ ମୁକୁଳା ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ଼ ଦିଆ ନ ଗଲେ ଗ୍ରାମବାସୀ ବିଲ୍ ପୈଠ କରିବେନି ବୋଲି ଚେତାବନୀ ଦେଇଛନ୍ତି।

# ୨ ଦିନ ବ୍ୟାପୀ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ




ଢେଙ୍କାନାଳ, ୨୯ ।୭ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅନୁକୂଲ୍ୟରେ ଇଷ୍ଟର୍ଣ୍ଣ ଜୋନାଲ କଲଚରାଲ ସେଣ୍ଟର, କୋଲକାତା ପକ୍ଷରୁ ଅମ୍ରିତ କାଳ ସାଂସ୍କୃତିକ ଉତ୍ସବ ଅବସରରେ ଢେଙ୍କାନାଳରେ ଦୁଇଦିନ ବ୍ୟାପୀ ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ କୁମାର ରାୟ ଯୋଗଦେଇ କହିଲେ, କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ପୂର୍ବାଞ୍ଚଳ କ୍ଷେତ୍ରୀୟ ସାଂସ୍କୃତିକ କେନ୍ଦ୍ର ଅନୁକୂଲ୍ୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଅମ୍ରିତକାଳ ସାଂସ୍କୃତିକ ଉତ୍ସବ ମାଧ୍ୟମରେ ଏକ ବିକଶିତ ଭାରତର ପରିକଳ୍ପନା କରାଯାଇଛି । ଏହା ଭାରତ ତଥା ଓଡ଼ିଶାର ସଂସ୍କୃତି ସମ୍ପନ୍ନ ନୃତ୍ୟ, ସଙ୍ଗୀତକୁ ଗରିମାମୟ କରିପାରିଛି । ଏହି ଉତ୍ସବ ମାଧ୍ୟମରେ ସ୍ଥାନୀୟ କଳାକାର ଗୋଷ୍ଠୀ ନିଜ କଳା ପ୍ରଦର୍ଶନ କରିବା ସହ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଢେଙ୍କାନାଳର ଦେବାଂଶୀ ଡ୍ୟାନ୍ସ ଏକାଡେମୀ, ଶତରୂପା ନୃତ୍ୟ ଅନୁଷ୍ଠାନ, ଶିବାୟ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ ଏକାଡେମୀ, ନୃତ୍ୟାଙ୍ଗନା ନୃତ୍ୟ ଅନୁଷ୍ଠାନ ଏବଂ ଇନ୍ଦିରା ସୋସିଆଲ ୱେଲଫେୟାର ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ । ଅବନୀ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

# ମହିଳାଙ୍କ ପ୍ରତି ଯୌନ ଉତ୍ପୀଡ଼ନ ସମ୍ପର୍କିତ କର୍ମଶାଳା

ଢେଙ୍କାନାଳ, ୨୯ ।୭ (ସମିସ)




ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ମହିଳାଙ୍କ ପ୍ରତି କର୍ମକ୍ଷେତ୍ରରେ ହେଉଥିବା ଯୌନ ଉତ୍ପୀଡ଼ନ ଆଇନକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କର୍ମଶାଳା ହୋଇଥିଲା । ଅଧ୍ୟକ୍ଷ ଡ. ସାହୁ ଅତିଥି ପରିଚୟ ପ୍ରଦାନ କରି ଯୌନ ଉତ୍ପୀଡ଼ନ ଆଇନ-୨୦୧୩ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହି ଆଇନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ସବିଶେଷ ଜ୍ଞାନ ରହିବା ଆବଶ୍ୟକ ବୋଲି ସେ କହିଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର ଓ ଢେଙ୍କାନାଳ ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ସସ୍ମିତା ନାଏକ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ପୀଡ଼ିତା କିପରି ଆଇନ ମଧ୍ୟରେ ଥିବା ବିଭିନ୍ନ ପ୍ରାବଧାନ ବିଷୟରେ ଅବଗତ ହେବା ସହ ସଚେତନ ହେବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ଢେଙ୍କାନାଳଜିଲ୍ଲାଅଭିଯୋଜନନିର୍ଦ୍ଦେଶାଳୟରଉପନିର୍ଦ୍ଦେଶକ ଗଣେଶ କୁମାର ବେହେରା ଯୋଗଦେଇ ବର୍ତ୍ତମାନ ସମୟରେ ଯୌନ ଉତ୍ପୀଡ଼ନ ଆଇନ ଅତ୍ୟନ୍ତ ଆବଶ୍ୟକ ବୋଲି କହିବା ସହ ସୁପ୍ରିମକୋର୍ଟଙ୍କ ବିଭିନ୍ନ ଐତିହାସିକ ରାୟ ଉପରେ ଆଲୋଚନା କରିଥିଲେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବିଭିନ୍ନ ଦିଗ ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ସମ୍ମାନିତ ଅତିଥିରୂପେ ଢେଙ୍କାନାଳ ଅତିରିକ୍ତ ଏସପି ସୂର୍ଯ୍ୟମଣି ପ୍ରଧାନ, ଡିଏସପି ସନ୍ଧ୍ୟାରାଣୀ ବେଉରିଆ, ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ମଧୁସ୍ମିତା ଦାସ, ଭିଜିଲାନ୍ସ ସ୍ୱତନ୍ତ୍ର ପିପି ଅନୁଜ୍ଞା ମହାନ୍ତି, ଆଇନଜୀବୀ ଅର୍ଚ୍ଚନା ନନ୍ଦ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟା ପୁଷ୍ପାଞ୍ଜଳି ସ୍ମିତାରାଣୀ ସାମଲ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ କିପରି ସଠିକ ଭାବେ ମୁକାବିଲା କରାଯିବ ସେ ସମ୍ପର୍କରେ ଆଲୋଚନା କରିବା ସହ ବିଭିନ୍ନ କାର୍ଯ୍ୟାଳୟରେ ଘଟୁଥିବା ଯୌନ ଉତ୍ପୀଡ଼ନକୁ ସାହସର ସହ ମୁକାବିଲା କରିବା ପାଇଁ କହିଥିଲେ । ଏହା ସହ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ବିଭିନ୍ନ ଦାୟିତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଧ୍ୟକ୍ଷା ସୁନନ୍ଦା ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ । କର୍ମଶାଳାରେ ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ ।

■ ଲଙ୍ଗୁଲିଆବେଡ଼ା ଗ୍ରାମରେ ଚୋରି

# ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ବଅଁରପାଳ, ୨୯ ।୭ (ସମିସ): ବଅଁରପାଳ ଥାନା ଲଙ୍ଗୁଲିଆବେଡ଼ା ଗାଁ ମୁଣ୍ଡରେ ଥିବା ଏକ ଗ୍ୟାରେଜ ଓ ଟେଣ୍ଟ ହାଉସରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ଥାନାରେ ଅଭିଯୋଗ ହୋଇଛି । ଲଙ୍ଗୁଲିଆବେଡ଼ା ଗ୍ରାମର ପ୍ରମୋଦ କୁମାର ସାହୁ ଗାଁ ମୁଣ୍ଡ ଆଲୁମିନିୟମ ପାର୍କ ପ୍ରକଳ୍ପ ପାଖରେ ଗ୍ୟାରେଜ ସହ ଏକ ଟେଣ୍ଟହାଉସ ଓ ପାନ ଦୋକାନ କରିଛନ୍ତି । ସୋମବାର ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ସକାଳେ ଆସି ଦେଖିଲା ବେଳକୁ ଦୋକାନ ତାଲା ଭଙ୍ଗାଯାଇଥିଲା । ଭିତରକୁ ଯାଇ ଦୋକାନରେ ଥିବା ଗ୍ୟାସ ଟାଙ୍କି, ଟ୍ରକ ବ୍ୟାଟେରି, ନୂଆ ଜେନେରେଟର, ପାଣି ପମ୍ପ, ଗଛକଟା ମେସିନ, ଗ୍ୟାରେଜରେ ଥିବା ସମସ୍ତ ମରାମତି ଉପକରଣ ଓ ଟଙ୍କା ଆଦି ଚୋରି ହେଇଥିବା ଦେଖିଥିଲେ । ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂ ସୂଚନା ଦେଇଛନ୍ତି ।

# ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କାମାକ୍ଷାନଗର, ୨୯ ।୭ (ସମିସ): କଙ୍କଡ଼ାହାଡ଼ ଥାନା କନ୍ଧରା ଓ କଣ୍ଟାପାଳ କଲୋନୀ-୩ ମଧ୍ୟରେ ଥିବା ଏକ କାଜୁ ବଗିଚାରେ ଜଣେ ନବବିବାହିତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ କଣ୍ଟାପାଳ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମର ରାଇମୋହନ ମହାରଣାଙ୍କ ଝିଅ ତଥା ପରଜଙ୍ଗ ଥାନା ହାତୀଲୋଚାଣି ଗ୍ରାମର ବୀରେନ ନାୟକଙ୍କ ସ୍ତ୍ରୀ ଦୀପାଳି ମହାରଣା । ଚଳିତ ମାସ ୨୫ ତାରିଖ ଦୀପାଳି ଓ ବୀରେନଙ୍କ ବିବାହ ହୋଇଥିଲା । ସୋମବାର ସନ୍ଧ୍ୟାରେ ଉଭୟ କନ୍ଧରାସ୍ଥିତ ଦୀପାଳିଙ୍କ ବଡ଼ବାପାଙ୍କ ଘରକୁ ଆସିଥିଲେ । ତେବେ କୌଣସି କାରଣରୁ ସେଠାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ମଙ୍ଗଳବାର ସକାଳେ ଦୀପାଳି ଘରୁ କେଉଁଆଡ଼େ ଚାଲିଯାଇଥିଲେ । ପରିବାର ଲୋକ ଓ ଗ୍ରାମବାସୀ ଖୋଜାଖୋଜି କରିବା ପରେ ତାଙ୍କୁ କାଜୁ ଜଙ୍ଗଲରେ ଝୁଲନ୍ତା ଅବସ୍ଥାରେ ପାଇଥିଲେ । ଖବର ପାଇ ସନ୍ଧ୍ୟା ୬ଟାରେ କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଉପଖଣ୍ଡ ମେଡିକାଲ ପଠାଇବା ବ୍ୟବସ୍ଥା କରୁଛି । ସ୍ୱାମୀ ବୀରେନଙ୍କୁ ଅଟକ ରଖି ପଚାରାଉଚାରା କରାଯାଉଛି ।

# ବିପର୍ଯ୍ୟୟ ମୁକାବିଲା ପାଇଁ ଉପକରଣ କିଣିଲା ପୌରପାଳିକା

ଅନୁଗୋଳ, ୨୯ ।୭ (ସମିସ): ବର୍ଷାଦିନ ଚାଲିଥିବାରୁ କୌଣସି ଝଡ଼ବାତ୍ୟା ବା ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ଅନୁଗୋଳ ପୌରପାଳିକା ଅତ୍ୟାବଶ୍ୟକ ଉପକରଣ କିଣିଥିବା ଜଣାପଡ଼ିଛି । ପୂର୍ବରୁ ଏଭଳି ଜରୁରୀ ସମୟରେ ଅଗ୍ନିଶମ ବିଭାଗ କିମ୍ବା ଭଡ଼ାରେ ଉପକରଣ ଆଣିବାକୁ ପଡୁଥିଲା । ଏବେ ଅନୁଗୋଳ ପୌରପାଳିକା ପକ୍ଷରୁ ହ୍ୟାଣ୍ଡି ଗଛକଟା ଯନ୍ତ୍ର, ଗଛଡାଳ କାଟିବା ପାଇଁ ସ୍ୱତନ୍ତ୍ର ଚେନ୍ ସ, ବର୍ଷାଦିନେ ମ୍ୟାଲେରିଆ, ଡେଙ୍ଗୁ ନିରାକରଣ ପାଇଁ ଅଧିକ ଫଗିଂ ମେସିନ, ଗ୍ରାସ କଟର, ପମ୍ପ ଆଦି କିଣାଯାଇଛି । ଏହି ଉପକରଣ କିଣାଯିବା ଦ୍ୱାରା ଯେକୌଣସି ଆପତକାଳୀନ ପରିସ୍ଥିତିର ମୁକାବିଲା କରାଯାଇ ପାରିବ ବୋଲି ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି ।

# ପୁରୁଣା ମାମଲାରେ ୪ ଗିରଫ

କଣିହାଁ, ୨୯ ।୭ (ସମିସ): ପୁରୁଣା ମାମଲା ଓ କୋର୍ଟ ଅବମାନନା ନୋଟିସ ନେଇ କଣିହାଁ ବ୍ଲକ ସମଲ ଥାନା ପୁଲିସ ମଙ୍ଗଳବାର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମଧ୍ୟରୁ ଜିଆର କେସ ନମ୍ବର ୫୩୭/୨୦୨୦ରେ କୁଲେଇ ଗ୍ରାମର ଘନଶ୍ୟାମ ନାଏକ (୪୦), ରକି ନାଏକ (୩୦) ଓ ଜିଆର କେସ ନମ୍ବର ୯୫୨/୨୦୧୭ରେ ମହିଧରପୁର ଗ୍ରାମର ବୈକୁଣ୍ଠ ନାଥ ପ୍ରଧାନ (୬୫) ଓ ତାଙ୍କ ପୁଅ ଫକୀର ମୋହନ ପ୍ରଧାନ (୩୧)ଙ୍କୁ ଗିରଫ କରାଯାଇଥିବା ଥାନା ଆଇଆଇସି ଅରୁଣ କୁମାର ଖିଲାର ସୂଚନା ଦେଇଛନ୍ତି ।

ରୁଙ୍ଗଟା ମାଇନ୍ସକୁ ରେଳ ସଂଯୋଗୀକରଣ

# ଜମି ଅଧିଗ୍ରହଣ ନିମନ୍ତେ ଜନଶୁଣାଣି ଶିବିର




ଢେଙ୍କାନାଳ/ହିନ୍ଦୋଳ, ୨୯ ।୭ (ସମିସ): ହିନ୍ଦୋଳ ବ୍ଲକ ଝାଡ଼ବନ୍ଧସ୍ଥିତ ରୁଙ୍ଗଟା ମାଇନ୍ସ କାରଖାନାକୁ ରେଳ ସଂଯୋଗୀକରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ଓଡ଼ାପଡ଼ା ବ୍ଲକ ନୟାଭାଗୀରଥିପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଓଡ଼ାପଡ଼ା ଅତିରିକ୍ତ ତହସିଲଦାର ସୁରେନ୍ଦ୍ର କୁମାର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ନୟାଭାଗୀରଥିପୁର ସରପଞ୍ଚ ଜତି ନାଏକ, ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦ ଯୋଗଦେଇଥିଲେ । ସେହିପରି ନିମିଧା ଗ୍ରାମରେ ଅନୁଷ୍ଠିତ ଶିବିରରେ ଉପରିସ୍ଥ ଅଧିକାରୀଙ୍କ ସହ ନିମିଧା ସରପଞ୍ଚ ତୁମୁକି ବେହେରା ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ତେବେ କାରଖାନା ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣଙ୍କ ମୌଳିକ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେବା ସହ ବିକାଶ ପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି ଗ୍ରାମବାସୀ ଦାବି ଜଣାଇଥିଲେ । ଶିବିରଗୁଡ଼ିକ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ଜଣାପଡ଼ିଛି । କାର୍ଯ୍ୟକ୍ରମରେ ରୁଙ୍ଗଟା ମାଇନ୍ସର ପଦାଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପୂର୍ତ୍ତ ବିଭାଗ ରାସ୍ତାରେ ଭାରୀଯାନ ପାର୍କିଂ



ପରଜଙ୍ଗ, ୨୯ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଥାନା, ତହସିଲ କାର୍ଯ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ରହିଛି ଭାଲୁମୁଣ୍ଡା ଛକ । ଏହି ଛକ ପୂର୍ବରୁ ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ରହିଛି । ଅଞ୍ଚଳବାସୀଙ୍କ ଲାଗି ପାଣିର ସୁବନ୍ଦୋବସ୍ତ କରିବା ପାଇଁ ବାହାରୁ ବିଭିନ୍ନ କିସମର ପାଇପ ସବୁ ଏହି ଶିକ୍ଷାନୁଷ୍ଠାନକୁ ଲାଗି ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଗଚ୍ଛିତ କରାଯାଇଛି । ବିଭିନ୍ନ ସ୍ଥାନରେ ପାଇପ ବିଛା ଯାଉଥିବା ବେଳେ ଏହି ଡିପୋରୁ କାର୍ଯ୍ୟସ୍ଥଳୀକୁ ପାଇପ ଯାଇଥାଏ । କିନ୍ତୁ ଏହି ଡିପୋକୁ ପାଇପ୍ ବୋଝେଇ କରି ଆସୁଥିବା ଭାରୀଯାନଗୁଡ଼ିକ ରାସ୍ତା କଡ଼ରେ ଲମ୍ବା ଲାଇନ କରି ପାର୍କିଂ କରୁଛନ୍ତି । ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଦୁର୍ଘଟଣା ଆଶଙ୍କା ଉପୁଜିଛି । ରାସ୍ତାରେ ପଥଚାରୀ ସମେତ ଅନ୍ୟ ଛୋଟ ବଡ଼ ଗାଡ଼ିଗୁଡ଼ିକ ଯିବା ଆସିବାରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭାରୀଯାନଗୁଡ଼ିକ ଡିପୋରେ ପାଇପ ଅନଲୋଡ କରିବା ପାଇଁ ଯିବା ଆସିବା ସମୟରେ ରାସ୍ତା କଡ଼କୁ ରହିଥିବା ମାଟି ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି । ଏହି ଗାଡ଼ିଗୁଡ଼ିକ ପାଇଁ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

# ଟାଟା ଷ୍ଟିଲ ମେରାମଣ୍ଡଳୀରେ ଜେଆରଡି ଟାଟାଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ, ୨୯ ।୭ (ସମିସ): ଟାଟା ଷ୍ଟିଲ ମେରାମଣ୍ଡଳୀରେ ଭାରତରତ୍ନ ଜେଆରଡି ଟାଟାଙ୍କ ୧୨୧ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା । ଟାଟା ଷ୍ଟିଲ ମେରାମଣ୍ଡଳୀର ଅପରେସନ୍ସ ଭାଇସ ପ୍ରେସିଡେଣ୍ଟ ଉତ୍ତମ ସିଂଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟମାନେ ଏଥିରେ ସାମିଲ ହୋଇ ଜେଆରଡି ଟାଟାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଜେଆରଡି ଟାଟାଙ୍କ ଜୟନ୍ତୀ ଉପଲକ୍ଷେ ଟାଟାଷ୍ଟିଲ ମେରାମଣ୍ଡଳୀ ଟାଉନସିପ ଭିତରେ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା, କ୍ୱିଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

# ଅଗଷ୍ଟ ୨ରେ ଡାକସେବା ବନ୍ଦ

ଅନୁଗୋଳ/ଢେଙ୍କାନାଳ, ୨୯ ।୭ (ସମିସ): ଅଗଷ୍ଟ ୨ ତାରିଖ (ଶନିବାର) ଢେଙ୍କାନାଳ ପୋଷ୍ଟାଲ ଡିଭିଜନ୍ ଅନ୍ତର୍ଗତ ଅନୁଗୋଳ ଏବଂ ଢେଙ୍କାନାଳ ଜିଲ୍ଲାର ସମସ୍ତ ପ୍ରଧାନ ଡାକଘର, ଉପଡ଼ାକଘର ଏବଂ ଶାଖା ଡାକଘରେ ଡାକ ସେବା ବନ୍ଦ ରହିବ । ଭାରତୀୟ ଡାକ ବିଭାଗରେ



ପ୍ରଚଳିତ ସଫ୍ଟୱେର ବଦଳରେ ନିଜସ୍ୱ ଆଇଟି-୨.୦ ସଫ୍ଟୱେର ପ୍ରଚଳିତ ହେବାକୁ ଯାଉଛି । ଢେଙ୍କାନାଳ ଓ ଅନୁଗୋଳ ପ୍ରଧାନ ଡାକଘର ଓ ଏହା ଅଧୀନ ସମସ୍ତ ଉପଡ଼ାକଘର ତଥା ଶାଖା ଡାକଘରେ ଆସନ୍ତା ଅଗଷ୍ଟ ୪ରୁ ଏହି ସଫ୍ଟୱେର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ବିଭାଗୀୟ ନିର୍ଦ୍ଦେଶ ଅନୁସାରେ ଓ ବୈଷୟିକ କାରଣରୁ ଆସନ୍ତା ଅଗଷ୍ଟ ୨ ତାରିଖ ଢେଙ୍କାନାଳ ଡାକମଣ୍ଡଳର ସମସ୍ତ ପ୍ରଧାନ ଡାକଘର, ଏହା ଅଧୀନ ସମସ୍ତ ଉପଡ଼ାକଘର ଏବଂ ଶାଖା ଡାକଘରଗୁଡ଼ିକରେ ଡାକସେବା ସମ୍ପୂର୍ଣ୍ଣ ବନ୍ଦ ରହିବ । ସମସ୍ତ ଜନ ସାଧାରଣ, ଗ୍ରାହକ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏଥିରେ ସହଯୋଗ କରିବା ନିମନ୍ତେ ଢେଙ୍କାନାଳ ଡାକ ମଣ୍ଡଳ ଅଧୀକ୍ଷକ ଯମେଶ୍ୱର ଗଡ଼ନାୟକ ଅନୁରୋଧ କରିଛନ୍ତି । ଏହି ସଫ୍ଟୱେର ପ୍ରଚଳନ ହେବା ଫଳରେ ଡାକସେବା ଅଧିକ ସହଜ, ତ୍ୱରିତ ଓ ଲୋକାଭିମୁଖୀ ହୋଇପାରିବ । ଏଥି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଗଡ଼ନାୟକ କହିଛନ୍ତି ।

# ଜିଲ୍ଲାସ୍ତରୀୟ ବ୍ୟାଡ଼୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଅନୁଗୋଳ, ୨୯ ।୭ (ସମିସ): ଅନୁଗୋଳ ଜିଲ୍ଲା ୟୁନାଇଟେଡ୍ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ତଥା ଜିଲ୍ଲା ପ୍ରଶାସନ ସହଯୋଗରେ ସ୍ଥାନୀୟ ଇନ୍‌ଡୋର ହଲରେ ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ ମଙ୍ଗଳବାର ଉଦଘାଟିତ ହୋଇଛି । ଅନୁଗୋଳ ଜିଲ୍ଲାପାଳ ଅବଦାଲ ମହମଦ ଅଖତାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି । ଏହା ୩ ଦିନ ଧରି ଚାଲିବ । ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାରେ ସମୁଦାୟ ୧୧୭ ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଭାଗ ନେଇଛନ୍ତି । ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ, ଆସୋସିଏସନର ସଭାପତି ଶିବପ୍ରସାଦ ଦାସ, ଉପସଭାପତି ସୋରଜ କୁମାର ସାହୁ, ସମ୍ପାଦକ ସୁଧୀର କୁମାର ମିଶ୍ର, କୋଷାଧ୍ୟକ୍ଷ ସ୍ୱାଧୀନ ମିଶ୍ର ଉପସ୍ଥିତ ରହି ସୁଚାରୁରୂପେ ଖେଳ ପରିଚାଳନା କରିଥିଲେ । ଏହି ଅବସରରେ ଜର୍ମାନୀରେ ଆୟୋଜିତ ୱାର୍ଲଡ ୟୁନିଭରର୍ସିଟି ଗେମ୍ସ-୨୦୨୫ରେ କାଂସ୍ୟ ପଦକ ପାଇଥିବା ଅନୁଗୋଳର ଅବିନାଶ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା ।

# ଏଚଆଇଭି ଏଡ୍‌ସ ସମ୍ପର୍କିତ କୁଇଜ ପ୍ରତିଯୋଗିତା

ଢେଙ୍କାନାଳ, ୨୯ ।୭ (ସମିସ)




ସ୍ଥାନୀୟ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏଚଆଇଭି ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗ ମିଳିତ ପ୍ରଚେଷ୍ଟା ତଥା ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ସହାୟତାରେ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବ୍ଲକସ୍ତରୀୟ ପ୍ରତିଯୋଗିତାରେ ୧ମ ଓ ୨ୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତାରକା ପ୍ରସନ୍ନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୁସ୍ଥ, ଶୃଙ୍ଖଳିତ ତଥା ସଞ୍ଜମୀ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା ଓ ସିଏସଓ ପ୍ରକାଶ ଚନ୍ଦ୍ର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ତରଭା ବଟବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ପୁନମ ପ୍ରିୟଦର୍ଶିନୀ ପ୍ରଥମ, କାଇମାଟି ପିଏମ ସରକାରୀ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ କୀର୍ତ୍ତି କାଦମ୍ବରୀ ବାରିକ ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଖ୍ୟଅତିଥିଙ୍କ ଠାରୁ ଆର୍ଥିକ ପୁରସ୍କାର ପ୍ରମାଣପତ୍ର ଗ୍ରହଣ କରିଥିଲେ । ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ଏଡ୍‌ସ ସୁପରଭାଇଜର ନାରାୟଣ ସେଠୀ ଏବଂ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସୁବ୍ରତ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୁଲକ୍ଷଣା ଦେବୀ ସରକାରୀ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ପ୍ରାଥମିକ ଚିକିତ୍ସା ସଚେତନତା କର୍ମଶାଳା



ଖଜୁରିଆକଟା, ୨୯ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ପକ୍ଷରୁ ଯୁକ୍ତ୨ ଓ ଯୁକ୍ତ୩ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରାଥମିକ ଚିକିତ୍ସା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି । ଯୁବ ରେଡକ୍ରସ କାଉନସେଲର ତଥା ଇତିହାସ ବିଭାଗ ଅଧ୍ୟାପିକା ପ୍ରିୟଙ୍କା ତିଗାଙ୍କ ପ୍ରଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟଅତିଥି ରୂପେ ଯୋଗଦେଇ ରୋଗୀର ପ୍ରାଥମିକ ଚିକିତ୍ସା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ମୁଖ୍ୟବକ୍ତା ଭାବେ ହିନ୍ଦୋଳସ୍ଥିତ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ବରୁଣ କୁମାର ମାଝୀ ଯୋଗଦେଇ ସାପ କାମୁଡ଼ା, କ୍ଷତବିକ୍ଷତ, ପାଣିରେ ବୁଡ଼ିଯିବା, ଦୁର୍ଘଟଣା ପୀଡ଼ିତଙ୍କ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଗୁଣିଗାରେଡ଼ି ଉପରେ ବିଶ୍ୱାସ ନ କରି ଡାକ୍ତରୀ ଚିକିତ୍ସାର ସହାୟତା ନେବା ଜରୁରୀ ବୋଲି ମତ ଦେଇଥିଲେ । ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଚାରୀ ସନ୍ଦୀପ କୁମାର ଦେବତା, କାର୍ଯ୍ୟାଳୟ ସହାୟକ ସୁବ୍ରତ ଜେନାମଣି ଓ ବିଘ୍ନରାଜ କେଶରୀ ସିଂ ପ୍ରମୁଖ ସହଯୋଗ କରିଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୬
- ୟୁରୋ ୧୦୦.୭୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୫୦୦ (ଭୁବନେଶ୍ୱର)
- ରୁପା : ୧,୧୮,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୩୭.୦୦
- ନିଫ୍ଟି ୨୪,୮୨୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଫେସ୍ ଆଇଡି , ଫିଙ୍ଗର ପ୍ରିଣ୍ଟରେ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୨୯।୭(ଏଜେନ୍ସି)




- ଖୁବ୍ ଶୀଘ୍ର ଆସିବ ନୂଆ ବ୍ୟବସ୍ଥା
- ବର୍ତ୍ତମାନ ନେଣଦେଣ ପାଇଁ ପିନ୍ ଦେବାକୁ ପଡୁଛି

ଏଣିକି ବିନା ପିନ୍‌ରେ ହେବ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ। ଫେସ୍ ଆଇଡି ଏବଂ ଫିଙ୍ଗରପ୍ରିଣ୍ଟ ଜରିଆରେ ୟୁଜର କରିବେ କାରବାର। କାରଣ ନ୍ୟାସନାଲ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଖୁବ୍ ଶୀଘ୍ର ଏକ ନୂଆ ବୈଶିଷ୍ଟ୍ୟ ଆଣିବାକୁ ଯାଉଛି। ନ୍ୟାଏଥିପାଇଁ ସନାଲ ପେମେଣ୍ଟ୍ କର୍ପୋରେସନ ଅଫ୍ ଇଣ୍ଡିଆ ୟୁପିଆଇରେ ଏକ ପ୍ରମୁଖ ଅପଡେଟ୍ ଆଣିବାକୁ ପ୍ରସ୍ତୁତ ହେଉଛି। ଏହା ବ୍ୟବହାରକାରୀମାନଙ୍କୁ ପ୍ରତ୍ୟେକ ଥର ପିନ୍ ଏଣ୍ଟ୍ରି କରିବା ପରିବର୍ତ୍ତେ ଫେସ୍ ରେକଗ୍‌ନିସନ୍ ଏବଂ ଫିଙ୍ଗରପ୍ରିଣ୍ଟ ଭଳି ବାୟୋମେଟ୍ରିକ୍ସ ବ୍ୟବହାର କରି କାରବାରକୁ ପ୍ରମାଣିତ କରିବାକୁ ଅନୁମତି ଦେବ।

ଏହି ନୂତନ ବୈଶିଷ୍ଟ୍ୟର ବର୍ତ୍ତମାନ ସମୀକ୍ଷା କରାଯାଉଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିୟାମକ ଅନୁମୋଦନ ଆବଶ୍ୟକ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ୟୁପିଆଇର ସୁରକ୍ଷାକୁ ଆହୁରି ମଜବୁତ କରିବ। ଏହି ନୂଆ ବ୍ୟବସ୍ଥାକୁ ଆଗାମୀ ୨୦୨୫ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ପ୍ରଦର୍ଶନ କରାଯାଇପାରିବ। ଏହି ଅପଡେଟ୍ କାର୍ଯ୍ୟକାରୀ କରିବା ପରେ ବ୍ୟବହାରକାରୀମାନେ ପିନ୍ ଏଣ୍ଟ୍ରି ନ କରି କାରବାର ପାଇଁ ଫେସ୍ ଆଇଡି ଏବଂ ସେମାନଙ୍କର ଫିଙ୍ଗରପ୍ରିଣ୍ଟ ବ୍ୟବହାର କରିପାରିବେ। ଏକ ସୂତ୍ରରୁ ହୋଇଛି ଯେ, ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏହି ଫିଚରର ବିବରଣୀ ୟୁପିଆଇ ଇକୋସିଷ୍ଟମର ଅଂଶଗ୍ରହଣକାରୀମାନଙ୍କ ସହିତ ସେୟାର କରିଛି, ଯାହା କାର୍ଯ୍ୟକାରୀ କରିବା ପୂର୍ବରୁ ସମୀକ୍ଷା, ମତାମତ ଏବଂ ପ୍ରସ୍ତୁତି ସୁନିଶ୍ଚିତ କରିବ। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏକ ବର୍ଷରୁ ଅଧିକ ସମୟ ଧରି ଏହା ଉପରେ କାମ କରୁଛି। ଏକ ସୂତ୍ର କୁହାଯାଇଛି ଯେ ଏହି ବୈଶିଷ୍ଟ୍ୟ ଉପରେ କାମ ଏବେ ବି ଚାଲିଛି। ନୂଆ ବ୍ୟବସ୍ଥା ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ, ଯାହା ଓଟିପି ଅପେକ୍ଷା ଭଲ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଜାତୀୟ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆର ଷ୍ଟିଅରିଂ କମିଟି ଏବଂ ସମଗ୍ର ଇକୋସିଷ୍ଟମରୁ ସବୁଜ ସଙ୍କେତ ପାଇବା ପରେ କାର୍ଯ୍ୟକାରୀ କରାଯିବ।

ଶିଳ୍ପ ସୂତ୍ରରୁ କୁହାଯାଇଛି ଯେ, ଏହି ବୈଶିଷ୍ଟ୍ୟ ଅନେକ ଉପାୟରେ ପାରମ୍ପରିକ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) କିମ୍ବା ପିନ୍ ଅପେକ୍ଷା ଅଧିକ ସୁରକ୍ଷିତ ସାବ୍ୟସ୍ତ ହେବ। ପିନ୍‌ର ବିକଳ୍ପ ଭାବରେ ବାୟୋମେଟ୍ରିକ୍ ପ୍ରମାଣୀକରଣ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୋମେଟ୍ରିକ୍ସ ମାଧ୍ୟମରେ କରାଯାଇଥିବା କାରବାରର ଅତିରିକ୍ତ ସୁରକ୍ଷା ପାଇଁ ମୂଲ୍ୟ ସୀମା ଥାଇପାରେ ବୋଲି ସମ୍ଭାବନା ରହିଛି। ଫୋନ୍ ପେ , ଗୁଗୁଲ୍ ପେ, ପେଟିଏମ୍, ଭୀମ୍ ଭଳି ଅନ୍ୟ ଆପ୍ ପାଇଁ ବାୟୋମେଟ୍ରିକ୍-ଆଧାରିତ ପ୍ରାଧିକରଣକୁ ପୃଥକ ଭାବରେ ସେଟ୍ ଅପ୍ କରିବାକୁ ପଡିବ କି ନାହିଁ ତାହା ଏବେ ଦେଖିବା ବାକି ଅଛି।

**● ଟିସିଏସ୍ ଛଟେଇ: ଗଲା ୧୨,୦୦୦ ଚାକିରି**

# ମ୍ୟାନେଜରଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ




ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ବିଶ୍ୱ ସ୍ତରରେ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହା କମ୍ପାନୀ କର୍ମଚାରୀ ସଂଖ୍ୟାର ପ୍ରାୟ ୨ ପ୍ରତିଶତ। ଟିସିଏସ୍‌ର ସାମ୍ପ୍ରତିକ ଛଟେଇ ମୋଟ ୧୨,୨୬୧ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏହି ଛଟେଇ , ଅଧିକାଂଶ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ହେବ। ଜୁନ୍ ୩୦ ସୁଦ୍ଧା ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୬,୧୩,୦୬୯ ରହିଥିଲା। ତେବେ ଏହା ମଧ୍ୟରେ କମ୍ପାନୀ ଏହାର ମ୍ୟାନେଜରଙ୍କୁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ ଦେଇଛି। ଶହ ଶହ ସଂଖ୍ୟାରେ ଟିସିଏସ୍ କର୍ମଚାରୀଙ୍କୁ ପୂର୍ବରୁ ଚାକିରି ଛାଡିବାକୁ କୁହାଯାଇସାରିଛି। ଆଗାମୀ ମାସଗୁଡ଼ିକରେ ଯେଉଁ କର୍ମଚାରୀମାନଙ୍କୁ ଛଟେଇ କରାଯିବ, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବେଞ୍ଚ ବର୍ଗର, ଯେତେବେଳେ କି ଅବଶିଷ୍ଟ କର୍ମଚାରୀଙ୍କୁ ଏହି ତାଲିକା ଆଧାରରେ ଛଟେଇ କରାଯିବ। ଅପରପକ୍ଷେ କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଟିସିଏସ୍‌ରେ ଛଟେଇ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା କହିଛି। ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଟାଟା ଗ୍ରୁପ୍ ସହିତ ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରଣାଳୟ ବେଶ ଚିନ୍ତିତ ଥିବା କହିଛି। ଏହି ପଦକ୍ଷେପ ପଛରେ ମୂଳ କାରଣଗୁଡ଼ିକର ତଦନ୍ତ କରାଯିବ ବୋଲି କୁହାଯାଇଛି।

# ଦୀପିକା ପାଦୁକୋନଙ୍କ ସହିତ ଡାଇସନର ନୂଆ କ୍ୟାମ୍ପେନ୍

ନୂଆଦିଲ୍ଲୀ,୨୯।୭

ଅନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନଙ୍କୁ ନେଇ ଏହାର ନୂଆ 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସହିତ ଡାଇସନ, ଭିନ୍ନ ପ୍ରକାରର କେଶ ଥିବା ବ୍ୟକ୍ତିମାନଙ୍କୁ ନିଜର ସ୍ୱଅଭିବ୍ୟକ୍ତିକୁ ପ୍ରକାଶ କରିବା ଏବଂ ହିଟ୍ ଡ୍ୟାମେଜ ବିନା ସଠିକ ଭାବେ ଷ୍ଟାଇଲ ହୋଇଥିବା କେଶ ପାଇବା ଲାଗି ଉତ୍ସାହିତ କରିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, 'ଦ ଡିଫ୍‌ରେନ୍ସ ଇଜ୍ ଡାଇସନ' ହେଉଛି ଏକ କ୍ୟାମ୍ପେନ ଯାହା ବ୍ୟକ୍ତିତ୍ୱକୁ ଗ୍ରହଣ କରେ ଓ ଉନ୍ନତ କରେ। ଏହା ଉଦ୍ଭାବନ ଓ ଉପଭୋକ୍ତାଙ୍କ ପାଇଁ ସମସ୍ତ ପ୍ରକାରର କେଶ ପାଇଁ ବିନା ହିଟ୍ ଡ୍ୟାମେଜରେ ଉନ୍ନତ ଷ୍ଟାଇଲ ପ୍ରଦାନ କରୁଥିବା ହେୟାର ଷ୍ଟାଇଲ ରେଞ୍ଜ ଆଣିବା ଲାଗି ଡାଇସନର ପ୍ରତିବଦ୍ଧତାକୁ ଦୃଢ଼ କରିଛି।

ଦୀପିକା ପାଦୁକୋନ ଏହି ବିଷୟବସ୍ତୁକୁ ଜୀବନ୍ତ କରିବା ଏବଂ ହେୟାର ଷ୍ଟାଇଲିଂକୁ ନୂଆ ରୂପ ଦେବା ପାଇଁ ଆମର ଟେକ୍ନୋଲୋଜି ପ୍ରଥମ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଥିବାର ଦେଖି ଆମେ ଖୁବ୍ ଆନନ୍ଦିତ।

# ଭାରତରେ ମୋଟ ପେମେଣ୍ଟର ୮୩% ୟୁପିଆଇରେ ହେଉଛି

ନୂଆଦିଲ୍ଲୀ,୨୯।୭(ଏଜେନ୍ସି)



**ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ବଢ଼ିଛି**

ୟୁନିଫାଇଡ୍ ପେମେଣ୍ଟ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି, ଯାହା ୨୦୨୪ରେ ସମୁଦାୟ ପେମେଣ୍ଟ ପରିମାଣର ୮୩%। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛନ୍ତି।

ଡିଜିଟାଲ୍ କାରବାର ବଢ଼ିବା ସହିତ ଠକାମି ବଢ଼ିବାରେ ଲାଗିଛି। ଏଥିପାଇଁ ଏନ୍‌ପିସିଆଇର ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ୟୁପିଆଇ କେବଳ ସୁବିଧା ନୁହେଁ, ଏହାର ମଜଭୁତ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରତ୍ୟେକ କାରବାରର ସୁରକ୍ଷା ନିଶ୍ଚିତ କରୁଛି। ଏନ୍‌ପିସିଆଇ ପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବନାହିଁ। ଏହା ବ୍ୟତୀତ ୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣୀକରଣ ରହିଛି ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂ ୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଥିବା ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି। ଏନ୍‌ପିସିଆଇ ପକ୍ଷରୁ ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସୁରକ୍ଷା ସୁଦୃଢ଼ କରିବା ପାଇଁ "ଷ୍ଟପ୍, ଥିଙ୍କ୍, ଆକ୍ଟ" ନୀତିକୁ ସାମିଲ କରାଯାଇଛି।

# ନିବେଶକଙ୍କୁ ଆର୍ଥିକ ଠକେଇରୁ ସୁରକ୍ଷିତ ରଖିବାକୁ ସେବି ଓ ଏନ୍‌ଏସ୍‌ଇର ମିଳିତ ପଦକ୍ଷେପ

ନୂଆଦିଲ୍ଲୀ,୨୯।୭: ବର୍ତ୍ତମାନ ସମୟରେ ନକଲି ଟ୍ରେଡିଂ ଆପ୍ ଓ ଡିପ୍‌ଫେକ ଭିଡିଓଗୁଡିକରୁ ଆରମ୍ଭ କରି ଅଣପଞ୍ଜୀକୃତ ନିବେଶ ପରାମର୍ଶଦାତା ଓ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଷ୍ଟକ୍ ପରାମର୍ଶ ପର୍ଯ୍ୟନ୍ତ ଠକମାନେ ଟେକ୍ନୋଲୋଜିର ଅପବ୍ୟବହାର କରିବା ସହ ନିବେଶକଙ୍କ ବିଶ୍ୱାସ ହ୍ରାସ କରୁଛନ୍ତି। ତେଣୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ହାସଟ୍ୟାଗ ସେବି ବନାମ୍ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନର ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୁଚିନ୍ତିତ ନିଷ୍ପତି ନେବା ପାଇଁ ନିବେଶକଙ୍କୁ ସଶକ୍ତ କରିବାକୁ ଚାହୁଁଛି। ସାଧାରଣ ଠକେଇଗୁଡିକୁ ଲୋକଲୋଚନକୁ ଆଣି ଏବଂ ମାର୍ଗଦର୍ଶନ ପ୍ରଦାନ କରି ଏହି କ୍ୟାମ୍ପେନ ନିବେଶକଙ୍କୁ ଚେତାବନୀ ସଙ୍କେତଗୁଡିକୁ ଚିହ୍ନଟ କରିବା, ଉତ୍ସଗୁଡିକୁ ଯାଂଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଏକ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ଆର୍ଥିକ ଇକୋସିଷ୍ଟମ ପ୍ରତି ଯୋଗଦାନ ଦେବ।

## ରାଜ୍ୟ ଖବର

**■ ପୁଲିସର ପକ୍ଷପାତିତା ନେଇ ଏସପିଙ୍କୁ ଫେରାଦ ହେଲେ ମହିଳା**

# ଏସ୍‌ପି ଅଫିସ୍ ଆଗରେ ଆତ୍ମାହୁତି ଚେତାବନୀ

ବାରିପଦା, ୨୯।୭(ସମିସ): ବାରମ୍ବାର ଅଭିଯୋଗ ପରେ ବି ନ୍ୟାୟରୁ ବଞ୍ଚିତ ଜଣେ ମହିଳା ମଙ୍ଗଳବାର ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମର ଅଶୋକ କୁମାର ଜେନାଙ୍କ ପତ୍ନୀ ଅନସୂୟା।

**ବେତନଟୀ ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ**




ସୂଚନାନୁସାରେ, ଏପ୍ରିଲ ୧୨ତାରିଖରେ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ଭଉଣୀ କବିତା ବିଜୁଳି ଓ ତାଙ୍କ ପୁରଷବନ୍ଧୁ ସଞ୍ଜୟ ଜେନା (ବର୍ତ୍ତମାନ ସ୍ୱାମୀ) ଅନସୂୟାଙ୍କୁ ମାଡ଼ ମାରିଥିଲେ। ତାଙ୍କ ଝିଅ ମାମା ବିରୋଧ କରିବାରୁ ତାଙ୍କୁ ମଧ୍ୟ ଅସଦ୍ ବ୍ୟବହାର କରିଥିଲେ। ଏନେଇ ସେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅପରପକ୍ଷଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅନସୂୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିବା ପରେ ଜୁନ ୬ ତାରିଖରେ ପୁଣି ଏକ ଅଭିଯୋଗ କରିଥିଲେ। ତଥାପି ଅଭିଯୋଗର ବିଚାର ହେଲା ନାହିଁ। ଫଳରେ ସେ ବାଧ ହୋଇ ଜୁଲାଇ ୭ ତାରିଖରେ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଜଣାଇଥିଲେ। ପୁଣି ଜୁଲାଇ ୭ ତାରିଖରେ ବୈଶିଙ୍ଗା ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ଏଣୁ ସେ ପୁଣି ମଙ୍ଗଳବାର ଏସପିଙ୍କୁ ଭେଟି ଉପରୋକ୍ତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏସପି ଏହି ଘଟଣାର ତଦନ୍ତ ପାଇଁ ବେତନଟୀ ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସମ୍ପର୍କୀୟ ଝିଆରୀ। ବିଧାୟକଙ୍କ ଚାପରେ ବୈଶିଙ୍ଗା ଥାନା ଅଧିକାରୀ ପକ୍ଷପାତିତା କରୁଥିବାରୁ ତାଙ୍କୁ ନ୍ୟାୟ ପରିବର୍ତ୍ତେ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିଛି।

# ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

କେନ୍ଦ୍ରାପଡ଼ା, ୨୯।୭(ସମିସ): ନକଲି ଫେସବୁକ୍ ଆଇଡି ଖୋଲି ଜଣେ ୧୯ବର୍ଷୀୟ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ଭାଇରାଲ ହୋଇଥିବା ନେଇ କୁଦାନଗରୀ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୁଲିସ୍ ନମ୍ବର ୨୦୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ୨ ମାସ ତଳେ ଯୁବତୀଙ୍କର ନାଁରେ କେହି ଦୁର୍ବୃତ୍ତ ଫେସବୁକ୍‌ରେ ଏକ ନକଲି ଆଇଡି ଖୋଲିଥିଲା। ଏହା ଦେଖିବା ପରେ ଯୁବତୀଜଣଙ୍କ ଉକ୍ତ ଆଇଡିକୁ ମେସେଜ୍ କରି କାହିଁକି ତାଙ୍କ ନାଁରେ ନକଲି ଆଇଡି ଖୋଲିଛ ବୋଲି ପଚାରିବାରୁ ଦୁର୍ବୃତ୍ତଜଣଙ୍କ ତାଙ୍କୁ ବ୍ଲାକମେଲ୍ କରିଥିଲା। ଟଙ୍କା ନ ଦେଲେ ସେ ଉକ୍ତ ଆଇଡିରେ ଯୁବତୀଙ୍କ ବିଭିନ୍ନ ଫଟୋ ଆଉ ଭିଡିଓ ଅପଲୋଡ୍ କରିବ ବୋଲି କହିଥିଲା। କିନ୍ତୁ ଯୁବତୀଜଣଙ୍କ ତା' କଥାରେ ରାଜି ନ ହେବାରୁ ଉକ୍ତ ଆକାଉଣ୍ଟରେ ଦୁର୍ବୃତ୍ତଜଣଙ୍କ ତାଙ୍କର ଅଶ୍ଳୀଳ ଭିଡିଓ ଆଉ ଫଟୋ ଅପଲୋଡ୍ କରିଥିଲା।

# ଭିଜିଲାନ୍ସ କହି ଡାକ୍ତରଙ୍କ ଘରୁ ଡକାୟତି; ୬ ଗିରଫ

ଡେରାବିଶ, ୨୯।୭ (ସମିସ): ଭିଜିଲାନ୍ସ ଅଧିକାରୀ ପରିଚୟ ଦେଇ ଗତ ୧୦ ତାରିଖ ଦିନ ଜଣେ ଡାକ୍ତରଙ୍କ ଘରୁ ଲୁଟପାଟ୍ ଘଟଣାରେ ଡେରାବିଶ ଥାନା ପୁଲିସକୁ ସଫଳତା ମିଳିଛି। ଏହି ଘଟଣାରେ ପୁଲିସ୍ ୬ ଡକାୟତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ପୋଇଲୋ ଅଞ୍ଚଳର

**୨ ବାଇକ୍, ୫୦ ହଜାର ଟଙ୍କା ଓ ୪ ମୋବାଇଲ ଜବତ**

ଅଭିଳାଷ ନାୟକ (୨୦), ଡେରାବିଶ ଥାନା ଅଧୀନ ଓଲଡ଼ି ଅଞ୍ଚଳର ପ୍ରଫୁଲ୍ଲ ବେହେରା (୪୩), ସେକ୍ ସରାଫୁଲ ଅଲ୍ଲୀ (୩୫), ହଳଦିଆ ଅଞ୍ଚଳର ଜାକିର ଖାନ (୪୧) କେନ୍ଦ୍ରାପଡ଼ା ଟାଉନ ଥାନା ରଣପଡ଼ା ଅଞ୍ଚଳର ସେକ୍ ରାଜୁ (୩୨) ଓ ଗରାପୁର ଅଞ୍ଚଳର ଅବୁଜାଫର ଖାଁ(୩୦)। ଅଭିଯୁକ୍ତମାନଙ୍କୁ ଆଜି ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ଅମ୍ବିକା ପ୍ରସାଦ ଦାସ ପ୍ରକାଶ କରିଛନ୍ତି। ସେମାନଙ୍କଠାରୁ ଦୁଇଟି ବାଇକ୍, ନଗଦ ୫୦ହଜାର ଟଙ୍କା ଓ ୪ଟି ମୋବାଇଲ ଜବତ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଦୁର୍ବୃତ୍ତ ଫେରାର୍ ରହିଥିବା ଜଣାଯାଇଛି।

ସୂଚନାନୁଯାୟୀ, ଗତ ୧୦ ତାରିଖ ଅପରାହ୍ଣ ପ୍ରାୟ ୨ଟା ବେଳେ ୩ଟି ବାଇକ୍‌ରେ ୮ଜଣ ବ୍ୟକ୍ତି ଚାଟରାଚକଡ଼ା ପଞ୍ଚାୟତର ଓଲଡ଼ି ଗ୍ରାମର ଡାକ୍ତର ମହମ୍ମଦ ଜଲିଲ୍ ଖାଁଙ୍କ ଘର ନିକଟରେ ପହଞ୍ଚିଥିଲେ। ଦୁଇଜଣ



ଅଭିଯୁକ୍ତ ଡାକ୍ତରଙ୍କ ଘର ସମ୍ମୁଖରେ ରହିଥିବା ବେଳେ ଅନ୍ୟ ୬ଜଣ ତାଙ୍କ ଘରେ ପଶିଯାଇଥିଲେ। ସେମାନେ ନିଜକୁ ଭିଜିଲାନ୍ସ ଅଧିକାରୀ ବୋଲି ପରିଚୟ ଦେଇ ଚଢ଼ଉର ବାହାନା କରିଥିଲେ। ଘରର ସମସ୍ତ ଆଲମିରା ଓ ଲକର ଖୋଲି ଘରେ ଥିବା ସମସ୍ତ ସୁନା ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ଏଥିସହିତ ଘରର ସମସ୍ତ ସଦସ୍ୟଙ୍କୁ ଗୋଟିଏ ଘରେ ପୂରାଇ ବାହାରୁ ବନ୍ଦକରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ।

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

କେନ୍ଦୁଝର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ନିକଟ ନାକଝରି ଗାଁରେ ଦୁଇଜଣ ନାବାଳିକା ଏକ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ନାବାଳିକାଦ୍ୱୟ ହେଲେ, ସେହି ଗାଁର ଅମ୍ରିତା ବଳ (୭) ଓ ଭୂମି ନାଏକ (୧୦)। ଉଭୟ ସ୍କୁଲରୁ ଫେରି ଅପରାହ୍ଣରେ ଘର ପାଖ ଏକ ପୋଖରୀରେ ଖେଳୁଥିବା ସମୟରେ ଅସାବଧାନତାରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ପଞ୍ଜୀକରଣରୁ ମଣ୍ଡି ଚାରିଆଡେ ଅବ୍ୟବସ୍ଥା**

# ରାଜ୍ୟରେ ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ୧ଲକ୍ଷ ୮୨ ହଜାର ନକଲି ଚାଷୀ ପଞ୍ଜିକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ପରେ ଏଭଳି ଦୁର୍ନୀତି ସାମ୍ନାକୁ ଆସିଛି। ଏହି ଚାଷୀମାନଙ୍କୁ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୭ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। ସମବାୟରେ ଥିବା ଅବ୍ୟବସ୍ଥା ବାବଦରେ ମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। ପଞ୍ଜିକରଣଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମସ୍ୟାରେ ସନ୍ତୁଳି ହେଉଛନ୍ତି ଚାଷୀ। ଗତବର୍ଷ ଏଥିରେ ସଂସ୍କାର ଆଣିବା ନେଇ ରାଜ୍ୟ ସରକାର ଓ ସମବାୟ, ଯୋଗାଣ ଓ କୃଷି ବିଭାଗ ଆଦି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ଷକ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଚାଷୀଙ୍କର ଗୋଟିଏ ବି ସମସ୍ୟା ଏଯାଏଁ ସମାଧାନ ହୋଇପାରିନାହିଁ। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଖୁବ୍‌ଶୀଘ୍ର ସମସ୍ୟା ଉପରେ ଦୃଷ୍ଟିପାତ ନ କଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି।

ଚଳିତ ବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୨୦ ତାରିଖ ଯାଏଁ ଏହି ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ। ହେଲେ ଚଳିତଥର ପଞ୍ଜିକରଣରେ 'ଇ-କେୱାଇସି' ବଡ଼ ବାଧକ ସାଜିଛି। ଇଣ୍ଟରନେଟ୍ ଭିତ୍ତିଭୂମି ଦୁର୍ବଳ, ସମବାୟ ଗୁଡ଼ିକରେ ମାନବ ସମ୍ବଳ ଅଭାବ ଆଦି କାରଣରୁ ଚାଷୀମାନେ ସଠିକ ଭାବେ 'ଇ-କେୱାଇସି' କରିପାରୁନାହାନ୍ତି। ଏହାକୁ ନେଇ ରାଜ୍ୟବ୍ୟାପୀ ବିରୋଧ କରାଯାଉଥିଲେ ହେଁ ସରକାର ଏହା ଉପରେ ଏବେ ସୁଦ୍ଧା କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ସେହିଭଳି ଗତବର୍ଷ କଟ୍‌ନୀଛଟନୀ ବନ୍ଦ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ୱିଣ୍ଟାଲ୍ ପିଛା ୧୨ରୁ ୨୦ କିଲୋ ପର୍ଯ୍ୟନ୍ତ ଧାନ ମିଲର୍‌ମାନେ କାଟି ନେଉଥିଲେ। ଏନେଇ ସମବାୟ ସମିତିଠାରୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରି ବି କିଛି ସୁଫଳ ମିଳିନଥିଲା। ସେହିଭଳି ଚାଷୀକୁ ଟୋକନ୍ ମିଳିବାର ଗୋଟିଏ ଦିନ ଆଗରୁ ମଣ୍ଡିକୁ ଧାନ ଆଣିବାକୁ କୁହାଯାଉଛି; କିନ୍ତୁ ମଣ୍ଡିକୁ ଧାନ ଆଣିବା ପରେ ମିଲର୍ ନିଜ ମନ ମୁତାବକ ଧାନ ଉଠାଉଛି। ମଣ୍ଡିରେ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେଉଛି। ଚାଷୀ ଏନେଇ ଅଭିଯୋଗଠାରୁ ଆରମ୍ଭ କରି ରାସ୍ତାରୋକ୍ କଲେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏମିତିକି ଦିନ ଦିନ ଧରି ଚାଷୀ ମଣ୍ଡିରେ ଧାନ ଜଗି ବସୁଥିଲେ ବି ତାଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ।

ଅନ୍ୟପକ୍ଷରେ ଧାନ ବିକ୍ରିବେଳେ କଟ୍‌ନୀଛଟ୍‌ନୀରେ ଖୋଦ୍ ସମବାୟ ସମିତିର ସଦସ୍ୟମାନେ ସମ୍ପୃକ୍ତି ରହୁଥିବାବେଳେ ମନ୍ତ୍ରୀ ନିଜ ବିଭାଗୀୟ ଲୋକଙ୍କ ପାଇଁ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି। ଚାଷୀ ସଂଗଠନମାନେ ତଥ୍ୟ ପ୍ରମାଣ ସହ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯେଉଁ ଚାଷୀ ଧାନ ପଞ୍ଜିକରଣ ସମୟରେ ନଭେମ୍ବର-ଡିସେମ୍ବର ଭିତରେ ଧାନ ବିକ୍ରି କରିବା ପାଇଁ କଣ୍ଟ ଦେଉଥିଲେ ବି ମିଲର୍‌ଙ୍କ ମନମାନୀ ଯୋଗୁଁ ଜାନୁଆରୀ, ଫେବ୍ରୁଆରୀ ସୁଦ୍ଧା ବି ଧାନ ଉଠିପାରୁନି। ଶେଷରେ ଏକାଧିକ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଉଛି। ଏ ବାବଦରେ ଗତବର୍ଷ ଖରିଫ୍‌ଠାରୁ ଆରମ୍ଭ କରି ରବି ପର୍ଯ୍ୟନ୍ତ ଚାଷୀମାନେ ଅଭିଯୋଗ କରିଥିଲେ ବି ଏନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନି। ଶେଷରେ ଚାଷୀମାନେ ବାଧହୋଇ ଦଲାଲ୍‌ଙ୍କୁ ଶାଗ-ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଚଳିତବର୍ଷ ଏ ବାବଦରେ ସରକାର ସଚେତନ ହେବା ପାଇଁ ଓଡ଼ିଶା କିଷାନ ମୋର୍ଚ୍ଚାର ସମ୍ପାଦକ ଶୁଭେନ୍ଦୁ ବେହେରା ସରକାରଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କଠୋର ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବସୁଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣ ମୃତ, ୨୭ ଆହତ।

# 'ଡନ୍-୩'ରେ ରହିବ 'ଆଜ୍ କି ରାତ୍' ଭଳି ଗୀତ

ଫରହାନ୍ ଅଖତର୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ଡନ୍-୩'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏବେ ଫିଲ୍ମର ସୁଟିଂ ଚାଲିଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ଓ କ୍ରିତି ସାନନ୍ ନଜର ଆସିବେ। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ଫିଲ୍ମରେ ୨୦୦୬ରେ ଆସିଥିବା 'ଡନ୍' ଫିଲ୍ମର 'ଆଜ୍ କି ରାତ୍' ଭଳି ଏକ ଗୀତ ରହିବ। ତେବେ ଏହାର ନୂଆ ଟ୍ରାକ୍ ମୂଳ ଗୀତ ଭଳି ହେବ। ମୂଳ ଗୀତରେ ଶାହାରୁଖ୍ ଖାନ୍, ଈଶା କୋପିକର୍ ଓ ପ୍ରିୟଙ୍କା ଚୋପ୍ରା



ନଜର ଆସିଥିବାବେଳେ ନୂଆ ଟ୍ରାକ୍‌ରେ ରଣବୀର ଓ କ୍ରିତିଙ୍କ ସହ ଅନ୍ୟ ଜଣେ ଅଭିନେତ୍ରୀ ଦେଖାଯିବେ। ତେବେ ଏନେଇ କଥାବାର୍ତ୍ତା ଚାଲିଥିବାବେଳେ ଏଯାଏଁ କୌଣସି ହିରୋଇନ୍‌ଙ୍କୁ ଫାଇନାଲ କରାଯାଇନାହିଁ। ତେବେ 'ଡନ୍-୩'ରେ ପ୍ରିୟଙ୍କା ଓ ଶାହାରୁଖ୍‌ଙ୍କର ସ୍ପେଶାଲ ଏଣ୍ଟ୍ରି ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲେ ସୁଦ୍ଧା ଏଯାଏଁ ଏହାକୁ ନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ସବୁଠୁ ବିରକ୍ତିକର ଗୀତ

ସଙ୍ଗୀତ ବିନା ଜୀବନ ରଙ୍ଗହୀନ ଲାଗେ। ସେହିପରି କିଛି ଗୀତ ଏଭଳି ଅଛି, ଯାହାକି ମନ ଓ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ। କିଛି ଗୀତକୁ ଶୁଣିବା ପରେ ଖୁସିରେ ନାଚି ଉଠିବାକୁ ମନେ ହେଉଥିବାବେଳେ ଆଉ କିଛି ଗୀତ ଶୁଣି ମଣିଷ ଦୁଃଖୀ ହୋଇଯାଏ। ତେବେ ଏମିତି ବି ଏକ ଗୀତ ଅଛି, ଯାହାକୁ ଶୁଣିବା ପରେ ବିରକ୍ତିକର ଲାଗିବା ସହ କାନ୍ଦ ମଧ ଲାଗେ। ୨୮ ବର୍ଷ ତଳେ ଏମିତି ଏକ ଗୀତ ଆସିଥିଲା। ଏହି ଗୀତଟି ହେଉଛି 'କର୍ମା ପୁଲିସ୍।' ଗୀତଟିର ଅବଧି ୪ ମିନିଟ୍ ୨୩ ସେକେଣ୍ଡ। ଯାହାକି ଅତ୍ୟନ୍ତ ଦୁଃଖଦାୟକ। ଏହାକୁ ବ୍ରିଟିଶ ରକ୍ ବ୍ୟାଣ୍ଡ ରେଡିଓହେଡ ପ୍ରସ୍ତୁତ କରିଥିଲା। ଏହି ଗୀତକୁ ବ୍ୟାଣ୍ଡର ୫ ଜଣ ସଦସ୍ୟ ମିଶି ଲେଖିଥିଲେ ଏବଂ ସଙ୍ଗୀତ ମଧ ସେମାନେ ନିଜେ ପ୍ରସ୍ତୁତ କରିଥିଲେ। ତେବେ ଗୀତର ସ୍ୱରରେ ଥକ୍କାପଣ ଓ ଅସ୍ଥିରତା ଅନୁଭବ ହୁଏ। ଫଳରେ ଶୁଣୁଥିବା ଲୋକଙ୍କ ମନ ଉଦାସ ହୋଇଯାଏ। କେବଳ ଗୀତ ନୁହେଁ, ଏହାର ଭିଡିଓ ବି ଦେଖିଲେ ବିରକ୍ତିକର ଲାଗିବା ବି ଥୟ। ତେବେ ଗୀତଟିର ମ୍ୟୁଜିକ ଭିଡିଓରେ ଜଣେ ଯୁବକ ନଜର ଆସିଛନ୍ତି। ତାଙ୍କୁ ଗୋଟିଏ କାର୍ ଲଗାତାର ପିଛା କରୁଛି। ଅବଶ୍ୟ ପୂରା ଭିଡିଓ ଧୀମା ଗତି, ଅନ୍ଧାରୁଆ ରାସ୍ତା ଓ ରହସ୍ୟମୟ ପରିବେଶରେ ପରିପୂର୍ଣ୍ଣ। ସେହିପରି ଭିଡିଓ ଶେଷରେ କାର୍‌ରେ ନିଆଁ ଲାଗିଯାଉଛି ଏବଂ ସବୁକିଛି ଧୂଆଁ ଭିତରେ ହଜିଯାଉଛି। ଏହି ଦୃଶ୍ୟ ଦର୍ଶକଙ୍କୁ ଅବସାଦର ଅନୁଭବ ପ୍ରଦାନ କରିଥାଏ। ଅବଶ୍ୟ ଏହି ଗୀତ ଓ ଭିଡିଓର ପ୍ରକୃତ ଉଦ୍ଦେଶ୍ୟ ବୁଝାପଡ଼ି ନାହିଁ। ଧୀମା ଗତି ଯୋଗୁଁ ଏହା ବହୁତ ବଡ଼ ଲାଗେ। ଅନେକ ଲୋକଙ୍କୁ ଏହା ବିରକ୍ତିକର ଲାଗିଲେ ବି ଗୀତଟି ଲକ୍ଷାଧିକ ଶ୍ରୋତାଙ୍କ ମନରେ ଅଛି। ଏହାବାଦ୍ ଉକ୍ତ ଗୀତଟି ଶୁଣିବା ଓ ଦେଖିବାକୁ ବିରକ୍ତିକର ଲାଗିଲେ ବି ଏହାକୁ ୟୁଟ୍ୟୁବ୍‌ରେ ୧୨ କୋଟିରୁ ଅଧିକ ଥର ଦେଖାଯାଇଛି ଓ ଶୁଣାଯାଇଛି। ସେହିପରି କିଛି ଲୋକ ଏହାକୁ ଏକାକୀତ୍ୱରେ ଶୁଣୁଥିବାବେଳେ ଆଉ କେହି କେହି ରାତିରେ ଶୋଇବା ପୂର୍ବରୁ ଶୁଣିଥାନ୍ତି। ଅନ୍ୟପଟେ ଏହା ହେଉଛି ଏମିତି ଏକ ଗୀତ, ଯାହାକୁ ପ୍ରତି ଥର ଶୁଣିବା ପରେ କିଛି ଅଲଗା ଅନୁଭବ ପ୍ରଦାନ କରିଥାଏ।



## ବଢ଼ି ପାଣିରେ ବାହାଘର

ଫିଲିପାଇନ୍ସର ଏକ ନିଆରା ବାହାଘର ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ବାହାଘରର କିଛି ଫଟୋ ସେୟାର୍ ହେବା ପରେ ତାହା ଚର୍ଚ୍ଚା ସାଉଁଟୁଛି। ଏଠାରେ ଭୟଙ୍କର ଝଡ଼ ତୋଫାନ ଯୋଗୁଁ ଏବେ ଅନେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାସହ ଏଠାକାର ମାଲୋଲୋସରେ ଥିବା ଐତିହାସିକ ବାରସୋଲାଇନ ଚର୍ଚ୍ଚ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଏଭଳି ପରିସ୍ଥିତିରେ ବି ଏହି ଚର୍ଚ୍ଚରେ ଏକ ବିବାହ ବେଶ୍ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି। ଜେଡ୍ ରିକ୍ ବର୍ଦିଲୋ(ବର) ଏବଂ ଜମୈକା ଏଗୁଇଲର(କନିଆ) ଏଭଳି ସ୍ଥିତିରେ ବି ନିଜ ବିବାହ ତାରିଖକୁ ନ ଘୁଞ୍ଚାଇ, ବନ୍ୟାପାଣି ଭିତରେ ବିବାହ କରିଛନ୍ତି। ବଢ଼ିପାଣି ଭିତରେ ଦୁହେଁ ବିବାହର ସମସ୍ତ ରୀତିନୀତିକୁ ପାଳନ କରିଛନ୍ତି। ତା'ସହ ବର-କନିଆ ଘର ପକ୍ଷରୁ ଅତିଥି ବି ଏଥିରେ ସାମିଲ ହୋଇଛନ୍ତି। ତେବେ ସେମାନେ ୧୦ ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ଶେଷରେ ସେମାନଙ୍କ ସମ୍ପର୍କ ବିବାହର ରୂପ ନେଇଛି। ଅବଶ୍ୟ ଏହି ସ୍ଥିତିକୁ ଦେଖି ବର ଜଣକ ସେମାନଙ୍କ ଜୀବନରେ ଆସିଥିବା ଚ୍ୟାଲେଞ୍ଜ କଦାପି ଶେଷ ହେବ ନାହିଁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ଏଥିରେ ସାମିଲ ଅତିଥିମାନେ ବିବାହକୁ ଖୁବ୍ ଉପଭୋଗ କରିଥିବା ଜଣାପଡ଼ିଛି। ଏପରିକି ବାହାଘରକୁ ଆସଥିବା ପିଲାମାନେ ବି ବନ୍ୟାପାଣିରେ ଖୁବ୍ ମଜାମସ୍ତି କରିଛନ୍ତି। ସେହିପରି ଚର୍ଚ୍ଚରେ ବର-କନିଆ ଓ ଅତିଥି ପାରମ୍ପରିକ ପୋଷାକ ପିନ୍ଧିଥିଲେ। ଏହାବାଦ୍ ଜୋତାକୁ ଶୁଖିଲା ସ୍ଥାନରେ ରଖି ଅତିଥିମାନେ ଆଣ୍ଠୁଏ ପାଣି ଭିତରେ ପ୍ୟାଣ୍ଟକୁ ଟେକି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ତେବେ କଠିନ ପରିସ୍ଥିତିରେ କିଭଳି ଖୁସି ମିଳିପାରେ, ତାହା ଏହି ଘଟଣା ପ୍ରମାଣିତ କରିଛି।



# ସମ୍ଭାବନା



## ଅଫିସ୍ ବୈଠକର ପ୍ରସ୍ତୁତି

ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ। ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ନିହାତି ଜରୁରି। ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପକ୍ଷେ ଖୁବ୍ ଗୁରୁତ୍ୱ ବହନ କରେ।



- ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ। କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ'ଣ ରହିବ, ସେକଥା ଜାଣନ୍ତୁ।
- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ। ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ। ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଅନ୍ୟଜଣକ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ।
- ମିଟିଂରେ ନିଜ ପକ୍ଷ ରଖିବା କୁହାଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ। ନତ ମସ୍ତକ ହୋଇ ବସନ୍ତୁ ନାହିଁ।

## ଚାକିରି ପାଇଁ 'ଆଗ୍ରହ ପତ୍ର'



ସାଧାରଣ କର୍ମଚାରୀ ନିଯୁକ୍ତି ସୂଚନା ବାହାରିବା ଦେଖି ଚାକିରି ପାଇଁ ଆବେଦନ କରିଥାନ୍ତି। ଅନେକ ସମୟରେ ଗୋଟିଏ କମ୍ପାନିରେ କାମ କରିବାକୁ ଇଚ୍ଛା ଥିଲେ ମଧ୍ୟ ନିଯୁକ୍ତି ବିଜ୍ଞାପନ ନ ଥିବାରୁ ଆବେଦନ କରି ହୁଏ ନାହିଁ। ତେବେ ନିଯୁକ୍ତି ମିଳି ନ ଥିଲେ ମଧ୍ୟ 'ଲେଟର୍ ଅଫ୍ ଇଣ୍ଟରେଷ୍ଟ' (ଆଗ୍ରହ ପତ୍ର) ମାଧ୍ୟମରେ ଚାକିରି ପାଇଁ ଆବେଦନ କରିପାରିବେ। ଏହାକୁ 'ଲେଟର୍ ଅଫ୍ ଇଣ୍ଟେଣ୍ଟ' ବା 'ଲେଟର୍ ଅଫ୍ ଇନକ୍ୱାୟାରି' ମଧ୍ୟ କୁହାଯାଏ। ଅନେକ ଲୋକ ଏହାକୁ ବାୟୋଡାଟା ସହ ପଠାଯାଉଥିବା କଭର୍ ଲେଟର ଭାବେ ମଧ୍ୟ ବିଚାର କରନ୍ତି।

**କେମିତି ଲେଖିବେ**

- ଯେଉଁ ବିଭାଗରେ ନିଯୁକ୍ତି ଚାହୁଁଛନ୍ତି, ସେହି ବିଭାଗର ପ୍ରବନ୍ଧକଙ୍କୁ ପତ୍ର ଲେଖନ୍ତୁ।
- କମ୍ପାନିର କେଉଁ କଥା ଅଧିକ ପ୍ରେରିତ କରେ, ତାହା ଉଲ୍ଲେଖ କରନ୍ତୁ। କମ୍ପାନିର ଉତ୍ପାଦ, ସେବା ଆଦି ବାବଦରେ ନିଜସ୍ୱ ମତାମତ ଜଣାନ୍ତୁ।
- ନିଜର ସଂକ୍ଷିପ୍ତ ପେଶାଗତ ପରିଚୟ ସମ୍ବନ୍ଧରେ ଉଲ୍ଲେଖ କରନ୍ତୁ।
- କମ୍ପାନି ପାଇଁ କେଉଁ କୌଶଳ ଉପଯୋଗୀ ସାବ୍ୟସ୍ତ ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ।
- କିଛି ପ୍ରୋଜେକ୍ଟ ବାବଦରେ ଲେଖନ୍ତୁ, ଯେଉଁଥିରେ ଯୋଗଦାନ ଦେବାକୁ ଚାହାନ୍ତି।

## ଫଟୋ ପାଇଁ 'ଇମାଜିନ୍ ମି' ଟୁଲ୍


ମେଟା ଏଆଇ ଯୁକ୍ତ ଟୁଲ୍ 'ଇମାଜିନ୍ ମି'କୁ ଭାରତରେ ଲଞ୍ଚ୍ କରିଛି। ଏହି ଟୁଲ୍‌କୁ ଆମେରିକାରେ ପ୍ରଥମରେ ଲଞ୍ଚ କରାଯାଇଥିଲା। ଏହାକୁ ଆମେରିକା ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍ ମେସେଞ୍ଜର ଏବଂ ମେଟା ଏଆଇ ଆପ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିଥିଲା। ହେଲେ ଏବେ ଭାରତୀୟମାନେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍ ମେସେଞ୍ଜର ପାଇଁ ଏହାକୁ ବ୍ୟବହାର କରିପାରିବେ। ଏହି ଟୁଲ୍ ଫଟୋକୁ ଅଲଗା ଅଲଗା ଷ୍ଟାଇଲ୍ ଓ ରୂପ ପ୍ରଦାନ କରିବ। ତେବେ ବ୍ୟବହାରକାରୀଙ୍କୁ ଯେଉଁଭଳି ଭାବେ ଫଟୋ ତିଆରି କରିବାକୁ ହୋଇଥାଏ, ସେଥିଲାଗି କେବଳ ପ୍ରମ୍ପ୍ଟରେ ଇମାଜିନ୍ ମି ଆଜ୍ ଲେଖିବାକୁ ହେବ। ଏହା ସହ ଫଟୋ ଲାଗି ଏହି ଟୁଲ୍‌ରେ କେବଳ ନିଜର ସମ୍ମୁଖ, ବାମ, ଡାହାଣ ପାର୍ଶ୍ୱର ସେଲ୍‌ଫି ଦେବାକୁ ହେବ। ଅନ୍ୟପଟେ ଇମାଜିନ୍ ମି' ଟୁଲ୍‌ରେ ଯେକୌଣସି ଫଟୋ ତିଆରି କଲେ, ଏଆଇ ୱାଟର୍‌ମାର୍କ ଟୁଲ୍ ମିଳିବ।



## କାମ ମଝିରେ ବ୍ରେକ୍ ନେବା ଭଲ ଅଭ୍ୟାସ

ଏବର ବ୍ୟସ୍ତତା ପୂର୍ଣ୍ଣ ଜୀବନ ମଧ୍ୟରେ ସମସ୍ତେ ନିଜ କାମ ଏବଂ ଦାୟିତ୍ୱରେ ବ୍ୟସ୍ତ। ତେଣୁ କର୍ମଚାରୀଙ୍କୁ ନିଜ ପାଇଁ ସମୟ ବାହାର କରିବାରେ ଅସୁବିଧା ହୋଇଥାଏ। ସେହିପରି ଦିନ ତମାମ ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଶରୀର ଓ ମସ୍ତିଷ୍କ ଚାପଗ୍ରସ୍ତ ହୋଇଥାଏ। ତେଣୁ କାମରେ ବ୍ରେକ୍ ନେବାକୁ ସମୟ ମିଳେ ନାହିଁ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବାର ଅଭ୍ୟାସ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। ଏହା ସହ ଏହା ପ୍ରଡକଟିଭିଟି ଏବଂ କ୍ରିଏଟିଭିଟିକୁ ବଢ଼ାଇଥାଏ।

**କାହିଁକି ଜରୁରି ବ୍ରେକ୍:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ଦ୍ୱାରା ମସ୍ତିଷ୍କ ଓ ଶରୀର ଥକ୍କିଯାଏ। ଗୋଟିଏ ସ୍ଥାନରେ ବସି ରହିବା ଏବଂ ଗୋଟିଏ କାମ ଉପରେ ଧ୍ୟାନ ଦେବା ଦ୍ୱାରା ଚାପ ବଢ଼େ ଏବଂ ଏକାଗ୍ରତା କମେ। ଏକ ଗବେଷଣାନୁସାରେ, ମସ୍ତିଷ୍କ ୯୦-୧୨୦ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥାଏ। ଏଭଳି ସ୍ଥିତିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ମସ୍ତିଷ୍କକୁ ଆରାମ ମିଳେ ଏବଂ ପୁଣି ଥରେ କାମ କରିବା ପାଇଁ ସକ୍ରିୟ ହୁଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିବା ଦ୍ୱାରା ଶରୀରରେ ଥକ୍କାପଣ, ଅଣ୍ଟା ଯନ୍ତ୍ରଣା ସମସ୍ୟା ସୃଷ୍ଟି ହୁଏ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ଉତ୍ପାଦନକ୍ଷମତା ବୃଦ୍ଧିପାଏ। ବ୍ରେକ ନେବା ପରେ ଫୂର୍ତ୍ତି ଲାଗେ ଓ କାମ କରିବାରେ ଆଗ୍ରହ ଆସେ। ଏହା ସୃଜନାତ୍ମକ ଜ୍ଞାନ କୌଶଳରେ ସୁଧାର ଆଣେ। ଲଗାତାର କାମ କଲେ ମନକୁ କିଛି ନୂତନ ଚିନ୍ତାଧାରା ଆସେ ନାହିଁ। ସେହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଦ୍ୱାରା ବେକ, ଅଣ୍ଟା ସହ ଆଖିରେ ସମସ୍ୟା ସୃଷ୍ଟି ହୁଏ। ଏହା ହାର୍ଟ, ମେଦବହୁଳତା ଓ ମଧୁମେହର କାରଣ ହୁଏ। ତେଣୁ କାମ ମଝିରେ ନିଜ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିବା କିମ୍ବା ଶିଡ଼ି ଚଢ଼ିବା ଦରକାର।



ଗୋଟିଏ ଦିନ ପରେ ପଞ୍ଚମ ଟେଷ୍ଟ

# ଅର୍ଶଦୀପ ଓ ଆକାଶଦୀପ୍ ଖେଳିବା ସମ୍ଭାବନା

କେନିଂଟନ ଓଭାଲ,୨୯।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଜୁଲାଇ ୩୧ ତାରିଖ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଲଣ୍ଡନ ସହରରେ ଅବସ୍ଥିତ କେନିଂଟନ ଓଭାଲ ଅନ୍ୟ ଭେନ୍ୟୁ ପରି ପେସ୍ ବୋଲରଙ୍କୁ ସୁହାଇଥାଏ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଦୁଇ ଜଣ ପେସ୍ ବୋଲର ବାମହାତୀ ଅର୍ଶଦୀପ ସିଂହ ଓ ଡାହାଣହାତୀ ଆକାଶଦୀପଙ୍କ ଖେଳିବା ପ୍ରାୟ ନିଶ୍ଚିତ। ଉଭୟ ଖେଳାଳି ଆହତ ହୋଇ ନ ଥିଲେ ଚତୁର୍ଥ ଟେଷ୍ଟ ଖେଳିଥାନ୍ତେ। ଏବେ ଉଭୟ ଫିଟ୍ ହୋଇଯାଇଛନ୍ତି ଓ ଏଠାରେ ଜୋରଦାର ଅଭ୍ୟାସ ମଧ୍ୟ କରିଛନ୍ତି। ଯାହା ଫଳରେ ଏମାନଙ୍କର ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ। ଦଳର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳିବେ କି ନାହିଁ କେବଳ ତାହା ଟିମ୍ ଡାକ୍ତର କିମ୍ବା ଟିମ୍ ମ୍ୟାନେଜମେଣ୍ଟ କହିପାରିବେ। ଅବଶ୍ୟ ବୁମରା ଖେଳନ୍ତୁ କି ନାହିଁ ଅର୍ଶଦୀପ ଓ ଆକାଶଦୀପଙ୍କ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ। ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିଥିବା ଅଂଶୁଲ କାମ୍ବୋଜ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ଶେଷ ଟେଷ୍ଟରେ ଅବ୍ୟାହତି ଦିଆଯାଇପାରେ। ମହମ୍ମଦ୍ ସିରାଜ, ଆକାଶ ଦୀପ ଓ ଅର୍ଶଦୀପ ଭାରତୀୟ ପେସ ମଙ୍ଗ ସମ୍ଭାଳିବେ। ବୁମ୍‌ରାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ଯାହା କିଛି ନିଷ୍ପତ୍ତି ନିଆଯିବ।

ଦେଶ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳିବା ଯେ କୌଣସି ଖେଳାଳିଙ୍କ ଲାଗି ସ୍ୱପ୍ନ ରହିଥାଏ। ଅର୍ଶଦୀପଙ୍କର ମଧ୍ୟ ସେହି ଏକା ଇଛା ବୋଲି କହନ୍ତି ତାଙ୍କ ପ୍ରଥମ କୋଚ୍ ଯଶଓ୍ୱନ୍ତ ରାଏ। ଏବେ ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ଢ଼େର ଅଭିଜ୍ଞତା ହାସଲ କରିସାରିଲେଣି। ଏଣୁ ସେ ନର୍ଭସ ହେବାର କୌଣସି କାରଣ ନାହିଁ କିମ୍ବା ବିଫଳ ହେବାର ସମ୍ଭାବନା ନାହିଁ। ଜାହିର ଖାନ୍‌ଙ୍କ ପରେ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ୍‌ଙ୍କ ଉଭୟପଟୁ ସୁଇଙ୍ଗ କରିବାର ଦକ୍ଷତା ରହିଛି। ସେ ବ୍ୟାଟରଙ୍କୁ ଅସବିଧାରେ ପକାଇବାରେ ସିଦ୍ଧହସ୍ତ। ଏତେ ଦକ୍ଷତା ଥାଇ ସେ ଏଯାଏ ସୁଯୋଗ ପାଇ ନାହାନ୍ତି। ଟେଷ୍ଟ ଖେଳିବାକୁ ହେଲେ ଇଂଲଣ୍ଡ ସର୍ବୋତ୍କୃଷ୍ଟ ସ୍ଥାନ। ଭାରତୀୟ ଦଳ ଏଥିରୁ ଫାଇଦା ଉଠାଇବାକୁ ଯଶଓ୍ୱନ୍ତ ପରାମର୍ଶ ଦେଇଛନ୍ତି। ସୂଚନା ଯୋଗ୍ୟ ଅର୍ଶଦୀପ ସିଂ ଟେଷ୍ଟ ଦଳରେ ସ୍ଥାନ ପାଇବା ପୂର୍ବରୁ ୬୩ଟି ଟି-୨୦ ଓ ୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାରେ ଅର୍ଶଦୀପଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଏହି ଟୁର୍ଣ୍ଣାମେଣ୍ଟରେ ୧୭ଟି ୱିକେଟ ନେବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲର ୧୯ତମ ଓଭର ବୋଲିଂ କରି ୪ ରନ୍ ଦେଇଥିଲେ। ଏହା ସତ୍ତ୍ୱେ ପ୍ରକୃତ କ୍ରିକେଟ ହେଉଛି ଟେଷ୍ଟ ମ୍ୟାଚ୍। ଏଥିରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିବାର ଯେତିକି ସୁଯୋଗ ରହିଥାଏ, ଠିକ୍ ସେହିପରିମାଣରେ ଚାପକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ଶିକ୍ଷା ମିଳିଥାଏ। ଏଭଳିସ୍ଥଳେ ଇଂଲଣ୍ଡ ଟୁର୍‌ରେ ଡେବ୍ୟୁ କରି ସେ ଟେଷ୍ଟ କ୍ରିକେଟରେ ନିଜର ସ୍ଥାନ ସୁରକ୍ଷିତ ରଖନ୍ତୁ ବୋଲି ଯଶଓ୍ୱନ୍ତ କହିଛନ୍ତି।

### କୁଳଦୀପଙ୍କୁ ନେଇ ଦ୍ୱନ୍ଦ୍ୱ

ପଞ୍ଚମ ଟେଷ୍ଟରେ ଭାରତ ୩ଜଣ ଫାଷ୍ଟ ବୋଲରଙ୍କୁ ଖେଳାଇବା ଏକପ୍ରକାର ସ୍ଥିର ହୋଇଛି। ଏଭଳି ସ୍ଥିତିରେ ଦଳରେ ଖେଳୁଥିବା ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯେପରି ବ୍ୟାଟିଂ କରୁଛନ୍ତି, ସେଥିରେ ସେମାନଙ୍କୁ ବିଶ୍ରାମ ଦେବା କିମ୍ବା ଡ୍ରପ୍ କରିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଲାଗି କଷ୍ଟକର ବ୍ୟାପାର। ଏଣୁ ଦଳରେ ତୃତୀୟ ସ୍ପିନର ଭାବେ କୁଳଦୀପ ଯାଦବଙ୍କୁ ଖେଳାଇବା କେତେଦୂର ସମ୍ଭବ ତାହା ଏବେଠାରୁ କହିବା କଷ୍ଟକର। ଯଦି କୁଳଦୀପ ଖେଳନ୍ତି ତେବେ ଜଣେ ପେସ୍ ବୋଲରଙ୍କୁ ବାଦ୍ ଦିଆଯିବ। ଏଭଳି ସ୍ଥିତିରେ ଭାରତ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ଏଠାରେ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ଇଂଲଣ୍ଡର ପିଚ୍ ଗୁଡିକ ଶୁଖିଲା ହୋଇଯାଇଥିବାରୁ ତାହା ବୋଲରଙ୍କୁ ସୁହାଉନାହିଁ। ଏଣୁ କୁଳଦୀପଙ୍କ ଖେଳିବାକୁ ନେଇ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ୍। ଟିମ୍‌ର ଗୋଟିଏ ରଣନୀତି ସ୍ପଷ୍ଟ ଯେ, ୨୦ଟି ୱିକେଟ ନେଇପାରୁଥିବା ଦକ୍ଷ ବୋଲରଙ୍କୁ ଭାରତ ଏଠାରେ ଖେଳିବାକୁ ସୁଯୋଗ ଦେବ।

## ଗ୍ରାଉଣ୍ଡସମ୍ୟାନ୍‌ଙ୍କ ସହ ଗମ୍ଭୀରଙ୍କ ଯୁକ୍ତିତର୍କ



ଉତ୍ତେଜନାମୂଳକ ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବା ପରେ ଗତକାଲି ସୋମବାର ଭାରତୀୟ ଦଳ କେନିଂଟନ ଓଭାଲରେ ପ୍ରଥମଥର ଅଭ୍ୟାସ କରିବାକୁ ଆସିଥିଲେ। କିନ୍ତୁ ପଡ଼ିଆରେ ଅଭ୍ୟାସ ଲାଗି ଥିବା ସୁବିଧା ସୁଯୋଗରେ ସନ୍ତୁଷ୍ଟ ହୋଇ ନ ଥିଲେ ଗମ୍ଭୀର। ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ପିଚ୍ ନିକଟକୁ ଯାଇଥିଲେ ଗମ୍ଭୀର ଓ ଅନ୍ୟମାନେ। ଦାୟିତ୍ୱରେ ଥିବା ଗ୍ରାଉଣ୍ଡସମ୍ୟାନ୍ ୨.୫ ମିଟର ଦୂରରୁ ପିଚ୍ ଦେଖିବାକୁ କହିବା ପରେ ଭାରତୀୟ ସପୋର୍ଟ ଷ୍ଟାଫ୍ ଉତ୍ତେଜିତ ହୋଇଥିଲେ। ଅଭ୍ୟାସ କରିବା ଲାଗି ଯେଉଁ ପିଚ୍ ଦିଆଯାଇଥିଲା ତାହାରି ଭିତରେ ରହିବାକୁ ଗ୍ରାଉଣ୍ଡସମ୍ୟାନ୍ ଫୋର୍ଟିସ କହିଥିଲେ। ସ୍ପାଇକ୍ ପିନ୍ଧି ନ ଥିଲେ ମଧ୍ୟ ଏତେ ଦୂରରୁ ପିଚ୍ ଦେଖିବା କିମ୍ବା ଅଭ୍ୟାସ କରିବା ସମ୍ଭବ ନୁହେଁ ବୋଲି ଫୋର୍ଟିସଙ୍କୁ କହିବା ପରେ ସେ ଏହାକୁ ହଜମ କରି ପାରି ନ ଥିଲେ। ସେ ଜୋରରେ ବାହାରିଯିବାକୁ କହିଥିଲେ। ଯାହା ଫଳରେ ଗମ୍ଭୀର ଓ ଗ୍ରାଉଣ୍ଡସମ୍ୟାନ୍ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଥିଲେ। ବ୍ୟାଟିଂ କୋଚ୍ ସିତାଂଶୁ କୋଟଙ୍କ ହସ୍ତକ୍ଷେପ ଫଳରେ ଏହି ବିବାଦଟି ତୁଟିଥିଲା। କିନ୍ତୁ ଗ୍ରାଉଣ୍ଡସମ୍ୟାନ୍ ତାଙ୍କ ନାମରେ ଅଭିଯୋଗ କରିବେ ବୋଲି ଜୋରରେ କହିଥିଲେ। ଏହା ଗମ୍ଭୀରଙ୍କ ଅଧିକ ଉତ୍ତେଜିତ କରିଥିଲା। ତୁମେ ଯାହା ନିକଟରେ ଅଭିଯୋଗ କରିବା କଥା କର, ଯାହା ପାଖରେ ରିପାର୍ଟ କରିବା କଥା କର, କିନ୍ତୁ ଆମେ କ’ଣ କରିବୁ ନ କରିବୁ ତାହା ତୁମେ ନିର୍ଦ୍ଦେଶ ଦେଇପାରିବ ନାହିଁ।

## ବିସିସିଆଇ କାର୍ଯ୍ୟାଳୟରୁ ୬.୫ ଲକ୍ଷ ଟଙ୍କାର ଜର୍ସି ଚୋରି

ମୁମ୍ବଇ, ୨୯।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ଖବର ପ୍ରକାଶ ପାଇଛି। ମୁମ୍ବଇ ୱାଙ୍ଖେଡେ ଷ୍ଟାଡିୟମ ପରିସରରେ ଥିବା ବିସିସିଆଇ କାର୍ଯ୍ୟାୟଳରୁ ପାଖାପାଖି ୨୬୧ ଖଣ୍ଡ ଆଇପିଏଲ୍ ଜର୍ସି ଚୋରି ହୋଇଯାଇଛି। ଗୋଟିଏ ଜର୍ସିର ମୂଲ୍ୟ ୨୫୦୦ ଟଙ୍କା ହେବ। ଏହି ହିସାବରେ ମୋଟ୍ ୬.୫୨ ଲକ୍ଷ ଟଙ୍କାର ଜର୍ସି ଚୋରି ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ କାର୍ଯ୍ୟାଳୟର ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି। ତାଙ୍କ ନାମ ଫାରୁକ ଅସଲାମ ଖାନ। ଫାରୁକ ସୁରକ୍ଷାକର୍ମୀ ମ୍ୟାନେଜର ଥିବାବେଳେ ବିସିସିଆଇ ଷ୍ଟୋର୍ ରୁମ୍‌ରୁ ଏହି ଜର୍ସି ଚୋରି କରିଥିଲେ। ଏହାକୁ ସେ ଅନ୍‌ଲାଇନ ମାଧ୍ୟମରେ ହରିୟାଣାର ଜଣେ ଜର୍ସି ଡିଲର୍‌ଙ୍କୁ ବିକ୍ରି କରିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ଫାରୁକ୍ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ଏହି ଅନ୍‌ଲାଇନ ଗେମ୍ ନିଶାରେ ସେ ଏତେମାତ୍ରରେ ବୁଡ଼ି ଯାଇଥିଲେ ଯେ ଶେଷରେ ଜର୍ସି ଚୋରି କରିବାକୁ ପଛାଇ ନ ଥିଲେ। ଏହି ଚୋରି ଜର୍ସିକୁ ବିକ୍ରି କରି ସେ ଅନ୍‌ଲାଇନ ଗେମ୍ ଖେଳ ଜାରି ରଖିଥିଲେ। ପୁଲିସ ତାଙ୍କ ନିକଟରୁ ୧.୨୫ ଲକ୍ଷ ଟଙ୍କା ଓ ୫୦ଟି ଜର୍ସି ଜବତ କରିଛି। ବିସିସିଆଇର ଅଡିଟ୍ ସମୟରେ ଜର୍ସି ଚୋରି ହୋଇଥିବା ଜଣାପଡ଼ିଥିଲା।

## କେକେଆର୍ ପ୍ରଶିକ୍ଷକ ପଦ ଛାଡ଼ିଲେ ପଣ୍ଡିତ

କୋଲକାତା, ୨୯।୭ (ଏଜେନ୍ସି): ଦୁଇଥରର ଆଇପିଏଲ୍ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ଶକ୍ତ ଧକ୍କା ଲାଗିଛି। କେକେଆର୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଚନ୍ଦ୍ରକାନ୍ତ ପଣ୍ଡିତ ମଙ୍ଗଳବାର ଇସ୍ତଫା



ଦେଇଛନ୍ତି। ପଣ୍ଡିତ ଦଳରୁ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯାଇଛି। ‘ନୂଆ ସୁଯୋଗ ଅନୁସନ୍ଧାନ ଲାଗି ଚନ୍ଦ୍ରକାନ୍ତ ପଣ୍ଡିତ ଆଉ କୋଲକାତାର ମୁଖ୍ୟ ପ୍ରଶିକ୍ଷକ ପଦ ଜାରି ରଖିବେ ନାହିଁ’ ବୋଲି କେକେଆର୍ ପକ୍ଷରୁ ଉଲ୍ଲେଖ କରାଯାଇଛି। ୬୩ ବର୍ଷୀୟ ଚନ୍ଦ୍ରକାନ୍ତ ୨୦୨୨ରେ ମଧ୍ୟପ୍ରଦେଶ ଦଳକୁ ରଣଜୀ ଟ୍ରଫି ଚାମ୍ପିଅନ କରାଇବା ପରେ କେକେଆର୍‌ର ପ୍ରଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ସେ ଗତ ୩ ସିଜନ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ତାଙ୍କ ପ୍ରଶିକ୍ଷଣରେ କୋଲକାତା ୨୦୨୪ ଆଇପିଏଲ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ କୋଲକାତା ୧୪ ମ୍ୟାଚ୍ ଖେଳି ମାତ୍ର ୫ ବିଜୟ ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ୱେଷ୍ଟଇଣ୍ଡିଜର କ୍ରମାଗତ ୫ମ ଟି-୨୦ ପରାଜୟ

## ଅଷ୍ଟ୍ରେଲିଆ ୫-୦ରେ ସିରିଜ୍ ପୋଛିଲା



ସେଣ୍ଟ କିଟ୍ସ, ୨୯।୭ (ଏଜେନ୍ସି): କ୍ରମାଗତ ପଞ୍ଚମ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ୱାର୍ନର ପାର୍କରେ ଅନୁଷ୍ଠିତ ୫ମ ଟି-୨୦ରେ ମ୍ୟାଚରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିସହ ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୫-୦ରେ କ୍ଲିନସୁଇପ୍ କରିଛି। ପୂର୍ବରୁ ପ୍ରଥମ ଚାରୋଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୩ ୱିକେଟ୍, ୮ ୱିକେଟ୍, ୬ ୱିକେଟ୍ ଓ ୩ ୱିକେଟ୍‌ରେ ବିଜୟୀ ହୋଇଥିଲା। ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୩୨ ରନରେ ବ୍ରାଣ୍ଡନ୍ କିଙ୍ଗ୍ (୧୧ ରନ), ଅଧିନାୟକ ସାଇ ହୋପ୍ (୯) ଓ କେସି କାର୍ଟି (୧)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ସିମରନ ହେଟ୍‌ମାୟର ୫୨ ଓ ସିଫାର୍ନ ରଦରଫୋର୍ଡ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଫଳରେ ଦଳ ୧୯.୪ ଓଭରରେ ୧୭୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡାରୱିସ ୩ ଓ ନାଥନ ଏଲିସ୍ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩ ଓଭର ଓ ୩ ୱିକେଟ୍ ବଳକା ଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ଓ୍ୱିନ ୩୭, ଟିମ୍ ଡେଭିଡ୍ ୩୦ ଓ କାମେରନ ଗ୍ରୀନ ୩୨ ରନ କରିଥିଲେ। ଡାରୱିସ ମ୍ୟାଚ୍‌ର ଓ ଗ୍ରୀନ୍ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନାଙ୍କୁ ହଟାଇ ଶୀର୍ଷକୁ ଉଠିଲେ ନାଟାଲୀ

ଦୁବାଇ, ୨୯।୭ (ଏଜେନ୍ସି): ଭାରତର ସ୍ମୃତି ମନ୍ଧାନାଙ୍କୁ ହଟାଇ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଆଇସିସି ମହିଳା ଦିନିକିଆ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ନାଟାଲୀ ୭୩୧ ରେଟିଂ ପଏଣ୍ଟ ସହ ଶୀର୍ଷକୁ ଉଠିଛନ୍ତି। ସେହିଭଳି ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ୨ୟ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ୩ୟ ଦିନିକିଆ ମ୍ୟାଚରେ



ସ୍କିଭର ୯୮ ରନର ପାଳି ସହ ସିରିଜରେ ମୋଟ୍ ୧୬୦ ରନ ସଂଗ୍ରହ କରିଥିଲେ। ଯେଉଁଥିପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସ୍କିଭର ୩ୟଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୩ ଓ ୨୦୨୪ରେ ଏକ ନମ୍ବର ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ୍ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛନ୍ତି। ତେବେ ଭାରତୀୟ ଦଳର ଅଧିନାୟିକା ହର୍‌ମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗ୍ସେଜ ମଧ୍ୟ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୧୩ତମ ସ୍ଥାନରେ ରହିଛନ୍ତି।

## ରୋମାନିଆ କ୍ଲବ୍ ପକ୍ଷରୁ ଫୁଟବଲ ଖେଳିବାରେ ହର୍ଷିକା ପ୍ରଥମ ଭାରତୀୟ



ନୂଆଦିଲ୍ଲୀ,୨୯।୭ (ଏଜେନ୍ସି): ମୁମ୍ବାଇର ୨୨ ବର୍ଷିୟା ହର୍ଷିକା ଜୈନ ଭାରତର ପ୍ରଥମ ମହିଳା ଫୁଟବଲ ଖେଳାଳି ଭାବେ ରୋମାନିଆର ଫୁଟବଲ ଲିଗ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏଯାଏ ଦେଶ ପକ୍ଷରୁ ଖେଳିବାକୁ ସୁଯୋଗ ପାଇ ନ ଥିବା ହର୍ଷିକା କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଛନ୍ତି। ଶେଷରେ ଦୀର୍ଘ ୨୦ ଦିନ ଧରି ଟ୍ରାଏଲ୍ସରେ ଭାଗନେଇଥିଲେ। ଏଥିରେ ସେ କିଂବଦନ୍ତୀ କୋଚ୍ ମିରେଲ ଆଲବନଙ୍କୁ ଆକୃଷ୍ଟ କରିବା ପରେ ଅଲିମ୍ପିଆ ଘେରଲା ତାଙ୍କୁ ଚୁକ୍ତିବଦ୍ଧ କରିଥିଲା। ଆଲବନଙ୍କ କଠିନ ପରିଶ୍ରମ ଯୋଗୁଁ ରୋମାନିଆର ଅନ୍ତର୍ଜାତୀୟ ଫୁଟବଲରେ ଢ଼େର ଉତ୍‌ଥାନ ହୋଇଛି। ଏବେ ହର୍ଷିକା ଏହି କ୍ଲବ୍‌ରେ ଏକ ଅଂଶହୋଇ ଯାଇଛନ୍ତି। ଭାରତ ପକ୍ଷରୁ ବାଲା ଦେବୀ, ମନିଷା କଲ୍ୟାଣ ଓ ଅଦିତି ଚୌହାନ ପୂର୍ବରୁ ୟୁରୋପୀୟ କ୍ଲବ୍ ଫୁଟବଲ ଖେଳିସାରିଛନ୍ତି। ଏମାନଙ୍କ ପଦାଙ୍କ ଅନୁସରଣ କରି ହର୍ଷିକା ଏବେ ସଫଳ ହୋଇଛନ୍ତି। ଏଠାରେ ମୋତେ ପରିବାର ସହ ରହିଲା ଭଳି ଲାଗୁଛି ଓ ମୋର ପରିଶ୍ରମର ମୂଲ୍ୟ ମିଳିଛି। କିନ୍ତୁ ଦେଶ ଲାଗି ଖେଳିବା ମୋର ସ୍ୱପ୍ନ ବୋଲି ହର୍ଷିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୁବନେଶ୍ୱରରେ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର,୨୯।୭ (ସମିସ): ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆନୁକୁଲ୍ୟରେ ଚତୁର୍ଥ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱର ନିକଟସ୍ଥ ସମେଇଗାଡିଆରେ ଥିବା ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାର ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ବିଶେଷକରି ୬, ୮, ୧୦ ବର୍ଷରୁ କମ୍ ଓ ଆଡଭାନ୍ସଡ ଲେଭଲରେ ପ୍ରତିଯୋଗିତା ଆୟୋଜିତ ହେବ। ୬ ଓ ୮ ବର୍ଷରୁ କମ୍ ବୟସ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଙ୍ଗ ଟେବଲ, ବାଳିକା ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲନ୍ସିଙ୍ଗ ବିମ୍, ଆଡଭାନ୍ସଡ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଙ୍ଗ ଟେବଲ, ପୋମେଲ ହର୍ସ ଓ ପାରାଲାଲ ବାର୍ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ଜାଣିବା ଲାଗି ଫୋନ୍ ନଂ-୯୪୩୮୫-୦୪୯୧୫ କିମ୍ବା ୯୪୩୭୯-୩୪୦୨୪ ସହ ଯୋଗାଯୋଗ କରିବାକୁ ଶ୍ରୀମତି ଦାସ ଅନୁରୋଧ କରିଛନ୍ତି।

ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍‌ଓଡ଼ିଶା ସ୍ନୁକର

## ପ୍ରି-କ୍ୱାର୍ଟରରେ ସୁବ୍ରତ, ଚିରାଗ, ଅବିନାଶ



ଭୁବନେଶ୍ୱର, ୨୯।୭ (ଏଜେନ୍ସି): ସୁବ୍ରତ ଦାସ, ଚିରାଗ ଆରୋରା ଓ ଅବିନାଶ ମହାପାତ୍ର ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟର ୨ୟ ଦିବସରେ ମଙ୍ଗଳବାର ସୁବ୍ରତ ୩-୨ ଫ୍ରେମରେ ଅବିନାଶଙ୍କୁ, ଚିରାଗ ୩-୦ରେ ରଣଜିତ୍ ପତିଙ୍କୁ ଓ ଅବିନାଶ ୩-୧ରେ ନିଶ୍ଚୟ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ୩ଜଣ ଗ୍ରୁପ୍‌ରେ ୩ଟି ଲେଖାଏ ବିଜୟ ହାସଲ କରି ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।



ସିକ୍କୁନ ଦକ୍ଷିଣ ଶୃଙ୍ଗ

## ଆରୋହଣ କଲେ ପ୍ରଭାସିନି



ଭୁବନେଶ୍ୱର, ୨୯।୭ (ସମିସ): ଓଡ଼ିଶାର ପର୍ବତାରୋହୀ ପ୍ରଭାସିନି ବେହେରା ହିମାଚଳ ପ୍ରଦେଶରେ ଥିବା ୬୦୩୦ ମିଟର ଉଚ୍ଚତା ବିଶିଷ୍ଟ ସିକ୍କୁନ ଦକ୍ଷିଣ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଛନ୍ତି। ୧୬ ଜଣିଆ ଅଭିଯାତ୍ରୀ ଦଳରେ ପ୍ରଭାସିନି ଏକମାତ୍ର ମହିଳା ଥିଲାବେଳେ ତାଙ୍କ ସହ ୬ଜଣ ଜୁଲାଇ ୨୫ରେ ଏହି ଶୃଙ୍ଗ ଶୀର୍ଷରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ସେ ୬,୧୧୧ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ୟୁନମ, ୫୨୮୯ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ଫ୍ରେଣ୍ଡସିପ୍, ମାଉଣ୍ଟ କେଦାରକାନ୍ତ ଓ ଚନ୍ଦ୍ରଶିଳା ପର୍ବତ ଆରୋହଣ କରିବାରେ ସଫଳ ହୋଇଛନ୍ତି। ଢ଼େଙ୍କାନାଳର ବାସିନ୍ଦା ପ୍ରଭାସିନି ଦୁଃସାହସିକ ସଂଗଠନ ଏଏସ୍‌ଏ’ର ସଦସ୍ୟା। ଏହି ସଫଳତା ଲାଗି ତାଙ୍କୁ ଏଏସ୍‌ଏ ପକ୍ଷରୁ ସମ୍ପାଦକ ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା, ବିକ୍ରମ କିଶୋର ଦାସ, ଶକ୍ତିରଞ୍ଜନ ମହାନ୍ତି, ହରେଶ ମିଶ୍ର, ଶିବଶଙ୍କର ପଣ୍ଡା ଓ ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଟି-୨୦ରେ ମହେଶଙ୍କ ଦ୍ରୁତତମ ୫ ୱିକେଟ୍

ତାଲିନ, ୨୯।୭ (ଏଜେନ୍ସି): ଫିନଲାଣ୍ଡର ବୋଲର ମହେଶ ଥାମ୍ବେ ଟି-୨୦ କ୍ରିକେଟ୍‌ରେ ଇତିହାସ ରଚିଛନ୍ତି। ସବୁଠୁ କମ୍ ବଲ୍ ବୋଲିଂ କରି ସେ ଟି-୨୦ରେ ୫ ୱିକେଟ୍ ସଫଳତା ପାଇଛନ୍ତି। ଘରୋଇ ଇସ୍ତୋନିଆ ବିପକ୍ଷରେ ଏଠାରେ ଅନୁଷ୍ଠିତ ଟି-୨୦ ମ୍ୟାଚରେ ଡାହାଣହାତୀ ଦ୍ରୁତ ବୋଲର ମହେଶ ପ୍ରଥମ ୮ଟି ବଲ୍ ମଧ୍ୟରେ ୫ଟି ୱିକେଟ୍ ନେଇଥିଲେ। ମହେଶ ତାଙ୍କ ସ୍ପେଲର ୩ୟ, ୪ର୍ଥ, ୬ଷ୍ଠ, ୭ମ ଓ ୮ମ ବଲ୍‌ରେ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଟି-୨୦ରେ ସବୁଠୁ କମ୍ ବଲ୍ ବୋଲିଂ କରି ୫ ୱିକେଟ୍ ନେବାର ରେକର୍ଡ ବାହାରିନର ଜୁନେଦ ଅଜିଜ୍‌ଙ୍କ ନାମରେ ରହିଥିଲା। ଜୁନେଦ ୨୦୨୨ରେ ଜର୍ମାନୀ ବିପକ୍ଷରେ ମାତ୍ର ୧୦ଟି ବଲ୍ ମଧ୍ୟରେ ୫ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ୨୦୧୭ରେ ଆୟର୍ଲାଣ୍ଡ ବିପକ୍ଷରେ ୧୧ ବଲ୍ ପକାଇ ୫ଟି ୱିକେଟ୍ ହାସଲ କରିଥିଲେ।

## ଦିବ୍ୟା ଦେଶମୁଖ: ବିଶ୍ୱ ଚେସ୍‌ର ନୂଆ ତାରକା

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)



ଭାରତ ନମ୍ବର-୧ ଖେଳାଳି ତଥା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ କୋନେରୁ ହମ୍ପିଙ୍କୁ ହରାଇ ମହାରାଷ୍ଟ୍ର ନାଗପୁରର ଦିବ୍ୟା ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଏହା ସହ ତାଙ୍କୁ ମଧ୍ୟ ପୁରୁଷ ଗ୍ରାଣ୍ଡସ୍ଲାମ୍ ଟାଇଟଲ ମିଳିଛି। ଏହି ସଫଳତା ପରେ ସେ ବିଶ୍ୱର ନୁଆ ଚେସ୍ ତାରକା ଭାବେ ଉଭା ହୋଇଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ୩୮ ବର୍ଷିୟା ହମ୍ପିଙ୍କୁ ହରାଇ ରଚିଛନ୍ତି ନୂଆ ଇତିହାସ। ଚେସ୍ ବିଶ୍ୱକପ୍ ଟାଇଟଲ ଜିତିବା ଫଳରେ ତାଙ୍କୁ ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚେସ୍‌ର ନିୟମ ଅନୁଯାୟୀ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଯିଏ ଚାମ୍ପିଅନ ହେବେ ସିଏ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ବିଜେତା ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ଖେଳିବେ। ଏଥିରେ ଯିଏ ବିଜୟୀ ହେବେ ସିଏ ବିଶ୍ୱର ଶ୍ରେଷ୍ଠ ଖେଳାଳିରେ ରୂପାନ୍ତରିତ ହେବେ।

ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ଓ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ପୂର୍ବରୁ ଦିବ୍ୟା ବିଶ୍ୱର ୧୫ ନମ୍ବର ଖେଳାଳି ହୋଇଥିଲେ। ଏହା ପୂର୍ବରୁ ୨୦୨୪ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ଚୀନର ଉପସ୍ଥିତି ସତ୍ତ୍ୱେ ସେ ଏସିଆନ୍ ଚାମ୍ପିଅନସିପ୍ ଓ ୱାର୍ଲ୍ଡ ୟୁଥ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ମଧ୍ୟ ସେ ଚାମ୍ପିଅନ ହୋଇଥିଲେ। ସେ ଭାରତର ଚତୁର୍ଥ ତଥା ବିଶ୍ୱର ୪୪ତମ ମହିଳା ଖେଳାଳିଭାବେ ଓପନ (ଉଭୟ ପୁରୁଷ ଓ ମହିଳା) ବିଭାଗରେ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସେ ମଧ୍ୟ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର। ଏହା ପୂର୍ବରୁ ତାଙ୍କୁ ଗୋଟିଏ ହେଲେ ଗ୍ରାଣ୍ଡ ମାଷ୍ଟର ନର୍ମ ମିଳିଥିଲା। ନିକଟରେ ଡି ଗୁକେଶ ଭାରତ ପକ୍ଷରୁ ପୁରୁଷ ବିଭାଗରେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଥିଲେ। ଏବେ ବିଶ୍ୱର ପ୍ରଥମ ୧୦ଜଣ ଖେଳାଳିଙ୍କ ମଧ୍ୟରେ ଭାରତର ୪ଜଣ ଖେଳାଳି ରହିଛନ୍ତି। ମୋଟା ମୋଟି ଭାବେ କହିବାକୁ ଗଲେ ଗୁକେଶ ଓ ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତୀୟ ଚେସ୍‌ର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ମହାରାଷ୍ଟ୍ରର ନାଗପୁରଠାରେ ଡାକ୍ତର ଦମ୍ପତି ନମ୍ରତା ଓ ଜିତେନ୍ଦ୍ର ଦେଶମୁଖଙ୍କ କନ୍ୟା ଦିବ୍ୟା ୨୦୦୫ ଡିସେମ୍ବର ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ସ୍କୁଲ ଶିକ୍ଷା ଶେଷ ଗ୍ରହଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS